ଧରିତ୍ରୀ 52 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୮/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Wednesday, February 18/2026 | Page 16 | ₹ 7.00 | DHENKANAL
୫୨ଶ ଭାଗ ୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 86 | ମୂଲ୍ୟ ₹୭/-


ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ମଙ୍ଗଳବାର ଆରମ୍ଭ ହୋଇଥିବାବେଳେ କଟକ ସିଡିଏସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ–୧ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ।

## ଟୋକନ୍ ଲାପ୍ସ ହେବାରୁ ମୂର୍ଚ୍ଛା ହୋଇଗଲେ ଚାଷୀ

ଚନ୍ଦାହାଣ୍ଡି,୧୭।୨(ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ରେ ମଣ୍ଡି ପରିସ୍ଥିତି ସଙ୍ଗିନ। ମାସ ମାସ ଧରି ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହିଥିବାବେଳେ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ମଙ୍ଗଳବାର ଧାନମଣ୍ଡି ଟୋକେନ୍ ଲାପ୍ସ ହୋଇଯିବା ଖବର ଜାଣି ଭେଣ୍ଡିଆ ଗାଁର ଯୁବଚାଷୀ ଚିତ୍ତରଞ୍ଜନ ସାହୁ ଚନ୍ଦାହାଣ୍ଡି ବ୍ଲକ୍ ସିନାପାଲି ଧାନମଣ୍ଡିରେ ବେହୋସ ହୋଇଯାଇଥିଲେ। ଖବରପାଇ କଂଗ୍ରେସ ନେତା ହୁମେଶ୍ୱର ହଂସ ତାଙ୍କୁ ଚନ୍ଦାହାଣ୍ଡି ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଯେତିକି ପାରିବ ସେତିକି

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2025
15th Best in University Category
22nd Best in Engineering Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in

**ସରକାରଙ୍କ ଇଚ୍ଛା**

# ୩୨ ଲକ୍ଷକୁ ଆୟ ବୃଦ୍ଧି

୨୦୪୭ ସୁଦ୍ଧା ରାଜ୍ୟରେ ବାର୍ଷିକ ମୁଣ୍ଡ ପିଛା ଆୟକୁ ୧.୮ ଲକ୍ଷରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାସହିତ ଜୀବନଧାରଣ ମାନରେ ସୁଧାର ଆଣି ବହୁମୁଖୀ ଦାରିଦ୍ର୍ୟକୁ ୫% କମାଇବା, ମହିଳା ଶ୍ରମଶକ୍ତି ଅଂଶଗ୍ରହଣକୁ ୭୦%କୁ ବୃଦ୍ଧି କରିବା, ରକ୍ତହୀନତା ଓ ପୌଷ୍ଟିକ ଅଭାବର ନିରାକରଣ ସହ ଲୋକଙ୍କ ଆୟୁ ସୀମାକୁ ୮୦ ବର୍ଷରୁ ଅଧିକ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ମଙ୍ଗଳବାର ବିଧାନସଭାରେ ଅଭିଭାଷଣ ବେଳେ କହିଛନ୍ତି।

■ ବଜେଟ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ■ କଂଗ୍ରେସ, ବିଜେଡିର କକ୍ଷତ୍ୟାଗ

ଭୁବନେଶ୍ୱର,୧୭।୨(ରବିନାରାୟଣ ଜେନା)

ରାଜ୍ୟ ସରକାର ଭିଜନ–୨୦୩୬ ଓ ୨୦୪୭ ପାଇଁ ଏକ ବିସ୍ତୃତ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି, ଯାହାକି ଓଡ଼ିଶାକୁ ଦେଶର ୩ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରାଇବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଏହି ଭିଜନ ଲକ୍ଷ୍ୟ ରଖିଛି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ମଙ୍ଗଳବାର ବିଧାନସଭାରେ ଅଭିଭାଷଣ ରଖି କହିଛନ୍ତି।

ବଜେଟ ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ତାଙ୍କର ୧ ଘଣ୍ଟା ୪୬ ମିନିଟ୍‌ର ଅଭିଭାଷଣରେ ରାଜ୍ୟର ବିଭିନ୍ନ ବିକାଶମୂଳକ ଚିତ୍ର ରଖିଥିଲେ। ଏହି ଅବସରରେ କଂଗ୍ରେସ ରାଜ୍ୟପାଳଙ୍କ ଅଭିଭାଷଣକୁ ବିଭିନ୍ନ ଦୃଷ୍ଟିରୁ ସମାଲୋଚନା କରିଥିଲା। ରାଜ୍ୟପାଳଙ୍କ ☞ପୃଷ୍ଠା–୪

16001/22/2526
MINISTRY OF ELECTRONICS AND INFORMATION TECHNOLOGY | Digital India | INDIAai
AI IMPACT SUMMIT भारत 2026 INDIA
सर्वजन हिताय | सर्वजन सुखाय
WELFARE FOR ALL | HAPPINESS OF ALL

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
କୃତ୍ରିମ ବୁଦ୍ଧିମତ୍ତାର ଭବିଷ୍ୟତକୁ ଅନୁଭବ କରନ୍ତୁ
ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ ୨୦୨୬
ଓଡ଼ିଶା ପାଭିଲିଅନରେ ଯୋଗଦେଇ ପ୍ରଭାବୀ ନବସୃଜନ, ବିବର୍ତ୍ତନକାରୀ ଡିଜିଟାଲ୍ ସମାଧାନ ଏବଂ ଭାଗିଦାରୀ ସୁଯୋଗ ସୃଷ୍ଟି ସହ ଏଆଇ ଚାଳିତ ଓଡ଼ିଶା ବିକାଶର ପରିକଳ୍ପନାକୁ ପ୍ରତ୍ୟକ୍ଷରେ ଅନୁଭବ କରନ୍ତୁ
ଓଡ଼ିଶା ପାଭିଲିଅନ ପରିଦର୍ଶନ କରନ୍ତୁ
୧୬-୨୦ ଫେବୃଆରୀ ୨୦୨୬
ହଲ୍ ନଂ. ୫, ପ୍ରଥମ ମହଲା, ଭାରତ ମଣ୍ଡପମ୍, ନୂଆଦିଲ୍ଲୀ, ଭାରତ
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର
OIPR-16001/16003/2/25-26/0018



କୋଲକାତାରେ ମଙ୍ଗଳବାର ଚାନ୍ଦ୍ର ନବବର୍ଷ ପାଳନରେ ଚାଇନାର ଲୋକମାନେ ଅଂଶଗ୍ରହଣ କରିଛନ୍ତି। ଚାନ୍ଦ୍ର ନବବର୍ଷକୁ ଚାଇନା ନବବର୍ଷ ବୋଲି ମଧ୍ୟ କୁହାଯାଇଥାଏ।

# ଶପଥ ନେଲେ ତାରିକ୍ ରହମାନ

## କ୍ୟାବିନେଟ୍‌ରେ ୪୯ମନ୍ତ୍ରୀ ସାମିଲ, ହିନ୍ଦୁ ନେତାଙ୍କୁ କ୍ୟାବିନେଟ୍ ପାହ୍ୟା

ଢାକା,୧୭।୨

ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନ୍‌ପି) ମୁଖ୍ୟ ତାରିକ୍ ରହମାନ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବାଂଲାଦେଶ ନ୍ୟାଶନାଲ୍ ପାର୍ଲାମେଣ୍ଟ ବିଲ୍ଡିଂର ସାଉଥ ବ୍ଲକ୍‌ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏବଂ ଦେଶ ବିଦେଶରୁ ଆଗତ ୧୨୦୦ରୁ ଅଧିକ ଅତିଥିଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ମହମ୍ମଦ ଶାହବୁଦ୍ଦିନ ରହମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହାପୂର୍ବରୁ ବିଏନ୍‌ପିର ସମସ୍ତ ନିର୍ବାଚିତ ଏମ୍‌ପି ରହମାନଙ୍କୁ ସଂସଦୀୟ ଦଳର ନେତା ନିର୍ବାଚିତ କରିଥିଲେ। ପରେ ମୁଖ୍ୟ ନିର୍ବାଚନ କମିଶନର ଏମ୍‌ପିମାନଙ୍କୁ ଶପଥପାଠ କରାଇଥିଲେ। ରହମାନଙ୍କ ବ୍ୟତୀତ ୨୫ କ୍ୟାବିନେଟ୍ ଏବଂ ୨୪ ରାଷ୍ଟ୍ରମନ୍ତ୍ରୀ ଶପଥ ନେଇଛନ୍ତି। ହିନ୍ଦୁ ଏମ୍‌ପି ନତାଇ ରାୟ ଚୌଧୁରୀଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି। ଗତ ୧୮ ମାସ ଧରି କାର୍ଯ୍ୟ କରିଆସିଥିବା ଅନ୍ତରୀଣ ସରକାରର ଅନ୍ତ ହୋଇଛି।

ତାରିକ୍ ରହମାନ ପ୍ରଧାନମନ୍ତ୍ରୀ ହେବା ପରେ ବାଂଲାଦେଶର ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡିହୋଇଛି। ପ୍ରାୟ ୩୦ ବର୍ଷ ପରେ ରହମାନ ପ୍ରଥମ ପୁରୁଷ ପ୍ରଧାନମନ୍ତ୍ରୀ



ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହିତ ସଂସ୍କାରଭିତ୍ତିକ ପରିବର୍ତ୍ତନ ଆଣି ଦେଶକୁ ନୂଆ ଦିଶା ଦେବାକୁ ଅଗ୍ରାଧିକାର ଦେବେ ବୋଲି ସେ କହିଛନ୍ତି। ଶପଥପାଠ ଉତ୍ସବରେ ବିଭିନ୍ନ ଦେଶରୁ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲାବେଳେ ଭାରତ ପକ୍ଷରୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପ୍ରତିନିଧିତ୍ୱ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହମାନଙ୍କୁ ଅଭିନନ୍ଦନ ଜଣାଇ ଭାରତ ଆସିବାକୁ ଆମନ୍ତ୍ରଣ ଜଣାଇଛନ୍ତି।

# ୩ ଘଣ୍ଟାରେ ବୈଠକ ଶେଷ, ଫଳ ଶୂନ

## ଆମେରିକା ଇରାନକୁ ଧ୍ୱଂସ କରିପାରିବ ନାହିଁ କହିଲେ ଖାମ୍‌ନେଇ

ଜେନେଭା,୧୭।୨

ଆମେରିକା-ଇରାନ ଯୁଦ୍ଧ ଆଶଙ୍କା ମଧ୍ୟରେ ଉଭୟ ପକ୍ଷଙ୍କ ଭିତରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ମଙ୍ଗଳବାର ଜେନେଭାରେ ଶେଷ ହୋଇଛି। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଉଭୟ ପକ୍ଷର ପ୍ରତିନିଧି ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରିଥିଲେ ମଧ୍ୟ ଏହି ବୈଠକର କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ଲାଗି ଆସିଥିବା ବିବାଦର ସମାଧାନ ପାଇଁ ବୈଠକରେ ଆଲୋଚନା ହୋଇଥିଲେ ହେଁ ଏଦିଗରେ କୌଣସି ପକ୍ଷ ସକାରାତ୍ମକ ନିଷ୍ପତ୍ତି ନେଇ ନାହାନ୍ତି ବୋଲି ଇରାନର ଇଣ୍ଟରନ୍ୟାଶନାଲ କ୍ରାଏସିସ୍ ଗ୍ରୁପ୍ ପ୍ରକଳ୍ପ ନିର୍ଦ୍ଦେଶକ ଅଲ୍ଲୀ ଭେଜ୍ କହିଛନ୍ତି। ଇରାନର ୨୦୧୫ ଆଣବିକ ଚୁକ୍ତିକୁ ନେଇ ଗତ ଅଢ଼େଇ ବର୍ଷ ହେଲା ଆମେରିକା ସହ ବିବାଦ ଲାଗି ରହିଛି। ଏହି ବିବାଦକୁ ମାତ୍ର ୩ ଘଣ୍ଟା ମଧ୍ୟରେ କିଭଳି ସମାଧାନ



କରାଯାଇପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଣବିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିବା ଆବଶ୍ୟକତା ରହିଥିଲା ବେଳେ ଏଥିପାଇଁ କାହାରି ଧୈର୍ଯ୍ୟ ନାହିଁ। ତେଣୁ ଏହି ବୈଠକରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ ବୋଲି ସେ ପରୋକ୍ଷରେ ସୂଚିତ କରିଛନ୍ତି। ବିଶେଷକରି ଆଣବିକ କାର୍ଯ୍ୟକ୍ରମ ଆଲୋଚନା ପ୍ରକ୍ରିୟାରେ କଟକଣା ହଟାଇବା ଲାଗି ଇରାନ ବଡ଼ ସର୍ତ୍ତ ରଖିଥିଲା ବେଳେ ଏଥିପାଇଁ ଆମେରିକା କିଛି ସ୍ପଷ୍ଟ କରୁନାହିଁ ; ଯେଉଁଥିପାଇଁ ସମାଧାନ ବାହାରିବା କଷ୍ଟକର ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ବୈଠକକୁ ନେଇ ଆମେରିକା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନଥିଲା ବେଳେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମ୍‌ନେଇ କହିଛନ୍ତି, ଆମେରିକା ଇରାନକୁ ଧ୍ୱଂସ କରିପାରିବ ନାହିଁ। ଆଲୋଚନା ଚାଲିଥିଲା ବେଳେ ଇରାନ ସେନା ପକ୍ଷରୁ ହାର୍ମୁଜ୍ ପ୍ରଣାଳୀରେ ସାମରିକ ଡ୍ରିଲ୍ କରାଯିବା ସହିତ ୫ରୁ ଅଧିକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଇରାନକୁ ଯୁଦ୍ଧ ଧମକ ଦେଇ ଆସିଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପରେ ଯୁଦ୍ଧ ଆଶଙ୍କା ଦୂରହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଭଳି କିଛି ହୋଇନାହିଁ। ଏଭଳି ସ୍ଥିତିରେ ଆମେରିକା କି ଆଭିମୁଖ୍ୟ ଗ୍ରହଣ କରିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ୨୨ରେ ଭାଜପାରେ ମିଶିବେ ଭୂପେନ ବୋରା: ହିମନ୍ତ

ଗୁଆହାଟୀ,୧୭।୨

ଆସାମର ପୂର୍ବତନ କଂଗ୍ରେସ ସଭାପତି ଭୂପେନ ବୋରା ସୋମବାର କଂଗ୍ରେସରୁ ଇସ୍ତଫା ଦେବାର କିଛି ସମୟ ପରେ ଇସ୍ତଫା ଫେରାଇ ନେଇଥିବା ଦଳ ପକ୍ଷରୁ କୁହାଯାଇଥିଲା। ଭୂପେନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର ବଡ଼ ଟିପ୍ପଣୀ ଦେଇଛନ୍ତି। ଭୂପେନ ଆସନ୍ତା ୨୨ରେ ଭାଜପାରେ ସାମିଲ ହେବାକୁ ଯାଉଥିବା ହିମନ୍ତ କହିଛନ୍ତି। ଆସାମ ରାଜନୀତିରେ ଭୂପେନଙ୍କ ଭଳି ଜଣେ ଅଗ୍ରଣୀ ନେତାଙ୍କ ଭୂମିକା ଯଥେଷ୍ଟ ରହିଛି। ତେବେ ବିଧାନସଭା ପୂର୍ବରୁ ତାଙ୍କ ପକ୍ଷ ପରିବର୍ତ୍ତନ କଂଗ୍ରେସ ପାଇଁ ଧକ୍କା ହୋଇପାରେ ବୋଲି କୁହାଯାଉଛି। ଦୀର୍ଘ ୩୨ ବର୍ଷ ପରେ ଭୂପେନ କଂଗ୍ରେସ ଛାଡିବାକୁ କାହିଁକି ନିଷ୍ପତ୍ତି ନେଲେ ସେ ସମ୍ପର୍କରେ ଦଳ ଚିନ୍ତା କରିବା ଉଚିତ ବୋଲି ହିମନ୍ତ କହିଛନ୍ତି।

## ଖାଇବର ପାଖ୍‌ତୁନଖ୍ୱାରେ ଘାତକ ଆକ୍ରମଣ: ୧୪ ସୈନ୍ୟଙ୍କ ସମେତ ୧୭ ମୃତ

ପେଶାୱର,୧୭।୨

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଆତଙ୍କବାଦୀଙ୍କ ବୋମା ଆକ୍ରମଣ ଏବଂ ଗୁଳିମାଡ଼ ଘଟିଛି। ଏଥିରେ ଅନ୍ୟୁନ ୧୪ ଜଣ ସୁରକ୍ଷା କର୍ମୀ ଏବଂ ୩ ସାଧାରଣ ନାଗରିକ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଛୋଟ ପିଲା ରହିଛି। ଚେକ୍ ପଏଣ୍ଟ ଏବଂ ଥାନାକୁ ଟାର୍ଗେଟ କରି ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ବଜାଉର ଜିଲାରେ ସେମାନେ ଏକ ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ଚେକ୍ ପଏଣ୍ଟ ନିକଟବର୍ତ୍ତୀ ଏକ କାନ୍ଥକୁ ଧକ୍କା ଦେବାରୁ ୧୧ ସୁରକ୍ଷା କର୍ମୀ ଓ ଜଣେ ବାଳିକା ପ୍ରାଣ ହରାଇଛନ୍ତି। ବନ୍ନୁ ସହରରେ ଏକ ରିକ୍ସାରେ ଖଞ୍ଜାଯାଇଥିବା ବୋମା ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭ ଆହତ ହୋଇଛନ୍ତି। ସାଙ୍ଗ୍‌ଲା ଜିଲାରେ ତଲାସି ଅଭିଯାନ ବେଳେ ୩ ପୋଲିସ ଏବଂ ୩ ଆତଙ୍କବାଦୀ ନିହତ ହୋଇଛନ୍ତି।

## ଏଆଇ ସମିଟ୍‌ରେ ଅବ୍ୟବସ୍ଥା: କ୍ଷମା ମାଗିଲେ ଅଶ୍ୱିନୀ

ନୂଆଦିଲ୍ଲୀ,୧୭।୨(ପି.ଟି.)

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍, ୨୦୨୬ର ଉଦ୍‌ଘାଟନ ଦିବସରେ ଅବ୍ୟବସ୍ଥା ଯୋଗୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିବାରୁ ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କ୍ଷମା ମାଗିଛନ୍ତି। ଏତେ ସଂଖ୍ୟାରେ ଲୋକଙ୍କ ଆଗମନ ଅସାଧାରଣ ଥିଲା ବୋଲି ମନ୍ତ୍ରୀ କହିଛନ୍ତି। ଅସ୍ପଷ୍ଟ ନିର୍ଦ୍ଦେଶାବଳୀ ସାଙ୍ଗକୁ ମୋବାଇଲ୍ ଡାଟା ସଂଯୋଗ ସମସ୍ୟା ସୃଷ୍ଟି କରିଥିଲା। ସୋମବାର ୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଲୋକଙ୍କ ମଧ୍ୟରେ ଅତ୍ୟଧିକ ଆଗ୍ରହ ସୃଷ୍ଟି ହୋଇଥିଲା। ଯଦି କେହି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେଥିପାଇଁ କ୍ଷମା ମାଗୁଛି ବୋଲି ସମିଟ୍ ସ୍ଥଳ ଭାରତ ମଣ୍ଡପମ୍‌ଠାରେ ଏକ ଖବରଦାତା ସମ୍ମିଳନୀରେ ଅଶ୍ୱିନୀ କହିଛନ୍ତି।

## 'ରାଜନେତାଙ୍କୁ ଭ୍ରାତୃଭାବ ବଢ଼ାଇବାକୁ ହେବ'

### ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୧୭।୨(ପି.ଟି.)

ରାଜନେତାମାନଙ୍କୁ ଦେଶରେ ଭ୍ରାତୃଭାବ ବଢ଼ାଇବାକୁ ହେବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ପିଟିଶନ୍‌ର ଶୁଣାଣି ଅବସରରେ ଟିପ୍ପଣୀ ଦେଇଛନ୍ତି। ଶିକ୍ଷାବିତ୍ ରୂପରେଖା ବର୍ମାଙ୍କ ସମେତ ପିଟିଶନ ଦାଖଲ କରିଥିବା ୧୨ ଜଣଙ୍କୁ ରାଜନୈତିକ ବକ୍ତୃତାର ଗାଇଡ୍‌ଲାଇନ ପାଇଁ ସାନି ଆବେଦନ କରିବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ଭ୍ରାତୃଭାବ ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରଭାବିତ କରୁଥିବା ଅଭିଯୋଗ ରହିଥିବା ଭାଷଣ ଉପରେ ଖବର ପ୍ରକାଶ ବେଳେ ରାଜନେତା ଏବଂ ଗଣମାଧ୍ୟମ ନିମନ୍ତେ ମାର୍ଗଦର୍ଶିକା ଜାରି ପାଇଁ ଦାଏର ଜନସ୍ୱାର୍ଥ ମାମଲା(ପିଆଇଏଲ୍)କୁ ବିଚାର ଲାଗି ଗ୍ରହଣ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଘୃଣିତ ଭାଷଣ ପରିପ୍ରେକ୍ଷୀରେ ପିଟିଶନ ଦାଖଲ ହୋଇଥିବାବେଳେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏହା ଉପରେ ଯୁକ୍ତି ରଖିଥିଲେ। ହିମନ୍ତ ମୁସଲମାନ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଲକ୍ଷ୍ୟକରି ରାଇଫଲରେ ଗୁଳି ଚଳାଇବାକୁ ଲକ୍ଷ୍ୟ ଲଗାଉଥିବା ଏକ ଭାଇରାଲ ଭିଡିଓକୁ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାଏର ପିଟିଶନ୍‌କୁ ସିଜେଆଇଙ୍କ ଖଣ୍ଡପୀଠ ସୋମବାର ଅଗ୍ରାହ୍ୟ କରିଦେଇଥିଲେ। ପରିବେଶ ବିଷାକ୍ତ ହୋଇଯାଇଥିବା ସିବଲ ମଙ୍ଗଳବାର କହିବା ସହ ରାଜନୈତିକ ଭାଷଣ ଉପରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ନିମନ୍ତେ ମାର୍ଗଦର୍ଶିକା ଆଣିବାକୁ ନିବେଦନ କରିଥିଲେ।

## ଭାରତ, ଫ୍ରାନ୍ସ ମଧ୍ୟରେ ୨୧ ଚୁକ୍ତିନାମା ସ୍ୱାକ୍ଷର

ନୂଆଦିଲ୍ଲୀ/ମୁମ୍ବାଇ,୧୭।୨(ପି.ଟି.)

ଭାରତ ଏବଂ ଫ୍ରାନ୍ସ ସେମାନଙ୍କ ସମ୍ପର୍କକୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ବୈଶ୍ୱିକ ରଣନୀତିକ ଭାଗୀଦାରିତାରେ ପରିବର୍ତ୍ତନ କରିଛନ୍ତି। ପ୍ରତିରକ୍ଷା, ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଆଦି ପ୍ରମୁଖ ସେକ୍ଟରରେ ସହଯୋଗ ବଢ଼ାଇବାକୁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଭୂରାଜନୈତିକ ଅସ୍ଥିରତା ବଢ଼ିଚାଲିଥିବାବେଳେ ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ 'ବୈଶ୍ୱିକ ସ୍ଥିରତା ପାଇଁ ଶକ୍ତି' ବୋଲି କହିଛନ୍ତି।

ଭାରତ ଗସ୍ତରେ ଆସିଥିବା ମାକରଁ ମୁମ୍ବାଇରେ ମୋଦିଙ୍କ ସହ ବୈଠକ ପରେ କର୍ନାଟକର ଭେମାଗଲଠାରେ ଏୟାରବସ୍ ଏଚ୍୧୨୫ ହେଲିକପ୍ଟରର ଆସେମ୍ବ୍ଲି ଲାଇନ୍‌କୁ ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଭାରତର ଏରୋସ୍ପେସ୍ ନିର୍ମାଣ ସାମର୍ଥ୍ୟ ବଢ଼ାଇବ ବୋଲି ଆଶା କରାଯାଉଛି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ମୋଟ ୨୧ ଚୁକ୍ତିନାମା ଓ ଦସ୍ତାବିଜ୍ ସ୍ୱାକ୍ଷର ହୋଇଛି, ଯାହା ଭାରତ ଓ ଫ୍ରାନ୍ସ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ଆଦି କ୍ଷେତ୍ରରେ ସହଯୋଗକୁ ଅଧିକ ନିବିଡ଼ କରିବ।



ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଗତ କରୁଛନ୍ତି।

## ଜେସି ଜ୍ୟାକ୍‌ସନ୍‌ଙ୍କ ପରଲୋକ

ୱାଶିଂଟନ୍,୧୭।୨

ଆମେରିକାରେ ନାଗରିକ ଏବଂ ସାମ୍ବିଧାନିକ ଅଧିକାରକୁ ନେଇ ଦୀର୍ଘଦିନ ଧରି ଲଢ଼େଇ କରିଆସିଥିବା ବିପ୍ଳବୀ ନେତା ଜେସି ଜ୍ୟାକ୍‌ସନ୍‌ଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଛି। ଜେସିଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କେବଳ ଆମେରିକା



ପାଇଁ ନୁହେଁ, ସାରା ବିଶ୍ୱରେ ଅବହେଳିତ ଏବଂ ନିଷ୍ପେଷିତ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରିବାକୁ ଜେସି ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକାରେ ଅଶ୍ୱେତ ଏବଂ ଅନ୍ୟ ବର୍ଗର ନିଷ୍ପେଷିତ ଲୋକଙ୍କ ଅଧିକାର ପାଇଁ ୬୦ ଦଶକରେ ଆରମ୍ଭ ହୋଇଥିବା ଆନ୍ଦୋଳନରେ ଜେସି ସଂଶ୍ଳିଷ୍ଟ ରହିବା ସହିତ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟରଙ୍କ ସହ ଅତ୍ୟନ୍ତ ଘନିଷ୍ଠ ଥିଲେ। ସେ ଡେମୋକ୍ରାଟ୍ ଦଳ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ୨ଥର ନାମାଙ୍କନ କରିଥିଲେ।

## 'ରାମାୟଣ' ପାଇଁ ଏ.ଆର୍. ରହମାନଙ୍କ ଡିଜିଟାଲ ବ୍ରେକ୍

ମୁମ୍ବାଇ



'ରାମାୟଣ' ଚଳଚ୍ଚିତ୍ରର ସଙ୍ଗୀତକୁ ନେଇ ଏବେ ଚର୍ଚ୍ଚାରେ ଓସ୍କାର ବିଜେତା ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମାନ। ନୀତେଶ ତିୱାରୀଙ୍କ ଆଗାମୀ ମେଗା ପ୍ରୋଜେକ୍ଟ 'ରାମାୟଣ'ର ସଙ୍ଗୀତ କାର୍ଯ୍ୟରେ ସେ ସମ୍ପୂର୍ଣ୍ଣ ମନୋନିବେଶ ପାଇଁ ୪୦ ଦିନିଆ 'ଡିଜିଟାଲ ବ୍ରେକ୍' ନେଇଛନ୍ତି। ମାର୍ଚ୍ଚରେ 'ରାମାୟଣ'ର କଳାକାର ଓ ବୈଷୟିକ ଟିମ୍‌କୁ ସାର୍ବଜନୀନ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ସମୟ ପୂର୍ବରୁ ସଙ୍ଗୀତ କାର୍ଯ୍ୟ ଶେଷ କରିବାକୁ ରହମାନ ନିଜକୁ ବାହ୍ୟ ଦୁନିଆରୁ ଦୂରେଇ ରଖିଛନ୍ତି।

## ଅଜିତ ପାୱାରଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବିକଲା ଏନ୍‌ସିପି

### ଦୁର୍ଘଟଣାଗ୍ରସ୍ତ ବିମାନର ଉଭୟ ଫ୍ଲାଇଟ୍ ରେକର୍ଡର ନଷ୍ଟ ହୋଇଛି: ମନ୍ତ୍ରଣାଳୟ

ନୂଆଦିଲ୍ଲୀ/ମୁମ୍ବାଇ,୧୭।୨

ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଗତ ମାସ ୨୮ରେ ବାରାମତିଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ତାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ବିମାନର ଉଭୟ ଫ୍ଲାଇଟ୍ ରେକର୍ଡର ନିଆଁରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମଙ୍ଗଳବାର କହିଛି। ଘଟଣାର ସିବିଆଇ ତଦନ୍ତ ପାଇଁ ରାଷ୍ଟ୍ରୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଦାବି କରିଛି। ଅଜିତଙ୍କ ସ୍ତ୍ରୀ ସୁନେତ୍ରା ପାୱାର, ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫୁଲ୍ଲ ପଟେଲ, ରାଜ୍ୟ ସଭାପତି ସୁନିଲ ଟଟକାରେ, ମହାରାଷ୍ଟ୍ର ଡାକ୍ତରୀ ଶିକ୍ଷାମନ୍ତ୍ରୀ ହାସନ ମୁଶ୍ରିଫ୍ ଏବଂ ଯୁବନେତା ପାର୍ଥ ପାୱାରଙ୍କ ସମେତ ବରିଷ୍ଠ ନେତାମାନଙ୍କ ଏକ



ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଭେଟି ସିବିଆଇ ତଦନ୍ତ ଦାବିକରି ସ୍ମାରକପତ୍ର ଦେଇଛନ୍ତି। ଦୁର୍ଘଟଣା ଦିନରୁ ଏହାକୁ ନେଇ ରାଜନୈତିକ ବିବାଦ ଲାଗିରହିଛି। ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ରହିଥିବା ନେଇ ଏନ୍‌ସିପି(ଏସ୍‌ପି), ଶିବସେନା (ୟୁବିଟି) ଏବଂ କଂଗ୍ରେସ ଅଭିଯୋଗ କରିଆସୁଛନ୍ତି।

ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଲିଅରଜେଟ୍ ୪୫ ବିମାନ ଭିଟି-ଏସ୍‌ଏସ୍‌କେ ଦୁର୍ଘଟଣାର ସବିଶେଷ ତଦନ୍ତ କରିଛି। ଦୁର୍ଘଟଣା ପରେ ଫୋରେନ୍‌ସିକ୍ ବିଶେଷଜ୍ଞମାନଙ୍କ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଦୀର୍ଘ ସମୟ ଧରି ଅତ୍ୟଧିକ ଉତ୍ତାପ ଯୋଗୁ ୨ଟି ଯାକ ଫ୍ଲାଇଟ୍ ରେକର୍ଡର ନଷ୍ଟ ହୋଇଯାଇଥିବା ମନ୍ତ୍ରଣାଳୟ କହିଛି।

## ଶିବରାତ୍ରିରେ ୧୩ ହଜାର ଟଙ୍କାରେ ନିଲାମ ହେଲା ଲେମ୍ବୁ

ଚେନ୍ନାଇ,୧୭।୨

ତାମିଲନାଡୁରେ ରବିବାର ଶିବରାତ୍ରି ଅବସରରେ ଏକ ମନ୍ଦିରରେ ଗୋଟିଏ ଲେମ୍ବୁ ୧୩ ହଜାର ଟଙ୍କାରେ ନିଲାମ ହୋଇଛି। ଇରୋଡ୍ ଜିଲାର ପଲମଦିନ କୁରୁପା ଈଶ୍ୱରନ୍ ମନ୍ଦିରରେ ଶିବରାତ୍ରିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୂର୍ବ ପରମ୍ପରା ଅନୁସାରେ ଦେବାଦେବୀଙ୍କୁ ଏକ ରୁପା ମୁଦି, ରୁପା ମୁଦ୍ରା ସହିତ ଏକ ଲେମ୍ବୁ ଦିଆଯାଇ ଅର୍ଚ୍ଚନା କରାଯାଇଥିଲା। ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିବା ଏହି ଲେମ୍ବୁକୁ ଭକ୍ତମାନେ ଅତ୍ୟନ୍ତ ଗୁରୁତ୍ୱ ଦେଇ ଆସିଥିଲାବେଳେ ଏହାକୁ ୧୩ ହଜାର ଟଙ୍କାରେ ଜଣେ ଭକ୍ତ ନିଲାମରେ କିଣିଥିବା ଜଣାପଡ଼ିଛି।

## ଆଜିଠାରୁ +୨ ପରୀକ୍ଷା

### ପରୀକ୍ଷା ଦେବେ ୪,୦୧,୬୨୩ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)

ରାଜ୍ୟରେ ବୁଧବାରଠାରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। ଏହା ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଚାଲିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ଏହି ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରଥମ ଦିନ ବିଜ୍ଞାନ ବର୍ଗ ଛାତ୍ରୀଛାତ୍ରମାନେ ମାତୃଭାଷା ପରୀକ୍ଷା ଦେବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଅଧଘଣ୍ଟା ପୂର୍ବରୁ ପରୀକ୍ଷାକେନ୍ଦ୍ରକୁ ଛାତ୍ରୀଛାତ୍ରମାନେ ପ୍ରବେଶ କରିବେ। ପରୀକ୍ଷା ଆରମ୍ଭର ୧୦ ମିନିଟ୍ ପୂର୍ବରୁ ଉତ୍ତରଖାତା ଦିଆଯିବ। ପ୍ରଶ୍ନପତ୍ରରେ ଯଦି କୌଣସି ସମସ୍ୟା କିମ୍ବା ତ୍ରୁଟି ରହିଥିବ, ତେବେ ତୁରନ୍ତ ପରୀକ୍ଷକଙ୍କୁ ଅବଗତ କରାଇବାକୁ ସୂଚନା ଦିଆଯାଇଛି।

ପରୀକ୍ଷା ପୂର୍ବରୁ କଡ଼ା ସୁରକ୍ଷା ମଧ୍ୟରେ ମୋଟ ୨୧୧ଟି ହବ୍‌ରେ ପ୍ରଶ୍ନପତ୍ର ରହିଛି। ହବ୍‌ରୁ ସମସ୍ତ ପ୍ରଶ୍ନପତ୍ର ପ୍ୟାକେଟ ସକାଳ ସାଢ଼େ ୮ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଯୁକ୍ତ ୨ ପରୀକ୍ଷାରେ କପିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରବେଶ ପଥରେ ହିଁ ଛାତ୍ରୀଛାତ୍ରଙ୍କୁ ଦୁଇସ୍ତରରେ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବ। ପରୀକ୍ଷା କେନ୍ଦ୍ର ଭିତରକୁ ଯେପରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯାଇ ନ ପାରିବ, ସେଥିପାଇଁ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱତନ୍ତ୍ର କନାରେ ତିଆରି କୋଠରିରେ ଛାତ୍ରୀଙ୍କୁ ମହିଳା ଓ ଛାତ୍ରଙ୍କୁ ପୁରୁଷ ପରୀକ୍ଷା ନିରୀକ୍ଷକମାନେ ଯାଞ୍ଚ କରିବେ। ପରୀକ୍ଷା ସହ ଜଡ଼ିତ ନ ଥିବା କୌଣସି ବ୍ୟକ୍ତି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିପାରିବେ ନାହିଁ। ପରୀକ୍ଷାର ଅଧଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ହଲ୍‌କୁ ଯିବେ। ଚଳିତବର୍ଷ ମୋଟ ୪ ଲକ୍ଷ ୧ ହଜାର ୬୨୩ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୭୦୭, ବାଣିଜ୍ୟରେ ୨୪ ହଜାର ୬୨୧, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ ପିଲା ପରୀକ୍ଷା ଦେବେ।




ସୁଇଜରଲାଣ୍ଡର ଜେନେଭାରେ ମଙ୍ଗଳବାର ଆମେରିକା ଓ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଣବିକ ଆଲୋଚନା ଚାଲିଥିବାବେଳେ ଲୋକେ ପ୍ରାକ୍-ଇରାନ୍ ବିପ୍ଳବ ସମୟର 'ସିଂହ ଓ ସୂର୍ଯ୍ୟ' ପତାକା ଧରି ତେହରାନ୍ ସପକ୍ଷରେ ବିକ୍ଷୋଭ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)


# ସିବିଏସ୍ଇ ୧୦ମ ପରୀକ୍ଷାରୁ ଛାତ୍ର ବଞ୍ଚିତ

### ପରିଚୟ ପତ୍ର ମିଳିଲା, ଆଡ୍‌ମିଟ୍ କାର୍ଡ ଦେଲେନି

ପାରଳାଖେମୁଣ୍ଡି,୧୭।୨(ଗିରିଧାରୀ ପରିଚ୍ଛା)

ସିବିଏସ୍ଇ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ହେଲେ ଏକ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଗଜପତି ଜିଲା କାଶୀନଗରରେ ଜଣେ ଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଛାତ୍ରଙ୍କୁ ପରୀକ୍ଷା ଦେବାକୁ ଆଡ୍‌ମିଟ କାର୍ଡ ନ ମିଳିବାରୁ ସେ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲା ଶିକ୍ଷାଧିକାରୀ(ଡିଇଓ) ମାୟାଧର ସାହୁଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ବିଦ୍ୟାଳୟରେ କେବଳ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଇବାର ଅନୁମତି ରହିଛି ବୋଲି କହିଛନ୍ତି। ହେଲେ ଅଭିଯୋଗକାରୀ ଛାତ୍ର ଉକ୍ତ ସ୍କୁଲର ପରିଚୟ ପତ୍ର ପାଇ ସେଠାରେ ୧୦ମ ଶ୍ରେଣୀରେ ପଢୁଥିଲେ ଏବଂ ପରୀକ୍ଷା ପାଇଁ ଫର୍ମ ଫିଲପ୍ କରିଥିବା ଅଭିଯୋଗ କରିଛନ୍ତି।

କାଶୀନଗରସ୍ଥିତ ସ୍ମାର୍ଟ ପବ୍ଲିକ ସ୍କୁଲରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୫୩ ପିଲା ପଢୁଛନ୍ତି। ଅଷ୍ଟମ ଶ୍ରେଣୀରେ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୭। ୨୦୨୩-୨୪ରେ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଛାତ୍ର କେ. ଅଜୟ କୁମାର ସେହି ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ପଢ଼ି ବାର୍ଷିକ ପରୀକ୍ଷା ଦେବାକୁ ପ୍ରସ୍ତୁତ ହୋଇଥିଲେ। ତାଙ୍କ ନିକଟରେ ସ୍ମାର୍ଟ ସ୍କୁଲର ପରିଚୟ ପତ୍ର(ଆଇ କାର୍ଡ) ମଧ୍ୟ ରହିଛି। ଆପାର ଆଇଡି ପ୍ରସ୍ତୁତ ପାଇଁ ସ୍କୁଲ ପକ୍ଷରୁ ତାଙ୍କଠାରୁ ସମସ୍ତ




ଡକ୍ୟୁମେଣ୍ଟ ମଧ୍ୟ ନିଆଯାଇଛି। ଦଶମ ଶ୍ରେଣୀ ପରୀକ୍ଷା ନିମନ୍ତେ ଫର୍ମ ଫିଲପ ପାଇଁ ଆଧାର କାର୍ଡ ଜେରକ୍ସ ଓ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ଡକ୍ୟୁମେଣ୍ଟ ସ୍କୁଲକୁ ଦିଆଯାଇଥିଲା। ଛାତ୍ରଙ୍କୁ ଠିକ୍ ସମୟରେ ଆଡ୍‌ମିଟ କାର୍ଡ ଦିଆଯିବ ବୋଲି କୁହାଯାଇଥିଲା। ତେବେ ସୋମବାର ଆଧାର କାର୍ଡରେ ତ୍ରୁଟି ଦର୍ଶାଇ ଫର୍ମ ପୂରଣ ହୋଇ ପାରି ନ ଥିବା ସ୍କୁଲ କର୍ତ୍ତୃପକ୍ଷ କହିଥିବା ଜିଲାପାଳଙ୍କ ନିକଟରେ ଛାତ୍ର ଅଜୟଙ୍କ ମା' ଅଭିଯୋଗ କରିଛନ୍ତି। ଜିଲାପାଳ ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ଡିଇଓ ସାହୁଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଡିଇଓ ସାହୁ ଘଟଣାର ତଦନ୍ତ କରିଥିବାବେଳେ ସ୍ମାର୍ଟ ପବ୍ଲିକ ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ପାଠପଢ଼ା ବ୍ୟବସ୍ଥା ନ ଥିବା ଜାଣିବାକୁ ପାଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ କିଭଳି ଜଣେ ଛାତ୍ରଙ୍କୁ ନବମ ଓ ଦଶମ ଶ୍ରେଣୀ ପଢ଼ିବାକୁ ସୁଯୋଗ ଦେଲେ ଏବଂ ତାଙ୍କୁ ପରିଚୟପତ୍ର ପ୍ରଦାନ କଲେ ତାକୁ ନେଇ ତଦନ୍ତ ଜାରି ରହିଛି ବୋଲି ଡିଇଓ କହିଛନ୍ତି। ଛାତ୍ରଙ୍କ ମା'ଙ୍କ କହିଛନ୍ତି। ସ୍ମାର୍ଟ ପବ୍ଲିକ ସ୍କୁଲରେ ପାସ୍ କରିବା ପରେ ଆମେ ପୁଅକୁ ସେହି ସ୍କୁଲ୍‌ରେ ପଢ଼ାଉ ଥିଲୁ। ସେଠାରେ ନବମ ଓ ଦଶମ ଶ୍ରେଣୀ ନାହିଁ ବୋଲି ଆମେ ଜାଣି ନ ଥିଲୁ। ପୁଅକୁ ଉକ୍ତ ସ୍କୁଲରୁ ପରିଚୟପତ୍ର ମିଳିଛି। ଆମେ ୧୦ମ ପରୀକ୍ଷା ପାଇଁ ଫର୍ମ ଫିଲପ୍ ମଧ୍ୟ କରିଥିଲୁ। ହେଲେ ଶେଷରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଆମ ପୁଅକୁ ଆଡ୍‌ମିଟ କାର୍ଡ ଦେଇପାରିଲେନି ବୋଲି ମା' ଅଭିଯୋଗ କରିଛନ୍ତି। ସ୍ମାର୍ଟ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ତିରୁପତି ପାଟିକା କହିଛନ୍ତି, ସ୍କୁଲ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। ଆଇ କାର୍ଡ ନକଲି। ଦଶମ ପରୀକ୍ଷା ଦେଇପାରି ନାହାନ୍ତି ବୋଲି ଅଭିଯୋଗ ଆଣିଥିବା ଛାତ୍ର ପାରଳାଖେମୁଣ୍ଡିସ୍ଥିତ ବିକାଶ ବିଦ୍ୟା ନିକେତନରେ ନବମ ଶ୍ରେଣୀରେ ପଢୁଥିବା ପ୍ରିନ୍ସିପାଲ ପାଟିକା ସୂଚନା ଦେଇଛନ୍ତି।

# ପୃଥକ୍ ଦୁର୍ଘଟଣାରେ ୬ ମୃତ, ୩ ଗୁରୁତର

ବୀରମହାରାଜପୁର/ଟିକିରି,୧୭।୨ (ଯୁଗଳ କିଶୋର ମିଶ୍ର/ପ୍ରଫୁଲ୍ଲ କୁମାର ବେହେରା)

ସୁବର୍ଣ୍ଣପୁର ଓ ରାୟଗଡ଼ା ଜିଲାରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ୬ଜଣଙ୍କ ମୃତ୍ୟୁ ଘଟିଛି। ୩ ଜଣ ଗୁରୁତର ହୋଇଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ହିଲୁଙ୍ଗ ଛକ ନିକଟରେ ମଙ୍ଗଳବାର ୨ବାଇକ୍ ମୁହାଁମୁହିଁ ଧକ୍କାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସନ୍ଧ୍ୟା ପ୍ରାୟ ୭ଟାରେ ବୀରମହାରାଜପୁର ଥାନା ହରିହରଜୋର ଫାଣ୍ଡି ଅଧୀନ କେଶଲଗା ବଡମାଲ ଗାଁର ଅଗସ୍ତି ଭୋଇ (୩୦)ଓ ହିଲୁଙ୍ଗ ଗ୍ରାମର ଭଗବାନ ସେଠୀ (୨୫) ହିଲୁଙ୍ଗକୁ ଆସୁଥିଲେ। ଏହି ସମୟରେ ବୀରମହାରାଜପୁର ପଟରୁ ମୁର୍ଷୁଣ୍ଡୀ ଗ୍ରାମର କିଙ୍କକାଙ୍ଗ କୁମ୍ଭାର(୨୦) ବଙ୍କିଆ ଗ୍ରାମର ରିଙ୍କୁ ଭୋଇ(୨୦) ଓ ଶିବ (୨୨) ଏକ ବାଇକ୍‌ରେ ଯାଉଥିଲେ। ଉଭୟ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ଅଗସ୍ତି ଭୋଇ, ରିଙ୍କୁ ଭୋଇଙ୍କ ମୃତ୍ୟୁ ଘଟିଥିଲା। ଭଗବାନ, ଶିବଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ସୁବର୍ଣ୍ଣପୁର ଜିଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ କିଙ୍କକାଙ୍ଗଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସେହିଭଳି ପାଇଁପୁର ଓ ମୁର୍ଷୁଣ୍ଡୀ ରାସ୍ତା ବଦଲା ବୁଲାଣିରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ସୁବଳୟା ଥାନା ଖଣ୍ଡହତା ପଞ୍ଚାୟତ ରୁପକାଦାର ଗାଁର ସୁଶାନ୍ତ ପଧାନ(୩୪)। ସୁଶାନ୍ତ ତାଙ୍କ ମାମୁ ଆଖୁଜଙ୍କ ସହ କୌଣସି କାମରେ ଯାଉଥିବାବେଳେ ବାଇକ୍ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ନେଇ ବୀରମହାରାଜପୁର ଡାକ୍ତରଖାନାରେ ଆବଶ୍ୟକ ସୁବିଧା, ଅକ୍ସିଜେନ, ଆମ୍ବୁଲାନ୍ସ ଆଦି ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଅନେକ ସମୟ ଅପେକ୍ଷା ପରେ ଡାକ୍ତରଖାନାକୁ ଆମ୍ବୁଲାନ୍ସ ପହଞ୍ଚିବା ପରେ ଗୁରୁତରମାନଙ୍କୁ ସୁବର୍ଣ୍ଣପୁର ଡାକ୍ତରଖାନାକୁ ☞ପୃଷ୍ଠା-୪







# ଏପ୍ରିଲରେ ୪ ରାଜ୍ୟରେ ନିର୍ବାଚନ

### ମାର୍ଚ୍ଚ ମଧ୍ୟଭାଗରେ ଘୋଷଣା

ନୂଆଦିଲ୍ଲୀ,୧୭।୨(ପି.ଟି.)

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଏପ୍ରିଲ ମାସର ବିଭିନ୍ନ ତାରିଖରେ ଅନୁଷ୍ଠିତ ହୋଇପାରେ। ଏଥିପାଇଁ ନିର୍ବାଚନ କମିଶନ ମାର୍ଚ୍ଚ ମଧ୍ୟଭାଗରେ ତାରିଖ ଘୋଷଣା କରିପାରନ୍ତି ବୋଲି ଜଣେ ଅଧିକାରୀ ମଙ୍ଗଳବାର କହିଛନ୍ତି। ୫ ବିଧାନସଭାର କାର୍ଯ୍ୟକାଳ ମେ' ଏବଂ ଜୁନ୍‌ର ବିଭିନ୍ନ ତାରିଖରେ ଶେଷ ହେଉଛି। ପଣ୍ଡିଚେରୀ ବିଧାନସଭା କାର୍ଯ୍ୟକାଳ ଜୁନ୍ ୧୫ରେ ଶେଷ ହେବାକୁ ଥିବାବେଳେ ଆସାମ, କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା କାର୍ଯ୍ୟକାଳ ଯଥାକ୍ରମେ ମେ' ୨୦, ୨୩, ୧୦ ଏବଂ ୭ରେ ଶେଷ ହେବ। ନିର୍ବାଚନ କର୍ତ୍ତୃପକ୍ଷ ଇତିମଧ୍ୟରେ ନିର୍ବାଚନ ହେବାକୁ ଥିବା ବିଭିନ୍ନ ରାଜ୍ୟକୁ ଗସ୍ତ କରିବା ସହ ଆସାମରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଗତ ଥର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ୮ ପର୍ଯ୍ୟାୟରେ ହୋଇଥିଲାବେଳେ ଆସାମରେ ୨ ପର୍ଯ୍ୟାୟରେ ଏବଂ ତାମିଲନାଡୁ, କେରଳ ଓ ପଣ୍ଡିଚେରୀରେ ଗୋଟିଏ ପର୍ଯ୍ୟାୟରେ ହୋଇଥିଲା। ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଚାଲିଥିବାବେଳେ ପଣ୍ଡିଚେରୀ ପ୍ରଥମେ ଏହାର ଚୂଡ଼ାନ୍ତ ତାଲିକା ଗତ ୧୪ ତାରିଖରେ ପ୍ରକାଶ କରିଥିଲା। ☞ପୃଷ୍ଠା-୪



# ୧୪ ଥର ସାକ୍ଷାତ, ୬୨ ଇମେଲ୍

### ଏପ୍‌ଷ୍ଟିନ୍-ପୁରୀ ସମ୍ପର୍କର ସ୍ପଷ୍ଟୀକରଣ ମାଗିଲା କଂଗ୍ରେସ

ନୂଆଦିଲ୍ଲୀ,୧୭।୨(ପି.ଟି.)

ଆମେରିକାର ଦୋଷୀସାବ୍ୟସ୍ତ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କୁ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ ୨୦୧୪ରୁ ୨୦୧୭ ମଧ୍ୟରେ ୧୪ ଥର ଭେଟିଥିଲେ। ଏହି ସମୟ ମଧ୍ୟରେ ଉଭୟଙ୍କ ମଧ୍ୟରେ ୬୨ଟି ଇ-ମେଲ୍ ଆଦାନପ୍ରଦାନ ହୋଇଥିଲା ବୋଲି କଂଗ୍ରେସ ମଙ୍ଗଳବାର ଅଭିଯୋଗ କରିଛି। ଏପ୍‌ଷ୍ଟିନ୍ ଫାଇଲ୍‌କୁ ନେଇ କେନ୍ଦ୍ରମନ୍ତ୍ରୀ ପୁରୀ ମିଛ କହୁଛନ୍ତି। ସେ ସ୍ପଷ୍ଟୀକରଣ ଦେବା ସହ ନିଜକୁ ସ୍ୱଚ୍ଛ ସାବ୍ୟସ୍ତ କରିବାକୁ ବିରୋଧୀ ଦଳ ଆହ୍ୱାନ ଦେଇଛି। ଏଥିସହିତ ପୁରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଅନ୍ୟ ପକ୍ଷରେ ବିରୋଧୀ ଦଳର ସମସ୍ତ ଅଭିଯୋଗକୁ କେନ୍ଦ୍ରମନ୍ତ୍ରୀ ଖଣ୍ଡନ କରିଛନ୍ତି। ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ପୱନ ଖେରା କହିଛନ୍ତି, ୨୦୧୪ରୁ ୨୦୧୭ ମଧ୍ୟରେ ହରଦୀପ ପୁରୀ ଓ ଏପ୍‌ଷ୍ଟିନ୍‌ଙ୍କ ମଧ୍ୟରେ ୬୨ଟି ଇମେଲ୍ ଆଦାନପ୍ରଦାନ ହୋଇଥିଲା। ଏହା ବ୍ୟତୀତ ୨୦୧୪ ଜୁନ୍ ୫, ୬, ୮, ୯, ସେପ୍ଟେମ୍ବର ୧୯, ୨୩, ୨୪ ଏବଂ ଅକ୍ଟୋବର ୯ ଓ ୧୦ ତରିଖରେ ଉଭୟ ପରସ୍ପରକୁ ଭେଟି ଆଲୋଚନା କରିଥିଲେ। ପୁରୀ ୩୨ଟି ଇମେଲ୍ ଲେଖିଥିଲାବେଳେ ଏପ୍‌ଷ୍ଟିନ୍ ୩୦ଟି ଇମେଲ୍ ପଠାଇଥିଲେ। ☞ପୃଷ୍ଠା-୪



ହରଦୀପ୍ ସିଂ ପୁରୀ




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଏଗ୍ରୀ ସୁପର୍ ଷ୍ଟାର୍ସ ୧୯୭୬, ସ୍ଥାନ: ଓୟୁଏଟି କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶତାବ୍ଦୀର କଳାକାର ଭବନ, ୟୁନିଟ୍ ୪, ସମୟ: ମଧ୍ୟାହ୍ନ ୧୨ଟା।

**କଟକ**
- ବିବୁଧେନ୍ଦ୍ର ମିଶ୍ରଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ହାଇକୋର୍ଟ ବାର ସମ୍ମିଳନୀ କକ୍ଷ, ପ୍ରଥମ ମହଲା, ସମୟ: ଅପରାହ୍ନ ୪ଟା ୩୦।

**ବାଲେଶ୍ୱର**
- ଜିଲାସ୍ତରୀୟ ଗଣ ସମ୍ମିଳନୀ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନତା କର୍ମଶାଳା, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ୟାନ କୃଷି ବିଭାଗର ପ୍ରଶିକ୍ଷଣ ଶିବିର, ସ୍ଥାନ: ବରିରୋଡ୍, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ହିମାଂଶୁ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ରାଜ୍ୟସ୍ତରୀୟ ନାଟକ ପାଲା ଉତ୍ସବ, ସ୍ଥାନ: ଘୋଷ କଲ୍ୟାଣ ମଣ୍ଡପ, ବସ୍ତା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ମୁକ୍ତେଶ୍ୱର ମହାଦେବଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପ୍ରବୋଧପୁର, ମନ୍ଦାରୀ, ବାସୁଦେବପୁର, ସ୍ଥାନ: ସକାଳ ୮ଟା।
- ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣ୍ଡ୍ରୀ, ବଡ଼ସାହି, ସମୟ: ସକାଳ ୮ଟା।
- ସିଦ୍ଧି ବିନାୟକ ମନ୍ଦିରର ପ୍ରତିଷ୍ଠା ଅବସରରେ କଳସଯାତ୍ରା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ସତ୍ୟ ସ୍ୱରୂପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା ଏନ୍‌ଏସି, ସମୟ:ସକାଳ ୯ଟା୩୦।
- ଖିଣ୍ଡିହୁଡ଼ି ତାରିଣୀ ପୀଠରେ ଶିବ ମନ୍ଦିର ପ୍ରତିଷ୍ଠା ଲାଗି ଆଜ୍ଞାମାଳ ଶୋଭାଯାତ୍ରା,ସ୍ଥାନ: କୁଅଁର ପାଳ ତାରିଣୀ ପୀଠ, ଉଦଳା,ସମୟ:ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପାଲବଣୀସ୍ଥିତ ବାରିପଦା ବ୍ଲକ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ବିଜେଡି ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଆରଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମହାସଂଗ୍ରାମର ମହାନାୟକ ନାଟକ ମଞ୍ଚସ୍ଥ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

**ଗଞ୍ଜାମ**
- ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଭଞ୍ଜନଗର ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ଜଙ୍ଗଲ ନିଆଁ ନିରାକରଣ ସଚେତନତା ସଭା, ସ୍ଥାନ: ତାଳଚେର ଶିବରାମପୁର,ସମୟ: ପୂର୍ବାହ୍ନ ୧୦ଟା।
- ବନବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ବନଖଣ୍ଡ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଜଗତ୍‌ସିଂହପୁର**
- ବଜରଙ୍ଗ ଦଳ ପକ୍ଷରୁ ଛତ୍ରପତି ଶିବାଜୀ ମହାରାଜାଙ୍କ ଜୟନ୍ତୀ ଉପଲକ୍ଷେ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜୟଦେବ ସଦନ ସମ୍ମୁଖ ପଡ଼ିଆ, ବଡ଼ପଡ଼ିଆ ପାରାଦୀପ, ସମୟ: ଅପରାହ୍ନ ୫ଟା।

**କେନ୍ଦ୍ରାପଡ଼ା**
- ଜିଲାସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କ ସମ୍ମିଳନୀ, ସ୍ଥାନ: ସଂସ୍କୃତିଭବନ, ଉଦୟନଗର, ଡେରାବିଶ, ସମୟ: ସକାଳ ୯ଟା।
- ରାଜସ୍ୱ ମାମଲା ସମ୍ପର୍କୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଳବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକର କଣିପାଟିଆ ଗ୍ରାମ, ସମୟ: ସକାଳ ୬ଟା।
- ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜାରକା ବଡ଼ବଜାର ବ୍ୟବସାୟୀ ସଂଘର ୩୫ତମ ବାର୍ଷିକ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ବଜାର, ସମୟ: ଅପରାହ୍ନ ୫ଟା।

**ନୟାଗଡ଼**
- ଜାମାଲାଗି ବେଶର ୨୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ସନ୍ଧାନର ୩ୟ ଦିବସ, ସ୍ଥାନ: ନୟାଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ରଣପୁର ବ୍ଲକର ରାଜସୁନାଖଳା,ସମୟ: ପୂର୍ବାହ୍ନ ୧୦ରୁ ୪ଟା।
- ମହିଳା ଆତ୍ମ ରକ୍ଷା କୌଶଳ ଶିବିରର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ଏମ୍‌କେରାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ଦୋକାନୀଙ୍କ ସହ ଜିଲାପାଳଙ୍କ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

**କୋରାପୁଟ**
- ଗଣେଷ ମନ୍ଦିର ପ୍ରତିଷ୍ଠା, ସ୍ଥାନ: କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଯୁକ୍ତ ୨ ପରୀକ୍ଷା, ସ୍ଥାନ: ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନନ୍ଦପୁର, ସମୟ: ସକାଳ ୯ଟା।
- ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ବାଳକ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିତୀୟ ପର୍ଯ୍ୟାୟ ବିବିଏସ୍‌ଏ ଶିବିର, ସ୍ଥାନ: ଦଶମନ୍ତପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା ୪୫।

**ମାଲକାନଗିରି**
- ଶିରିଡି ସାଇବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମାଲକାନଗିରି ସଦର ମହକୁମାସ୍ଥିତ ପାତ୍ରଗୁଡା, ସମୟ: ସକାଳ ୬ଟା।

**ସମ୍ବଲପୁର**
- ସମ୍ବଲପୁର ନଗରସ୍ତରୀୟ ସାମାଜିକ ସଦ୍‌ଭାବ ବୈଠକ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ୧୪ତମ ସର୍ବ ଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ସୂଚନା ଅଧିକାର ଆଇନ ଓ ଏହାର କାର୍ଯ୍ୟକାରିତା ଉପରେ ଆନ୍ତଃ ଜିଲାସ୍ତରୀୟ ସମ୍ମିଳନୀ, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାଉରକେଲା**
- ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ଯଜ୍ଞ ଆରମ୍ଭ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୭ଟା।
- ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଶୀତଳାମାତା ମନ୍ଦିର ପ୍ରତିଷ୍ଠା ମହୋତ୍ସବର କଳସ ଯାତ୍ରା, ସ୍ଥାନ: ବିଶ୍ରା ଡାହାର ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

**ବରଗଡ଼**
- ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭା ମଞ୍ଚ, ବିଜେପୁର, ସମୟ:ପୂର୍ବାହ୍ନ ୯ଟା ୩୦।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଖଗେଶ୍ୱର ସାହିତ୍ୟ କଳା ପରିଷଦ ବର୍ଷରକିଆ ଉଚ୍ଛବ, ସ୍ଥାନ:ସଙ୍କର୍ଷଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ବିଜେପୁର, ସମୟ:ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ମୁଖ୍ୟମନ୍ତ୍ରୀ କପ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- 'ଆମର ସହାୟକ' କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ମହିଳାଙ୍କ ଅଧିକାର ସମ୍ପର୍କିତ ବ୍ଲକ୍‌ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ମାଚ୍, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ପଞ୍ଚମ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ନୂଆପଡ଼ା**
- ନୂଆପଡ଼ା ବାନରସେନା ମଞ୍ଚର ଜିଲାସ୍ତରୀୟ ସାଂଗଠନିକ ବୈଠକ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନିପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉପରେ ଉପରେ ପାଣି ଛିଞ୍ଚିବା
ଭିତରେ ଭିତରେ ଶିଅ କାଟିବା।**

ଆଗରେ ମିଷ୍ଟଭାଷୀ ଅଥଚ ଭିତରେ କପଟାଚରଣ। ଉପରେ ମଧୁର ବା ଚିକଣ କଥା କହି ଗୋପନରେ ଅନିଷ୍ଟ କରୁଥିବା କୁଟିଳ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏହି ଦେହ ଫେର ଏମନ୍ତ ହୋଇ
ହାତୀକୁ ପାରଇ ବାନ୍ଧି,
ଏହି ଦେହ ଫେର ଏମନ୍ତ ହୋଇ
ମୂଷାକୁ ନ ପାରେ ଛନ୍ଦି।**

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲାପରେ ଏଥିରେ ଶିଥିଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ୩୨ ଲକ୍ଷକୁ ଆୟ...

ଅଭିଭାଷଣରେ 'ପେସା' ଆଇନ ସମ୍ପର୍କରେ ଉଲ୍ଲେଖ ନ ଥିବା ସହିତ କିଛି ନୂତନତ୍ୱ ନ ଥିବା ଦର୍ଶାଇ ପ୍ରଥମେ କକ୍ଷ ତ୍ୟାଗ କରିଥିବାବେଳେ ପରେ ବିଜୁ ଜନତା ଦଳ(ବିଜେଡି) ଅଭିଭାଷଣରେ ନୂତନତ୍ୱ ନ ଥିବା ଦର୍ଶାଇ କକ୍ଷତ୍ୟାଗ କରିଥିଲା। ମାତ୍ର ରାଜ୍ୟପାଳ ତାଙ୍କ ଅଭିଭାଷଣ ଜାରି ରଖିଥିଲେ। ରାଜ୍ୟପାଳ କହିଥିଲେ, ୨୦୪୭ ସୁଦ୍ଧା ରାଜ୍ୟରେ ବାର୍ଷିକ ମୁଣ୍ଡ ପିଛା ଆୟକୁ ୧.୮ ଲକ୍ଷରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାସହିତ ଜୀବନଧାରଣ ମାନକୁ ସୁଧାରିବା, ବହୁମୁଖୀ ଦାରିଦ୍ର୍ୟକୁ ୫ପ୍ରତିଶତ କମାଇବା, ମହିଳା ଶ୍ରମଶକ୍ତି ଅଂଶଗ୍ରହଣକୁ ୭୦ପ୍ରତିଶତକୁ ବୃଦ୍ଧି କରିବା, ରକ୍ତହୀନତା ଓ ପୌଷ୍ଟିକ ଅଭାବକୁ ନିରାକରଣ କରିବା ଏବଂ ଲୋକଙ୍କ ଆୟୁ ସୀମାକୁ ୮୦ ବର୍ଷରୁ ଅଧିକ କରିବାକୁ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟପାଳ ଆହୁରି କହିଥିଲେ, ସାମଗ୍ରିକ ଭାବେ ସରକାର ଓଡ଼ିଶାକୁ ଏକ ସ୍ଥିର ଓ ବିକାଶପଥରେ ଆଗକୁ ନେଉଛନ୍ତି। ବିକଶିତ ଭାରତର ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ ହୋଇଛି। ରାଜ୍ୟ ଯେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଏକଶତ ବର୍ଷ ପୂରଣ କରିବ ସେତେବେଳେ ଏହାକୁ ଗୌରବ, ସମୃଦ୍ଧି ଓ ସୁସ୍ପଷ୍ଟ ଉଦ୍ଦେଶ୍ୟବୋଧ ସହ ଦୃଢ଼ଭାବେ ଦଣ୍ଡାୟମାନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ସମୃଦ୍ଧ ଓଡ଼ିଶା ଦୃଷ୍ଟିକୋଣକୁ ସାକାର କରି ଭିତ୍ତିଭୂମି ବିକାଶ, ପ୍ରତି ନାଗରିକ ପାଇଁ ସୁଯୋଗ, କୃଷି ଓ ଶିଳ୍ପର ସଶକ୍ତୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ମାଧ୍ୟମରେ ଜୀବନ ମାନ ଉନ୍ନତ, ସବୁଜ ବିକାଶକୁ ପ୍ରୋତ୍ସାହନ, ସଂଯୋଗତା ବୃଦ୍ଧି, ଲୋକଶକ୍ତିକୁ ସକ୍ରିୟ କରିବା ଏବଂ ନ୍ୟାୟସଂଗତ ସମୃଦ୍ଧି ହାସଲ ଲାଗି ସରକାର ସଂକଳ୍ପବଦ୍ଧ ବୋଲି ରାଜ୍ୟପାଳ କହିଛନ୍ତି। ୮୩୦୦ କୋଟି ଟଙ୍କାର ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ ଅନୁମୋଦନ ଦ୍ୱାରା ଦୂରତା ଏବଂ ଯାତ୍ରା ସମୟ ପ୍ରାୟ ୪୫ ମିନିଟ୍ କମିବ। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ୨୦୬୬ କୋଟିରୁ ଅଧିକ ଅର୍ଥ ବିନିଯୋଗରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସ୍ଥାପନ ଲାଗି ଅନୁମୋଦନ ମିଳିଛି। ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ପଦକ୍ଷେପ ଭାବେ ପରିଚିତ କରିବାରେ ଏକ ଐତିହାସିକ ପଦକ୍ଷେପ ହେବ। ରାଜ୍ୟପାଳ ପୁଣି କହିଥିଲେ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ୧୦୬ ସହରାଞ୍ଚଳ ଜଳାଶୟର ପୁନରୁଦ୍ଧାର ଓ ୨୪୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସକ୍ରିୟ ସହଭାଗିତାରେ ୩୮ ହଜାର ଚାରା ରୋପଣ ମାଧ୍ୟମରେ ସହର ଉନ୍ନୟନର ଉତ୍କୃଷ୍ଟ ପ୍ରଗତି ହୋଇଛି। ରାଜଧାନୀ ସହରାଞ୍ଚଳ ପରିବହନ(ସିଆର୍‌ୟୁଟି) ୧୧୩ଟି ରୁଟ୍‌ରେ ୨୯୦ ବ୍ୟାଟେରିଚାଳିତ ବସ୍ ସମେତ ୬୭୦ଟି ବସ୍ ପରିଚାଳନା କରି ସ୍ଥାୟୀ ସହରାଞ୍ଚଳ ଗତିଶୀଳତାରେ ଏହାର ନେତୃତ୍ୱକୁ ସୁଦୃଢ଼ କରିଛି। ଦୈନିକ ପ୍ରାୟ ୩.୩ ଲକ୍ଷ ଯାତ୍ରୀଙ୍କୁ ଏହା ସେବା ଯୋଗାଉଛି। ସେହିପରି ଓଡ଼ିଶାରେ ବର୍ତ୍ତମାନ ୫୫ଟି ଇସ୍ପାତ କାରଖାନା କାର୍ଯ୍ୟକ୍ଷମ ଥିବାବେଳେ ବାର୍ଷିକ ୪୫.୬୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହେଉଛି। ଦେଶର ମୋଟ୍ ସ୍ଥାପିତ ଇସ୍ପାତ କ୍ଷମତାର ଏହା ୨୩ ପ୍ରତିଶତ। ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଜାତୀୟ ଲକ୍ଷ୍ୟ ପୂରଣ ପାଇଁ ୧୦୦ ନିୟୁତ୍ ଟନ୍ ଇସ୍ପାତ ଯୋଗାଇବାକୁ ଓଡ଼ିଶା ପ୍ରସ୍ତୁତି କରୁଛି। ରାଜ୍ୟ ସରକାର ଓଡ଼ିଶାର ଶିଳ୍ପାୟନ କ୍ଷମତାକୁ ନିର୍ଣ୍ଣାୟକ ଭାବେ ପ୍ରଦର୍ଶନ କରିଛନ୍ତି। ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ୮୫ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ଯାହାଦ୍ୱାରା ୧.୬୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି ରାଜ୍ୟ ସରକାର ୧୬୬୫ ବିଦ୍ୟାଳୟ ଓ ୫୯୬୭ଟି ଛାତ୍ରାବାସ ମାଧ୍ୟମରେ ୫.୫୧ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ଆବାସିକ ବିଦ୍ୟାଳୟ ସୁବିଧା ଯୋଗାଇଛନ୍ତି। ଏହାଦ୍ୱାରା ଶୈକ୍ଷିକ ପରିବେଶ ସୁନିଶ୍ଚିତ ହୋଇପାରିଛି। ସୁସ୍ଥ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗ ନିମନ୍ତେ ୯ପ୍ରତିଶତ ବଜେଟ ଅଧିକ ବ୍ୟବସ୍ଥା କରିଛନ୍ତି। ୨୩ ହଜାର ୬୩୫ କୋଟି ଟଙ୍କାର ବଜେଟ ପ୍ରାବଧାନ ହୋଇଛି, ଯାହା ରେକର୍ଡ ବୋଲି ରାଜ୍ୟପାଳ କହିଛନ୍ତି।

ରାଜ୍ୟପାଳ କହିଛନ୍ତି, ୨୦୨୨-୨୩ରେ ଲଘୁ ଖଣିଜରୁ ୧୧୯୫ କୋଟି ଟଙ୍କା ଆୟ ହୋଇଥିଲା ୨୦୨୪-୨୫ରେ ୧୭୭୬ କୋଟି ଟଙ୍କା ଆୟ ହୋଇଛି। ଏହା ବାର୍ଷିକ ୧୯ପ୍ରତିଶତ ବୃଦ୍ଧି ଏବଂ ଦୁଇବର୍ଷ ମଧ୍ୟରେ ୪୮ ପ୍ରତିଶତରୁ ଅଧିକ ଅଭିବୃଦ୍ଧିକୁ ପ୍ରତିଫଳିତ କରିଛି। ଶକ୍ତିକ୍ଷେତ୍ରରେ ମଧ୍ୟ ଓଡ଼ିଶା ଏକ ବଳକା ରାଜ୍ୟ ଭାବେ ଉଭା ହୋଇଥିବାବେଳେ ୨୦୩୦ ସୁଦ୍ଧା ୧୦ ଗିଗାୱାଟ୍ ପୁନଃ ନବୀକରଣୀୟ କ୍ଷମତାର ପ୍ରକଳ୍ପ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାସହିତ ମହିଳାଙ୍କୁ ସଶକ୍ତ କରିବା, ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇବା ଭଳି ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିକାଶ ଚିତ୍ରକୁ ରାଜ୍ୟପାଳ ଦର୍ଶାଇଥିଲେ।

## ଟୋକନ୍ ଲାପ୍ସ...

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରକାଶ ଯେ, ଚିତ୍ତରଞ୍ଜନ ନିଜ ସ୍ତ୍ରୀଙ୍କ ସୁନାଗହଣା ବନ୍ଧକ ରଖି ଟଙ୍କା ଆଣି ଚାଷ କରିଥିଲେ। ଚିତ୍ତରଞ୍ଜନଙ୍କ ଟୋକେନ୍ ନମ୍ବର ୬୯୭୮୭୫ରେ ଥିଲା, ଯାହା ୧୮ ଜାନୁଆରୀରୁ ୧ ମାସ ବଳବତ୍ତର ରହିବା କଥା। ଉକ୍ତ ଟୋକନରେ ସେ ୭୫ କୁଇଣ୍ଟାଲ ଧାନ ବିକ୍ରି କରିବାର ଥିଲା। ତେବେ ସେ ଧାନମଣ୍ଡିରେ ଆଇ ସ୍କାନ୍ କରିବାକୁ ମଙ୍ଗଳବାର ପହଞ୍ଚିଥିବା ବେଳେ ଟୋକନ୍ ଲାପ୍ସ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଖବର ଶୁଣି ସେ ହଠାତ୍ ବେହୋସ ହୋଇପଡ଼ିଥିଲେ। ଚନ୍ଦାହାଣ୍ଡି ବ୍ଲକ୍‌ର ବିଭିନ୍ନ ମଣ୍ଡିରେ ପ୍ରାୟ ୪୫ ହଜାର କୁଇଣ୍ଟାଲ ଧାନ ପଡ଼ି ରହିଥିବା ଏକ ଆକଳନରୁ ଜଣାପଡ଼ିଛି। କଂଗ୍ରେସ ନେତା କ୍ଷେମରାଜ୍ ବାଘ, ହୁମେଶ୍ୱର ହଂସ, ଧୋଡ଼ିପାଣି ସରପଞ୍ଚ ଦୁର୍ଲ୍ଲଭ ପୂଜାରୀ ପ୍ରମୁଖ ବିଭିନ୍ନ ମଣ୍ଡି ପରିଦର୍ଶନ କରିଥିଲେ। ଦିନେ ଦୁଇ ଦିନ ମଧ୍ୟରେ ମଣ୍ଡିରୁ ତୁରନ୍ତ ଧାନ ଉଠା ନ ଗଲେ ଚାଷୀ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ପୃଥକ୍ ଦୁର୍ଘଟଣାରେ...

ଚିକିତ୍ସା ପାଇଁ ପଠାଯାଇଥିଲା। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଟିକିରି ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଟିକିରିସ୍ଥିତ ନଟରାଜ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଏକ ଟ୍ୟାଙ୍କରକୁ ବାଇକ୍ ଧକ୍କାଦେବାରୁ ୨ ନାବାଳକଙ୍କ ସମେତ ୩ ଜଣଙ୍କର ଜୀବନ ଯାଇଛି। ମୃତକମାନେ ହେଲେ ଟିକିରି ଥାନା ଅନ୍ତର୍ଗତ ମହତପୁଟ ଖୁରିଗାଁ ଗ୍ରାମର ନରେନ୍ଦ୍ର ଖୋଡ଼ିଆ (୨୫), ବିପିନ ଖୋଡ଼ିଆ (୧୪) ଓ ଗୁନୁ ଖୋଡ଼ିଆ (୧୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ରାସ୍ତାରୋକୋ କରିଥିଲେ। ରାୟଗଡ଼ା ଉପଜିଲାପାଳ ରମେଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରଶାସନ ତରଫରୁ ସହାୟତା ରାଶି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୦ଟା ୩୦ରେ ରାସ୍ତା ଅବରୋଧ ହଟିଥିଲା।

ନରେନ୍ଦ୍ର, ବିପିନ ଓ ଗୁନୁ ସୋମବାର ରାତି ପ୍ରାୟ ୧୧ଟାରେ କୌଣସି କାମରେ ବାଇକ୍ ଯୋଗେ ଟିକିରି ପଟୁ ଗୋରଖପୁର ଆଡ଼କୁ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଛିଡ଼ାହୋଇଥିବା ଟ୍ୟାଙ୍କରକୁ ଧକ୍କାଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାରକରି ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ ଜଣଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସେମାନଙ୍କ ମୃତ୍ୟୁ ଘଟିଛି।

## ୧୪ ଥର ସାକ୍ଷାତ...

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ପରେ ଏଭଳି ଆଦାନପ୍ରଦାନ ଓ ସାକ୍ଷାତ୍ ୨୦୧୭ ପର୍ଯ୍ୟନ୍ତ ଲାଗିରହିଥିଲା। ପ୍ରଶ୍ନ ହେଉଛି ୨୦୧୪ ଜୁନ୍‌ରେ ପୁରୀ କେଉଁ ପଦବୀରେ ଥିଲେ ଏବଂ କେଉଁ କ୍ଷମତା ବଳରେ ସେ ଏପ୍‌ଷ୍ଟିନ୍‌ଙ୍କୁ ଭେଟିଥିଲେ ବୋଲି ଖେରା କହିଛନ୍ତି।

ଆମେରିକା ନ୍ୟାୟ ବିଭାଗ କିଛିଦିନ ପୂର୍ବରୁ ଯୌନ ଅପରାଧୀ ଏପ୍‌ଷ୍ଟିନ୍‌ଙ୍କ ତଦନ୍ତ ସମ୍ପର୍କିତ ଫାଇଲ୍ ପ୍ରକାଶ କରିଥିଲା। ଏପ୍‌ଷ୍ଟିନ୍ ଓ ତାଙ୍କ ସହଯୋଗୀ ଘିସ୍‌ଲେଇନ୍ ମାକ୍ସୱେଲ୍‌ଙ୍କ ଦ୍ୱାରା ହାଇଥିବା ୨ଟି ଅପରାଧ ତଦନ୍ତ ସମ୍ପର୍କିତ ଅନେକ ହଜାର ପୃଷ୍ଠାର ଦସ୍ତାବିଜ୍ ଉକ୍ତ ଫାଇଲ୍‌ରେ ରହିଛି। ସେଥିରେ ଭ୍ରମଣ ଲିପି, ରେକର୍ଡିଂ, ଇମେଲ୍ ଆଦି ରହିଛି। ୨୦୧୯ରେ ହାଜତରେ ଏପ୍‌ଷ୍ଟିନ୍‌ଙ୍କ ମୃତ୍ୟୁ ଘଟିବା ଠାରୁ ଉକ୍ତ ଦସ୍ତାବିଜ୍‌ଗୁଡ଼ିକୁ ସଂରକ୍ଷିତ ରଖାଯାଇଥିଲା।

ପୁରୀ ଜଣେ ସାଧାରଣ ନାଗରିକ ହୋଇଥିବାବେଳେ ସେ ସରକାରୀ ନୀତିଗୁଡ଼ିକୁ ଏପ୍‌ଷ୍ଟିନ୍‌ଙ୍କ ସହ ଶେୟାର କରୁଥିଲେ କାହିଁକି ବୋଲି ଖେରା ପ୍ରଶ୍ନ କରିଛନ୍ତି। ପୁରୀ ପ୍ରଥମେ ଇସ୍ତଫା ଦେଇ ତାହା ପରେ ଘଟଣାକୁ ସ୍ପଷ୍ଟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ସାକ୍ଷାତ୍‌କାରରେ ଗୋଟିଏ ପରେ ଗୋଟିଏ ମିଛ କହି ପୁରୀ ନିଜକୁ ଭୁଲ ପ୍ରମାଣିତ କରିଛନ୍ତି। ଏତେ ମିଛ କହି ସେ କାହାକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଖେରା ପ୍ରଶ୍ନ କରିଛନ୍ତି।

ନୂଆଦିଲ୍ଲୀରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟ୍‌ରେ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ଅଂଶଗ୍ରହଣକୁ ନେଇ ଖେରା କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ସମିଟ୍‌ରେ ବିଲ୍ ଗେଟ୍ସ ଯୋଗଦେବେ ନାହିଁ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ବିଲ୍ ଗେଟ୍ସ ସମିଟ୍‌କୁ ଆସି ଭାଷଣ ଦେବେ ବୋଲି ନିଜେ କହିଛନ୍ତି। ଯଦିଓ ଏପ୍‌ଷ୍ଟିନ୍‌ଙ୍କ କବ୍‌ଜାରେ ଥିବା ଯୁବତୀଙ୍କ ମଧ୍ୟରୁ କାହା ସହ ବିଲ୍ ଗେଟ୍ସ ଖରାପ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ବୋଲି ଅଭିଯୋଗ ନାହିଁ, ତେବେ ସେ ଯୌନ ସଂକ୍ରାମକ ରୋଗରେ ପୀଡ଼ିତ ଥିଲେ ବୋଲି ଏପ୍‌ଷ୍ଟିନ ଅଭିଯୋଗ କରିଥିବା ଫାଇଲ୍‌ରେ ଉଲ୍ଲେଖ ରହିଛି।

## ଏପ୍ରିଲରେ ୪...

ତାମିଲନାଡୁ ମଙ୍ଗଳବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବାକୁ ଥିବାବେଳେ କେରଳ ଆସନ୍ତା ୨୧ରେ ପ୍ରକାଶ କରିବ। ସେହିପରି ପଶ୍ଚିମବଙ୍ଗରେ ଚୂଡ଼ାନ୍ତ ତାଲିକା ୨୮ରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଆସାମରେ ଏସ୍‌ଆଇଆର୍ ବଦଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ହୋଇ ଗତ ୧୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଏକାଦଶ ସ୍ଥାନରେ ପଞ୍ଚଗ୍ରହକୂଟ କୋଣଭାବକୁ ପ୍ରଭାବିତ କରି ଶିକ୍ଷା, ସନ୍ତାନ, ବନ୍ଧୁସମ୍ପର୍କ ଏବଂ ଆଲୋଚନାରେ ସମସ୍ୟା ସୃଷ୍ଟି କରିପାରନ୍ତି। ଶନିଙ୍କ ଦୃଷ୍ଟି ଦ୍ୱିତୀୟଭାବକୁ ରହିଥିବାରୁ ଧନହାନି ସାଙ୍ଗକୁ ମାନସିକ ସ୍ତରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ପ୍ରତୀକ୍ଷିତ ଖବରଟି ଆଶ୍ୱସ୍ତି ଲାଭର କାରଣ ହୋଇପାରେ।

**ବୃଷ** — ଯାହାକୁ ନିଜର ଭଳି ଚିନ୍ତା କରିବେ ସେହି ବ୍ୟକ୍ତି ହିଁ ସମସ୍ୟା ସୃଷ୍ଟିର ସୂତ୍ରଧର ସାଜିପାରେ। ସହକର୍ମୀଟିର ସାହାଯ୍ୟରେ ଆର୍ଥିକ ସମସ୍ୟା ଦୂର ହେବ। ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିବାର ସୁଯୋଗ ପାଇପାରନ୍ତି। ନବମଭାବରେ ଉଚ୍ଚସ୍ଥ ମଙ୍ଗଳ ଯୋଗୁ ଆକସ୍ମିକ ପରିବାର ସହ ମାଙ୍ଗଳିକ କାମରେ ଭ୍ରମଣ ଯୋଗ ରହିଛି।

**ମିଥୁନ** — ଦୁଃସ୍ଥାନାଧିପତି ଶନିଙ୍କ କର୍ମସ୍ଥସ୍ଥିତି ଯୋଗୁ ଆଜି ଯାହା କରିବାକୁ ଯାଉଛନ୍ତି ଠିକ୍ ବିଚାରକରି ପଦକ୍ଷେପ ନିଅନ୍ତୁ। ପାରିବାରିକ ସମ୍ପର୍କକୁ ନେଇ ବନ୍ଧୁଙ୍କ ଅନୁରୋଧରେ ଦୂରଯାତ୍ରା କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସାହିତ୍ୟ, ରଚନାତ୍ମକକାର୍ଯ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**କର୍କଟ** — ରାଶ୍ୟାଧିପତି ଅଷ୍ଟମଭାବସ୍ଥ ଯୋଗୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ସପ୍ତମାଧିପତିଙ୍କ ଦୁର୍ବଳତାଜନିତ ଦୂରଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରୁହନ୍ତୁ। ଯାନବାହନ ଚାଳନା ସମୟରେ ଅନ୍ୟମନସ୍କ ହେଲେ ଅସୁବିଧା ଭୋଗିବେ। ବନ୍ଧୁ ଦ୍ୱାରା ପ୍ରତାରିତ ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ସିଂହ** — ଶୁକ୍ରଙ୍କ ଷଷ୍ଠସ୍ଥାନଜନିତ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରର ବାକିଆ କାମକୁ ସମାପ୍ତ କରିବା ସକାଶେ ମନସ୍ଥ କରିଥିଲେ ମଧ୍ୟ ଆଜି ସ୍ଥଗିତ ରହିଯିବ। କର୍ମକ୍ଷେତ୍ରର ସମସ୍ୟା ସୁଧାରିବା ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଓ ବନ୍ଧୁଙ୍କ ସହାନୁଭୂତିରୁ ମନୋବଳ ବଢ଼ିବ।

**କନ୍ୟା** — ସମ୍ପର୍କୀୟଙ୍କୁ ସୁହାଇଲା ଭଳି କାମ କରିବାକୁ ଯାଇ ଅପଦସ୍ଥ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ପ୍ରଶଂସିତ ମଧ୍ୟ ହେବେ। ଘର ଭିତରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ଯୋଗୁ ବିରକ୍ତି ପ୍ରକାଶ କରିପାରନ୍ତି। ବୃହସ୍ପତିଙ୍କ ଦୃଷ୍ଟି ଜନିତ ସଭାସମିତିରେ ବନ୍ଧୁମିଳନ ସଙ୍ଗକୁ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**ତୁଳା** — ଚନ୍ଦ୍ର କର୍ମଭାବେ ଅଷ୍ଟମସ୍ଥ ଯୋଗୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହୋଇପାରେ। ଏଥି ସକାଶେ ମନଗଢା କଥା କହି ପରିସ୍ଥିତି ଲାଘବ ପାଇଁ ଚେଷ୍ଟା କରିବେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବ ନାହିଁ।

**ବିଛା** — ରାଶ୍ୟାଧିପ ତୃତୀୟସ୍ଥ ଯୋଗୁ ବନ୍ଧୁଙ୍କ ପରାମର୍ଶରେ ଅଟକିଥିବା କାମଟିକୁ ଆରମ୍ଭକରିବାକୁ ମନ ବଳାଇବେ। ଏକାଧିକ ସହଭାଗିତାଙ୍କ ବ୍ୟବସାୟରେ ମନାନ୍ତର ଦେଖାଦେବ। ରଚନାତ୍ମକ କାର୍ଯ୍ୟ, କ୍ରୀଡା, ସାହିତ୍ୟ, ଶିଳ୍ପ, କାରିଗରି ବିଦ୍ୟାର ଚମତ୍କାରିତାରୁ ଉଚ୍ଚସ୍ତରରେ ସମ୍ପର୍କ ବଢ଼ିବ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣ ଦୁଃଖର କାରଣ ହେବ।

**ଧନୁ** — ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। କେନ୍ଦ୍ରସ୍ଥ ବୃହସ୍ପତିଙ୍କ ସୁପ୍ରଭାବରୁ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସାମାଜିକ ସ୍ତରରେ ଖଳଲୋକମାନଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** — ମନକଥା ଗୋପନ ରଖି ବନ୍ଧୁଙ୍କ ସମ୍ମୁଖରେ ମିଥ୍ୟାଭାଷଣ ପ୍ରଦାନ କରିପାରନ୍ତି। ଚତୁର୍ଥାଧିପତି ସ୍ୱରାଶିରେ ଥିବାରୁ ଘରେ ଆମୋଦ ପ୍ରମୋଦର ସୁଅ ଛୁଟିବ। କାର୍ଯ୍ୟଦକ୍ଷତା ଏବଂ ସମୟୋପଯୋଗୀ ପଦକ୍ଷେପରୁ କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ।

**କୁମ୍ଭ** — ତୃତୀୟାଧିପତିଙ୍କ ଶୁଭଦ୍ୱ କାରଣରୁ ସମସ୍ୟାକ୍ରାନ୍ତ ସମୟରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଖାଦ୍ୟପେୟରେ ଅନିୟମିତତାରୁ ପେଟ ଗୋଳମାଳ ଦେଖାଦେବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟାକୁ ଦୂରେଇବାରେ ସମର୍ଥ ହେବେ।

**ମୀନ** — ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରୁ ବାଧ୍ୟବାଧକତାରେ ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବ। ଉପରିସ୍ଥଙ୍କ ତାଗିଦା ପରେ ମଧ୍ୟ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ମାଙ୍ଗଳିକ ଉତ୍ସବ ନିମନ୍ତେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଆଶା କରୁଥିବା ଖବର ବନ୍ଧୁଙ୍କ ଦ୍ୱାରା ପାଇ ଖୁସି ହେବେ।

ଆଜି ଫେବୃଆରୀ ୧୮ ତାରିଖ, ଫାଲ୍‌ଗୁନ ଶୁକ୍ଳ ପ୍ରତିପଦା ବୁଧବାର। ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୭ମି. ଗତେ ଘ.୦୭।୪୯ମି. ମଧ୍ୟେ, ଘ.୧୦।୩୪ମି. ଗତେ ଘ.୧୧।୩୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୬ମି. ମଧ୍ୟେ ରାହୁ କାଳ।






ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ଦିନ (ମଙ୍ଗଳବାର)ରେ ଉପସ୍ଥିତ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ।

# ଜାତୀୟ ଜିଡିପିକୁ ରାଜ୍ୟର ଅବଦାନ ୫%କୁ ବଢ଼ିବ: ମୁଖ୍ୟ ସଚେତକ

## ରାଜ୍ୟପାଳଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଲୋଚନା

ଭୁବନେଶ୍ୱର,୧୭।୨
(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଚଳିତ ବଜେଟ ଅଧିବେଶନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କ ଅଭିଭାଷଣକୁ ନେଇ ସରକାରଙ୍କ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ବାଚସ୍ପତି ସୁରମା ପାଢ଼ୀ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଆଗତ କରିବା ପାଇଁ ଡାକିଥିଲେ। ମୁଖ୍ୟ ସଚେତକ ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ଆଗତକରି ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଜନସାଧାରଣଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଥିବା କହିଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ଏହି ପବିତ୍ର ଗୃହର ସମସ୍ତ ସଦସ୍ୟା ସଦସ୍ୟଙ୍କ ପାଇଁ ମାର୍ଗଦର୍ଶକ ତଥା ପ୍ରେରଣାଦାୟକ ବୋଲି ସେ କହିଥିଲେ ।

ସରୋଜ ପୁଣି କହିଥିଲେ, ରାଜ୍ୟପାଳଙ୍କ ଅଭିଭାଷଣରେ ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖିଛି। ଏହା ଜାତୀୟ ଜିଡିପିରେ ରାଜ୍ୟର ଅବଦାନ ୩%ରୁ ୫%କୁ ବୃଦ୍ଧି କରିବ। ସେହିପରି



ସରୋଜ ପ୍ରଧାନ

'ଆବର୍ଜନାରୁ ସମ୍ପତ୍ତି' ପଦ୍ଧତି ଗ୍ରହଣକରି ସ୍ୱଚ୍ଛ ଭାରତ ମିଶନ(ସହରାଞ୍ଚଳ) ୨.୦ ଅନ୍ତର୍ଗତ 'ଆବର୍ଜନାମୁକ୍ତ' ଓଡ଼ିଶାର ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରାଯାଇଛି। ସଫଳତା ମଧ୍ୟରେ ଚଳିତବର୍ଷ ୧ ଲକ୍ଷ ୬୬ ହଜାରରୁ ଅଧିକ ବ୍ୟକ୍ତିଗତ ଘରୋଇ ପାଇଖାନା ସମାପ୍ତ କରିବ। ୨୭୬ଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର ଏବଂ ୨୩୫ଟି ସାମଗ୍ରୀ ପୁନରୁଦ୍ଧାର ସୁବିଧା କାର୍ଯ୍ୟକ୍ଷମ କରିବା ଅନ୍ତର୍ଭୁକ୍ତ ରହିଛି। ସେହିପରି ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ଅତ୍ୟାଧୁନିକ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଅନୁମୋଦନ ପାଇଁ ଆମେ କେନ୍ଦ୍ର ସରକାରଙ୍କ ପ୍ରତି କୃତଜ୍ଞ। ଏହା ଓଡ଼ିଶାକୁ ଏକ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ହବ୍ ଭାବରେ ସ୍ଥାନିତ କରିବ, ଉଚ୍ଚ-କୁଶଳୀ ନିଯୁକ୍ତି ସୃଷ୍ଟି କରିବ, ସହାୟକ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଦିଗରେ ଏକ ଐତିହାସିକ ପଦକ୍ଷେପ ହେବ।

ମୁଖ୍ୟ ସଚେତକ ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ଉତ୍ସାହ ଯୋଜନା ଅଧୀନରେ ଛାତ୍ରବୃତ୍ତି ସହାୟତାରେ ସରକାର ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। ୨୦୨୫-୨୬ ମଧ୍ୟରେ ପ୍ରାକ୍-ମାଟ୍ରିକ୍ ସ୍ତରରେ ୭ ଲକ୍ଷ ୨୦ ହଜାର ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ୭୬୦ କୋଟି ଏବଂ ମାଟ୍ରିକ୍ ପରବର୍ତ୍ତୀ ସ୍ତରରେ ୪ ଲକ୍ଷ ୧୭ ହଜାର ଛାତ୍ରୀଛାତ୍ରଙ୍କୁ ୫୩୨ କୋଟି ଟଙ୍କାର ଛାତ୍ରବୃତ୍ତି ମଞ୍ଜୁର କରିଛନ୍ତି। ଆଦିବାସୀ ଛାତ୍ରମାନଙ୍କ କ୍ଷେତ୍ରରେ ପାଠପଢ଼ା ଛାଡ଼ ହ୍ରାସ କରିବା, ସରକାର ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ମାଧ୍ୟମରେ ୨୦୨୫-୨୬ ବର୍ଷରେ ଏପର୍ଯ୍ୟନ୍ତ ୭୬ ହଜାର ୭୫ ଅନୁସୂଚିତ ଜନଜାତି ଛାତ୍ରଙ୍କ ପାଇଁ ୩୮ କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି। ପଛୁଆ ସମ୍ପ୍ରଦାୟ ମଧ୍ୟରେ ନିଯୁକ୍ତି ଏବଂ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବା ପାଇଁ ସରକାର ୨୦୨୫-୨୬ ବର୍ଷ ମଧ୍ୟରେ ୬୫୩ ଯୁବତୀ ଯୁବକଙ୍କୁ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରିଛନ୍ତି।

ସେ ପୁଣି କହିଥିଲେ, ଆକାଂକ୍ଷୀ ଜିଲାର ୧୦ଟି ଗ୍ରାମପଞ୍ଚାୟତରେ ନାରୀ ଅଦାଲତ ସ୍ଥାପନ କରାଯାଇଛି। ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମନ୍ୱିତ ସହାୟତା ପ୍ରଦାନ କରିବା ପାଇଁ ୱାନ୍ ଷ୍ଟପ୍ ସେଣ୍ଟର ପ୍ରତିଷ୍ଠା ହୋଇଛି। ରାଜ୍ୟ ସରକାର ସୁଭଦ୍ରା ଶକ୍ତିମେଳା-୨୦୨୫ ଆୟୋଜନ କରିଥିଲେ, ଯାହା ୮ କୋଟି ୮୯ ଲକ୍ଷ ଟଙ୍କା ଆୟ ଓ ୯୧୮ ଲକ୍ଷପତି ଦିଦି ସୃଷ୍ଟି କରିଥିଲା। ସେହିପରି ନଭେମ୍ବର ୨୦୨୫ରେ ଏହାର ଦ୍ୱିତୀୟ ସଂସ୍କରଣ ୧୨ କୋଟି ଆୟ ଓ ୩୨୮ ଲକ୍ଷପତି ଦିଦି ସୃଷ୍ଟି କରିଥିଲା। ୬ ବର୍ଷରୁ କମ୍ ବୟସର ପିଲା, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନକାରୀ ମା' ଏବଂ କିଶୋରୀ ବାଳିକାମାନଙ୍କୁ ନେଇ ପ୍ରାୟ ୪୭ ଲକ୍ଷ ୭୮ ହଜାର ହିତାଧିକାରୀଙ୍କୁ ୨୦୨୫-୨୬ ଆର୍ଥିକ ବର୍ଷରେ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ସ୍ଥିତି ଉନ୍ନତ କରିବା ପାଇଁ ପରିପୂରକ ପୁଷ୍ଟିସାର କାର୍ଯ୍ୟକ୍ରମ, କିଶୋରୀ ବାଳିକା ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅଧୀନରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି।

ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧିକରି ରାଜ୍ୟର ୮,୪୧୮ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଙ୍ଗନୱାଡ଼ି ଜ୍ଞାନକେନ୍ଦ୍ରରେ ଉନ୍ନୀତ କରିଛନ୍ତି। ସରକାରଙ୍କ ଅଭିନବ ମମତା ଯୋଜନାରେ ୬୮ ଲକ୍ଷ ୪୨ ହଜାର ମହିଳାଙ୍କୁ ଲାଭ ମିଳିଛି ଓ ୩,୭୬୭ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କଖାତାକୁ ସ୍ଥାନାନ୍ତର କରାଯାଇଛି। ଓଡ଼ିଶାର ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# ଲାଭ ନେଇଗଲା କଂଗ୍ରେସ

ଭୁବନେଶ୍ୱର,୧୭।୨(ସୁନିତ୍ ମିଶ୍ର)

## ବିଧାନସଭାର ପ୍ରଥମ ଦିନରୁ ଏମିତି

୧୭ଶ ବିଧାନସଭାର ୬ଷ୍ଠ ଅଧିବେଶନ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଗୃହକାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିନ ଥିବା ଯୋଗୁ ଗୃହରେ ସବୁ ଦଳର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଲକ୍ଷ୍ୟ କରାଯାଉଛି ବିରୋଧୀ ଦଳର ସଦସ୍ୟମାନଙ୍କ ଭିତରେ ସମନ୍ୱୟର ଘୋର ଅଭାବ ରହୁଛି। ପରିସ୍ଥିତି ମୁତାବକ ଯେତେବେଳେ ଶାସକ ଦଳ ବିରୋଧରେ ନିଷ୍ପତ୍ତି ନେବାକୁ ପଡୁଛି ସେହି ସମୟରେ ସମନ୍ୱୟର ଅଭାବ ବିରୋଧୀ ଦଳ ଭିତର ଫାଟକୁ ପଦାରେ ପକାଇ ଦେଉଛି। ଗୃହକାର୍ଯ୍ୟ ଆରମ୍ଭ ଦିନ ଏପରି ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ବିଜେଡି ନେତାଙ୍କ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟିହେବାରୁ ବିରୋଧୀ ଆସନର ଲାଭ ଏକ ପ୍ରକାର କଂଗ୍ରେସକୁ ଚାଲିଯାଇଛି।

ରାଜ୍ୟପାଳଙ୍କ ଅଭିଭାଷଣ ଚାଲିଥିବା ବେଳେ ବିରୋଧୀ ଦଳର କେତେଜଣ ସଦସ୍ୟ କକ୍ଷତ୍ୟାଗ ନେଇ ଆଲୋଚନା ଆରମ୍ଭ କରିଦେଲେ। ରାଜ୍ୟପାଳଙ୍କ ଭାଷଣରେ କିଛି ନୂଆ ନାହିଁ, ସବୁ ପୁରୁଣା କଥା ବୋଲି କେତେଜଣ ବିଜେଡି ବିଧାୟକ ଅଭିଯୋଗ କରି କକ୍ଷତ୍ୟାଗ କରିବା ପାଇଁ ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମତାମତ ଲୋଡ଼ିବାକୁ ଚାହିଁଲେ। ହେଲେ ନବୀନ କିଛି ପ୍ରତିକ୍ରିୟା ଦେଉ ନ ଥାଆନ୍ତି। ସେତେବେଳକୁ ବିଜେଡିର କେତେଜଣ ବରିଷ୍ଠ ବିଧାୟକ ରାଗି ପଞ୍ଚମ ହୋଇସାରିଲେଣି। ଯାହା ଲକ୍ଷ୍ୟ କରାଯାଉଥିଲା, ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜେଡି ସଦସ୍ୟ ନିରଞ୍ଜନ ପୂଜାରୀଙ୍କ ସହ କିଛି ଆଲୋଚନା କଲେ। ହେଲେ କକ୍ଷତ୍ୟାଗ ନେଇ ଦଳର କୌଣସି ନିଷ୍ପତ୍ତି ନ ହେବା ଦ୍ୱାରା ରଣେନ୍ଦ୍ର ଯେପରି ବିରକ୍ତ ହେଉଥାଆନ୍ତି ସେମିତି କିଛି ଲକ୍ଷ୍ୟ କରାଯାଉଥାଏ। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବୋଧହୁଏ ବିଜେଡିର ଆଲୋଚନା ସମ୍ପର୍କରେ ଜାଣିପାରିଲେ। ସଙ୍ଗେସଙ୍ଗେ କାଡାମ ରାଜ୍ୟପାଳଙ୍କ ଭାଷଣରେ କିଛି ନୂଆ ନାହିଁ, ଅନେକ ପ୍ରସଙ୍ଗରେ ଏଠାରେ କିଛି କୁହାଯାଉନାହିଁ ଅଭିଯୋଗକରି କଂଗ୍ରେସ କକ୍ଷତ୍ୟାଗ କରିବାକୁ ନିଷ୍ପତ୍ତି ନେଇଗଲା। ଏହାପରେ ରଣେନ୍ଦ୍ର ଆହୁରି ରାଗିଯାଇ ଏକୁଟିଆ କକ୍ଷତ୍ୟାଗ କଲେ। ଫଳରେ ବିଜେଡି ଭିତରେ ଏହି ଯେଉଁ ସମନ୍ୱୟର ଅଭାବ ରହିଛି ସେକଥା ଜଣାପଡିଯିବ ଭାବି ସଙ୍ଗେସଙ୍ଗେ ଦଳ କକ୍ଷତ୍ୟାଗ କରିବାକୁ ନିଷ୍ପତ୍ତି ନେଲା। ବିଜେଡିର ଏହି ଦ୍ୱନ୍ଦ୍ୱ କଂଗ୍ରେସକୁ ଲାଭ ଦେଲା ବୋଲି ବିଧାନସଭା ଭିତରେ ପ୍ରବଳ ଚର୍ଚ୍ଚା ହେଲା। କଂଗ୍ରେସକୁ ଦେଖି ବିଜେଡି ନିଷ୍ପତ୍ତି ନେଲା ବୋଲି ସବୁଆଡ଼େ ଆଲୋଚନା ଚାଲିଲା।

ସେହିପରି ବିଜେଡି ବିଧାୟକ ଦଳ ବୈଠକରେ ଧାନ ପ୍ରସଙ୍ଗରେ ଗୃହ ଚଲାଇ ନ ଦେବା ପାଇଁ ଯେଉଁ ନିଷ୍ପତ୍ତି ହୋଇଛି ତାକୁ ନେଇ ମଧ୍ୟ ଧୀରେଧୀରେ ଦଳ ଭିତରେ ଅସନ୍ତୋଷ ଉଗ୍ରରୂପ ନେବ ବୋଲି ଜଣାପଡୁଛି। କାରଣ କେତେଜଣ ବିଧାୟକ ଏହାକୁ ବିରୋଧ କରିବା ସହ ଯଦି ତାଙ୍କ ଦଳର ସଦସ୍ୟ ହୋହଲ୍ଲା କରି କକ୍ଷତ୍ୟାଗ କରନ୍ତି ତେବେ ସେମାନେ ଆଲୋଚନାରେ ଭାଗ ନେବେ ବୋଲି ଚୂଡ଼ାନ୍ତ କରିଛନ୍ତି; ଯାହା ବିଜେଡି ନେତୃତ୍ୱକୁ ଆଗକୁ ଦ୍ୱନ୍ଦ୍ୱରେ ପକାଇବ ବୋଲି କୁହାଯାଉଛି। ଯେଉଁ କେତେଜଣ ବିଜେଡି ନେତା ଗୃହ ଚଲାଇ ନ ଦେବା ନିଷ୍ପତ୍ତିକୁ ବିରୋଧ କରୁଛନ୍ତି ସେମାନଙ୍କ କହିବା କଥା, ଯଦି ଗୃହରେ ଆଲୋଚନା ନ ହେବ ତେବେ ଏହାର ଲାଭ ତ ଶାସକ ଦଳକୁ ଯିବ। ଦଳର ଜଣେ ସାଧାରଣ ସମ୍ପାଦକ ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ବିଜେଡି ଗୃହ ଚଳାଇ ନ ଦେବା ପଛର କାରଣ କେବଳ ରାଜ୍ୟ ସଭା ନିର୍ବାଚନ। ଏହାଦ୍ୱାରା ୨ଟି କଥା ଆଲୋଚନା ହେବ। ବିଜେଡି ଏବେ ବିରୋଧୀ ଦଳ ଭୂମିକା ଭଲରେ ତୁଲାଉଛି। ଏହି ବାହାନାରେ ଶାସକ ଦଳ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ସହଜରେ ପାରିତ କରାଇବା ସଙ୍ଗେସଙ୍ଗେ ବିଜେଡି ସହ ସେମାନଙ୍କ ସମ୍ପର୍କ ନେଇ ଯେଉଁ ଆଲୋଚନା ହେଉଛି ସେହି ଦୋଷ କଂଗ୍ରେସ ମୁଣ୍ଡରେ ଲଦିହେବ।




ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ୮ ଦଫା ଦାବି ନେଇ ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଦିବଂଗତଙ୍କ ପାଇଁ ଶୋକ

ଭୁବନେଶ୍ୱର,୧୭।୨
(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ଦିନ ମଙ୍ଗଳବାର ଅପରାହ୍ଣରେ ରାଜ୍ୟପାଳଙ୍କ ଅଭିଭାଷଣ ପରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଡାକିଥିଲେ। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗୃହର ପୂର୍ବତନ ମନ୍ତ୍ରୀ ତଥା ଦିବଂଗତ ସଦସ୍ୟ କାହ୍ନୁ ଚରଣ ଲେଙ୍କା, ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ଆଚାର୍ଯ୍ୟ, କୁଳମଣି ରାଉତ, ସଞ୍ଜିତା ମହାନ୍ତି ଓ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଜନସେବାର ଅବତାରଣା କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନକରି ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରିଶେଷରେ ବାଚସ୍ପତି ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଗୃହକୁ ବୁଧବାର ସକାଳ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

# ସଂଶୋଧନ ପ୍ରସ୍ତାବ ଲୋଡ଼ିଲେ ବାଚସ୍ପତି

ଭୁବନେଶ୍ୱର,୧୭।୨
(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଚଳିତ ଅଧିବେଶନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କ ଅଭିଭାଷଣରେ ସଂଶୋଧନ ପ୍ରସ୍ତାବ ଲୋଡ଼ିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ବାଚସ୍ପତି କହିଥିଲେ, ରାଜ୍ୟପାଳଙ୍କ ଅଭିଭାଷଣରେ ଯଦି କୌଣସିଠାରେ ସଂଶୋଧନ ଆଣିବାକୁ ସଦସ୍ୟମାନେ ଚାହୁଁଛନ୍ତି ତେବେ ବିଧାନସଭାସ୍ଥିତ ସଦସ୍ୟଙ୍କ ଶାଖାରେ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଦେଇପାରିବେ। ଏହି ଅବସରରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିଥିବା ବିଲ୍ ସମ୍ପର୍କରେ ଗୃହକୁ ଅବଗତ କରାଇବାକୁ ବାଚସ୍ପତି ଡାକିଥିଲେ। ସଚିବ ରାଉତ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିଥିବା ଓଡ଼ିଶା ଜନବିଶ୍ୱାସ ବିଲ୍ ସହିତ ଅନ୍ୟାନ୍ୟ ବିଲ୍ ସମ୍ପର୍କରେ ଗୃହକୁ ଦର୍ଶାଇଥିଲେ।

# ବଦଳିଲା ଅରବିନ୍ଦ, ସନାତନଙ୍କ ଆସନ

ଭୁବନେଶ୍ୱର, ୧୭।୨(ସୁନିତ୍ ମିଶ୍ର)

କିଛିଦିନ ତଳେ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଏହାପରେ ବହୁ କିଛି ରାଜନୈତିକ ଘଟଣାକ୍ରମ ଘଟିଯାଇଛି। ସବୁକିଛି ପରେ ମଙ୍ଗଳବାର ବଜେଟ ଅଧିବେଶନ ଆରମ୍ଭ ହେବାପରେ ସନାତନ ଏବଂ ଅରବିନ୍ଦ ବିଧାନସଭା ଆସିଛନ୍ତି। ଏଥର କିନ୍ତୁ ଅନେକ କିଛି ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହି ୨ ବିଧାୟକଙ୍କ ଆସନ ବଦଳିଯାଇଛି। ଅନ୍ୟପଟେ ବିଜେଡି ଯେତେବେଳେ ରାଜ୍ୟପାଳଙ୍କ ଭାଷଣକୁ ବିରୋଧ କରି କକ୍ଷତ୍ୟାଗ କଲା ସେଥିରେ ସନାତନ ଏବଂ ଅରବିନ୍ଦ ସାମିଲ ହୋଇ ନ ଥିଲେ। ଉଭୟ ବିଧାୟକ ଗୃହରେ ରହିଥିଲେ।

ଗୃହ ବାହାରକୁ ଆସିବା ପରେ ସନାତନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଦୁଃଖୀ ନାହାନ୍ତି କି ସୁଖୀ ନାହାନ୍ତି। କିଏ କ'ଣ କହିଲେ ତାଙ୍କର କିଛି ଯାଏ ଆସେ ନାହିଁ। ୧୪୭ ବିଧାୟକଙ୍କ ଭିତରୁ ସେ ଜଣେ। ଲୋକଙ୍କ ପାଇଁ କାମ କରିବାକୁ ଆସିଛି କରିବି। ଜିଲାର ବିକାଶ ଉପରେ ପ୍ରାଥମିକତା ଦେବେ। ତାଙ୍କ ଜିଲାରୁ ରାଜ୍ୟ ରାଜକୋଷକୁ ଯେତିକି ରାଜସ୍ୱ ଆସୁଛି ସେହି ଅନୁସାରେ ସେହି ଅଞ୍ଚଳର ବିକାଶ ହେଉନାହିଁ। ତେଣୁ ଜିଲାର ବିକାଶ ପାଇଁ କାମ କରିବେ। ନବୀନ କି ପାଣ୍ଡିଆନ୍ କାହା ନାଁରେ କେବେ କହିବା କେହି ଶୁଣି ନ ଥିବେ। ମୁଖ୍ୟମନ୍ତ୍ରୀ ଯିଏ ଅଛନ୍ତି ସେ ତାଙ୍କ ଜିଲାର ଏବଂ ସେ ତାଙ୍କର ସାନଭାଇ। ତାଙ୍କ ସହ କଥା ହେବେ ନା ନାହିଁ ବୋଲି ସନାତନ ପ୍ରଶ୍ନ କରିବା ସହିତ ଆଉ ବିଜେଡି ଫେରିବା ସମ୍ଭାବନା ନାହିଁ ବୋଲି କହିଛନ୍ତି।

ଅରବିନ୍ଦ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସିଟ୍ ବଦଳିଲା ଭଲ ହେଲା। ଏଭଳି କାର୍ଯ୍ୟରେ ବ୍ୟସ୍ତ ବିବ୍ରତ ନୁହେଁ, ବହୁତ ସମୟ ଅଛି। ରାଜ୍ୟପାଳଙ୍କ ଅଭିଭାଷଣ ଶୁଣିବା ଲାଗି ତାଙ୍କ ସ୍ୱାଧୀନ ବିବେକ କହିଲା, ତେଣୁ ରହିଲେ। ଯାହା ଠିକ୍ ଲାଗିବ ତାହା ହିଁ କରିବି। ନବୀନଙ୍କୁ ଦେଖି ନମସ୍କାର ଜଣାଇଲେ। ତାଙ୍କର ଆଉ କିଛି ପଚାରିବାର ନାହିଁ ବୋଲି ଅରବିନ୍ଦ କହିଛନ୍ତି।

# ରାଜ୍ୟପାଳଙ୍କ ମୁହଁରେ ସରକାରଙ୍କ ଗୋଲାପୀ ଚିତ୍ର: କାଡାମ

ଭୁବନେଶ୍ୱର,୧୭।୨(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଚଳିତ ଅଧିବେଶନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କ ମୁହଁରେ ରାଜ୍ୟ ସରକାର ତାଙ୍କ ଗୋଲାପୀ ଚିତ୍ର ଦେଖାଇଛନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି। ଅଭିଭାଷଣ ବେଳେ କକ୍ଷ ତ୍ୟାଗ କରିବାକୁ ନେଇ କାଡ଼ାମ କହିଛନ୍ତି, ସରକାର ଯେଉଁ ପୁସ୍ତିକା ରାଜ୍ୟପାଳଙ୍କ ମୁହଁରେ କୁହାଇଛନ୍ତି, ସେଥିରେ ଚାଷୀମାନଙ୍କ ପାଇଁ କିଛିନାହିଁ। ଗୋଟିଏପଟେ ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି, ୧୫୦ କୁଇଣ୍ଟାଲରୁ ଅଧିକ ଧାନ ଜଣେ ଚାଷୀ ବିକ୍ରି କରିପାରିବ ନାହିଁ। ହେଲେ ରାଜ୍ୟପାଳଙ୍କ ଅଭିଭାଷଣରେ ଏସବୁ ନାହିଁ। ସେହିପରି ଜନଜାତି ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର 'ପେସା' ଆଇନ ଲାଗୁ କରିବା କଥା ନ ଥିବାବେଳେ ରାଜ୍ୟରେ ନାରୀ ନିର୍ଯାତନା ରୋକିବା ନେଇ କୌଣସି ନୂତନତ୍ୱ ନାହିଁ। କାଡ଼ାମ ପୁଣି କହିଥିଲେ, ରାଜ୍ୟ ସରକାର ଖାଲି ଲୋକଦେଖାଣିଆ ବଜେଟ କରୁଛନ୍ତି, ହେଲେ ବାସ୍ତବରେ ତାହାକୁ ଖର୍ଚ୍ଚ କରିପାରୁନାହାନ୍ତି। ଗତ ୨ଟି ବଜେଟରେ ଯେଉଁ ଅର୍ଥ ବ୍ୟବସ୍ଥା ହୋଇଛି ତାହା ଖର୍ଚ୍ଚ କରିପାରି ନ ଥିବାରୁ ପୁଣିଥରେ ସେହି ଅର୍ଥ ରାଜକୋଷକୁ ଫେରିଯାଉଛି। ସରକାର ଖାଲି କାଗଜପତ୍ରରେ ଲେଖା, ଲିଭା କାମ କରୁଛନ୍ତି ବୋଲି କାଡ଼ାମ କହିଛନ୍ତି।



# ଯେତିକି ପାରିବ ସେତିକି

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଏବେ ମଣିଷର ପ୍ରତିଟି ପଦକ୍ଷେପକୁ ପରିଚାଳନା କଲାଣି। ପରିବେଶ ପରିସଂସ୍ଥାନକୁ ଇକୋସିଷ୍ଟମ ବୋଲି କହିଥାଉ। ଏବେ ଏଆଇ ଇକୋସିଷ୍ଟମ ବିଷୟରେ ଅନେକ ଚର୍ଚ୍ଚା ହେଉଛି। ଯେଉଁ ଦେଶ କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାର କରି ସର୍ବୋଚ୍ଚରେ ପହଞ୍ଚିପାରିବ, ସେ ପୃଥିବୀରେ ମାର୍କେଟ ଲିଡର ହୋଇପାରିବ। କୁହାଯାଉଛି ବିଜ୍ଞାନ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳବାୟୁ ଗବେଷଣା, ଶାସନ, ସାମରିକ, ସୃଜନଶୀଳ କ୍ଷେତ୍ରଠାରୁ ଆରମ୍ଭକରି ବହୁବିଧ ଦିଗରେ ଏଆଇ ଉପଯୋଗ ହେଲାଣି। ସେହି ଦୃଷ୍ଟିରୁ ଦେଖିଲେ ଆମେରିକା ସମକକ୍ଷ ହେବା ପାଇଁ ଚାଇନା ସମେତ ବହୁ ଦେଶ ଧାଇଁଛନ୍ତି। ଏହି ପରିପ୍ରେକ୍ଷୀରେ ୧୬ରୁ ୨୦ ଫେବୃଆରୀ ଯାଏ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ‘ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍‌–୨୦୨୬’ ଆୟୋଜିତ ହେଉଥିବା ବେଳେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି। ଏଥିରେ ପ୍ରଯୁକ୍ତିସମ୍ପନ୍ନ ବ୍ୟକ୍ତି, ରାଜନେତା, ବ୍ୟବସାୟୀ ଓ ଅନ୍ୟାନ୍ୟ କ୍ଷେତ୍ରର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିବା ପରେ କହିଛନ୍ତି, ଏଆଇ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। କିନ୍ତୁ ବାସ୍ତବରେ କେଉଁ ଦେଶ ଏଆଇ ଗବେଷଣାରେ ଆଗୁଆ ହୋଇପାରିଛି ବୋଲି କହିବା ଅତ୍ୟନ୍ତ କଷ୍ଟକର। ଦେଖିବାକୁ ଗଲେ ଚାଇନା ଓ ଆମେରିକା ମଧ୍ୟରେ ଲାଗିଥିବା ଦୌଡ଼ ସହିତ ଅନ୍ୟ କୌଣସି ଦେଶ ସମକକ୍ଷ ତ ଦୂରର କଥା, ପାଖାପାଖି ମଧ୍ୟ ନାହାନ୍ତି। ଏଆଇ ସମ୍ବନ୍ଧୀୟ ପାଟେଣ୍ଟ ସଂଖ୍ୟାକୁ ଦେଖିଲେ ଚାଇନା ପାଖରେ ୩ ଲକ୍ଷ ୫୦୦ ଏବେ କାର୍ଯ୍ୟରତ ରହିଛି। ସେହିଭଳି ଆମେରିକା ନିକଟରେ ୬୭,୭୦୦ ଏଆଇ ପାଟେଣ୍ଟ ଥିବା ବେଳକୁ ଜାପାନର ୨୬,୪୦୦ ପାଟେଣ୍ଟ ସକ୍ରିୟ ରହିଥିବା ବେଳେ ଭାରତର ୨୬,୦୦୦ ଏଆଇ ପାଟେଣ୍ଟ ପାଇଁ ଆବେଦନ ପଡ଼ିଛି। ପଞ୍ଚମ ବୃହତ୍ ଦେଶ ଭାବେ ଦକ୍ଷିଣ କୋରିଆର ୨୩,୭୦୦ ପାଟେଣ୍ଟ କାର୍ଯ୍ୟକ୍ଷମ ଅଛି। ଚାଇନାରେ ଟେନ୍‌ସେଣ୍ଟ, ପିଙ୍ଗ୍ ଆନ୍, ବାଇଡୁ ଏବଂ ଆମେରିକାର ଆଇବିଏମ୍, ଗୁଗଲ ଏବଂ ମାଇକ୍ରୋସଫ୍ଟ ଏ ଦିଗରେ କର୍ଣ୍ଣଧାର ଭାବେ କାର୍ଯ୍ୟ କରୁଛନ୍ତି। ଏହି କ୍ଷେତ୍ରରେ ଚାଇନା ସଂଖ୍ୟାରେ ଆଗୁଆ ଥିବାବେଳେ ଆମେରିକା ଗୁଣବତ୍ତାରେ ଆଗୁଆ ରହୁଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଭଳି ପ୍ରଚ୍ଛଦପଟରେ ଭାରତର ଭୂମିକା ଏବେ ମଧ୍ୟ ଶୈଶବ ଅବସ୍ଥାରେ ଅଛି।

ଏପରିସ୍ଥଳେ ଦିଲ୍ଲୀରେ ବଡ଼ଧରଣର ସମ୍ମିଳନୀ ଆୟୋଜନ କରି କେବଳ ଧ୍ୱନି ଦେବା ବ୍ୟତୀତ ଅନ୍ୟ କୌଣସି ମାନେ ରଖୁନାହିଁ। ଭାରତ ତରଫରୁ କୁହାଯାଉଛି ଯେ, ଆଗାମୀକାଲିର ବୈଷୟିକ ବିପ୍ଳବରେ ନେତୃତ୍ୱ ନେବା ପାଇଁ ଭାରତ ପ୍ରସ୍ତୁତ। ଗୁଗଲ, ୟାହୁ କିମ୍ବା ବାଇଡୁ ଭଳି ଭାରତର କୌଣସି ନିଜସ୍ୱ ସର୍ଚ୍ଚଇଞ୍ଜିନ ବା ଇଣ୍ଟରନେଟ୍‌ରେ ତଥ୍ୟ ଖୋଜିବାର ମଞ୍ଚ ନାହିଁ। ନେତୃତ୍ୱ ନେବା ପାଇଁ ଇଚ୍ଛୁକ ରହି ସ୍ଲୋଗାନ ସୃଷ୍ଟି କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ଭାରତ ସେତିକିରେ ଅଟକି ଯାଉଛି। କାର୍ଯ୍ୟରେ କୌଣସି ପ୍ରଭାବ ପଡୁଥିବାର ଦୃଷ୍ଟାନ୍ତ ମିଳୁନାହିଁ। ଏଆଇର ଭବିଷ୍ୟତରେ ଦିଲ୍ଲୀର ଏହି ସମ୍ମିଳନୀ କୌଣସି ଐତିହାସିକ ଗୁରୁତ୍ୱ ରଖିବ ବୋଲି ମନେ ହେଉନାହିଁ। କାରଣ ପ୍ରାୟ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇନାହାନ୍ତି। ଇନ୍‌ଭେଡିଆ ସିଇଓ ଜେନ୍‌ସେନ୍ ହୁଆଙ୍ଗ ଭାରତ ଗସ୍ତକୁ ବାତିଲ କରିଦେଇଥିବା ବେଳେ କ୍ୱାଲ୍‌କମ୍‌ର କ୍ରିଷ୍ଟିଆନୋ ଆମୋନ, ମିଲା ଇନ୍‌ଷ୍ଟିଚ୍ୟୁଟର ୟୋସୁଆ ବେନ୍‌ଗିଓ, ମେଟାର ୟାନ୍ ଲାକୁନୋ ଏବଂ ଆନ୍ଥ୍ରୋପିକ୍‌ର ଡାରିଓ ଆମୋଦେଇ ପୂର୍ବରୁ ଯୋଗଦେବାର ଆଶ୍ୱାସନା ଦେବା ସତ୍ତ୍ୱେ ଏବେ ସମ୍ଭବତଃ ଗସ୍ତ ବାତିଲ କରିଛନ୍ତି। ଅନ୍ୟପକ୍ଷରେ ଭାରତ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରିଲାଏନ୍ସର ମୁକେଶ ଅମ୍ବାନୀ, ରିଲାଏନ୍ସ ଜିଓର ଆକାଶ ଅମ୍ବାନୀ, ଇନ୍‌ଫୋସିସ୍‌ର ନନ୍ଦନ ନିଲେକାନୀ, ଟାଟା ସନ୍ସର ନଟରାଜନ ଚନ୍ଦ୍ରଶେଖରନ୍, ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ ଏବଂ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ପ୍ରମାଣ କରିଦେଇଛନ୍ତି ଯେ ଭାରତରେ ଏଆଇ ଗବେଷଣାରେ କୌଣସି ଟେକ୍ନୋକ୍ରାଟ ନାହାନ୍ତି। ସବୁଠାରୁ ବଡ଼ ଦୁଃଖର ବିଷୟ ହେଲା ଯେ, ଏହି ସମ୍ମିଳନୀର ପ୍ରଥମ ଦିନରେ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ବାତାବରଣ ସୃଷ୍ଟି ହୋଇଗଲା। ରାଜନେତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଜଗିଲା ବେଳକୁ ସମ୍ମିଳନୀରେ ୱାଇଫାଇ ନ ଥିଲା। ପିଇବା ପାଣିର ଅଭାବ ଦେଖାଦେଲା ଏବଂ ସବୁଠାରୁ ଅଧିକ ଅପଦସ୍ଥ ହେଲାଭଳି ପରିସ୍ଥିତି ସୃଷ୍ଟି ହେଲା, ଯେଉଁଥିରେ ଖାଦ୍ୟ ବିକ୍ରେତାମାନେ ଡିଜିଟାଲ ଅର୍ଥ ସ୍ୱୀକାର କଲେ ନାହିଁ। ଏଭଳି ପରିସ୍ଥିତି ସୃଷ୍ଟି ହେଲା ଯେଉଁଥିପାଇଁ ସମ୍ପୃକ୍ତ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ଷମାପ୍ରାର୍ଥନା କରିବାକୁ ବାଧ୍ୟ ହେଲେ।

ଏଥିରୁ ବୁଝିବାକୁ ହେବ ଯେ, ଏହିଭଳି ଅତି ଚାଲିଖି ଦେଖାଇବାକୁ ଯାଇ ନିଜର ନାକ କଟାଇବା ଆଦୌ ଶୋଭନୀୟ ନୁହେଁ। ଏହା କରିବା ଫଳରେ ବିଗତ ୧୨ ବର୍ଷର ତପସ୍ୟା ଆମେରିକା ବାଣିଜ୍ୟ ଚୁକ୍ତି ଦସ୍ତଖତ କରି ଶୁଖୁଆ ପୋଡ଼ିଲା ଭଳି ମନେହେଉଛି। ଭାରତ ତା'ର ସୀମିତ ମାନବସମ୍ବଳକୁ ଉଚିତ ଢଙ୍ଗରେ ବ୍ୟବହାର କରି ଯେତିକି ପାରିବ ସେତିକିରେ ଶିଖି ରହିବା ଦରକାର। ଅତି ବେଶି ଉଚ୍ଛୁଳିଲେ ନିଆଁକୁ ଯିବା ଥୟ। ଦୁର୍ଭାଗ୍ୟର ବିଷୟ ଯେ, ଜି୨୦ ଭଳି ବଡ଼ ଆଡ଼ମ୍ବରରେ ଅନେକ ଏଭଳି ସମ୍ମିଳନୀକୁ ଆୟୋଜନ କରି ଭାରତର ସ୍ଥିତି ଆଜି ଅଧିକ ଦୁର୍ବଳ ହୋଇପଡ଼ିଛି। ଭାଷଣ ଛାଡ଼ ଧ୍ୱନି ଦେବାର ପ୍ରୟୋଜନ ନାହିଁ। ମନଦେଇ ଏବଂ ସମ୍ବଳ ଅନୁଯାୟୀ କାର୍ଯ୍ୟ କର। ଭାରତ କୌଣସି ବିଶ୍ୱଗୁରୁ ନୁହେଁ ଏବଂ ତାହା ଏବେ ବାରମ୍ବାର ପ୍ରମାଣିତ ହେଉଛି। ସେଥିପାଇଁ ଶାନ୍ତ ପଡ଼ିବା ଆମ ପାଇଁ ସବୁଠାରୁ ଅଧିକ ଗ୍ରହଣୀୟ ହେବା ଉଚିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | 9 | | 5 | 3 | | 4 | |
| | 2 | 4 | 8 | | 7 | 3 | | |
| 3 | | 1 | | 2 | 9 | | | 5 |
| 1 | | | | 3 | 5 | 8 | 9 | |
| | | 2 | | | | | | |
| 9 | 3 | | | | | | | |
| 6 | 5 | 7 | | | 1 | | | |
| | | | 7 | | 8 | | | |
| | | | | 9 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 9 | 6 | 2 | 3 | 8 | 4 | 1 |
| 4 | 2 | 8 | 5 | 1 | 9 | 7 | 6 | 3 |
| 1 | 6 | 3 | 7 | 8 | 4 | 5 | 9 | 2 |
| 3 | 9 | 7 | 1 | 4 | 5 | 2 | 8 | 6 |
| 2 | 8 | 1 | 9 | 3 | 6 | 4 | 5 | 7 |
| 6 | 5 | 4 | 2 | 7 | 8 | 3 | 1 | 9 |
| 8 | 4 | 2 | 3 | 9 | 1 | 6 | 7 | 5 |
| 7 | 1 | 5 | 8 | 6 | 2 | 9 | 3 | 4 |
| 9 | 3 | 6 | 4 | 5 | 7 | 1 | 2 | 8 |

ଗତକାଲିର ଉତ୍ତର



# ପରିମାଣାତ୍ମକ ନା ଗୁଣାତ୍ମକ ଶିକ୍ଷା

ଅକ୍ଷୟ କୁମାର ମିଶ୍ର

ଥରେ ଜଣେ ରାଜନେତାଙ୍କ ସହିତ ସାକ୍ଷାତ ହେଲା। ପୂର୍ବତନ ଲୋକ ସଭା ସାଂସଦ। ବର୍ତ୍ତମାନର ସରକାରୀ ଦଳର ସେ ଜଣେ ପ୍ରତିଷ୍ଠିତ ନେତା। ବିଭିନ୍ନ ସଭା ସମିତିରେ ଆମେ ଏକାଧିକ ବାର ଭେଟାଭେଟି ହେଉଥିବାରୁ ସେ ମୋତେ ଭଲ ଭାବରେ ଚିହ୍ନିଥିଲେ। ସେଦିନ ଦେଖୁ ଦେଖୁ କହିଲେ, ‘‘ମାଷ୍ଟ୍ରେ, ସଙ୍ଗଠନ କାମ କେମିତି ଚାଲିଛି ?’’ କିଛି ନ କହି ମୁଁ ଚୁପ୍ ରହିଲି। ଏଥର ସେ ପୁଣି କହିଲେ, ‘‘ଯାହା କୁହନ୍ତୁ ମାଷ୍ଟ୍ରେ, ଆପଣମାନେ ଯାହା ଚାହୁଁଛନ୍ତି ବା ଆପଣଙ୍କ ସଙ୍ଗଠନ ଯାହା ନାରା ଦେଉଛି ତାହା କ'ଣ ସମ୍ଭବ ? ସମସ୍ତେ ଉଚ୍ଚ ଶିକ୍ଷା ପ୍ରାପ୍ତ ହେବା କ'ଣ ଆବଶ୍ୟକ ? ଉଚ୍ଚ ଶିକ୍ଷା ଲାଭ କରି ସାରିବା ପରେ ସଭିଏଁ ନିଯୁକ୍ତି ଚାହିଁବେ। ସମସ୍ତଙ୍କୁ ନିଯୁକ୍ତି ଦେବା କ'ଣ ସମ୍ଭବ? ଯାହାର ଭାଗ୍ୟରେ ନାହିଁ ସେ ବି ଉଚ୍ଚ ଶିକ୍ଷିତ ହେଉ ଏବଂ ସମସ୍ତଙ୍କୁ ସରକାର ମାଗଣାରେ ଶିକ୍ଷା ପ୍ରଦାନ କରନ୍ତୁ, ଏହା ଠିକ୍ କଥା ନୁହେଁ। ତା'ପରେ ସରକାର ଯଦି ସବୁକଥା କରିବେ, ମାତାପିତାଙ୍କର କ'ଣ କିଛି ଦାୟିତ୍ୱ ନାହିଁ ’’

ପରବର୍ତ୍ତୀ ସମୟରେ ମହାଶୟଙ୍କ କଥାଗୁଡ଼ିକ ମୋତେ ଆନ୍ଦୋଳିତ କଲା। ସମସ୍ତେ ଉଚ୍ଚ ଶିକ୍ଷିତ ନ ହୁଅନ୍ତୁ ଥିଲା ତାଙ୍କର ମତ। ଶିକ୍ଷିତ ହେବା ନ ହେବା ଭାଗ୍ୟ ଉପରେ ନିର୍ଭର କରେ। କେବଳ ଯେଉଁମାନେ ଖୁବ୍ ମେଧାବୀ ସେମାନେ ଉଚ୍ଚ ଶିକ୍ଷା ଲାଭ କରୁଛନ୍ତି। ଏହି କଥାଗୁଡ଼ିକର ଯୌକ୍ତିକତା ସମ୍ପର୍କରେ ଆଲୋଚନା କରିବାକୁ ହେଲେ ଶିକ୍ଷାର ଇତିହାସ ବା ‘ହିଷ୍ଟ୍ରି ଅଫ୍ ଏଜୁକେଶନ'ର ପୃଷ୍ଠା ଲେଉଟାଇବା ଆବଶ୍ୟକ। ତେବେ ଇତିହାସକୁ ଯିବା ପୂର୍ବରୁ ମେଧାବୀ ସମ୍ପର୍କରେ ଆଲୋଚନା କରାଯାଉ। ମେଧାବୀ କିଏ ଏବଂ କେମିତି ହୁଅନ୍ତି ? ମେଧାବୀ ହେବା ଏକ ଅଲୌକିକ ଶକ୍ତିର ଇଚ୍ଛାଧୀନ ବିଷୟ ନା ପ୍ରାଲବ୍ଧ ନା କ୍ରମବିକାଶ ପ୍ରକ୍ରିୟା ? ସୁବିଧା, ସୁଯୋଗ, ସହଯୋଗ, ସମର୍ଥନ, ସହାୟତା, ସହାନୁଭୂତି ବିନା ଏହି ବିକାଶ କ'ଣ ସମ୍ଭବ?

ଏବେ ଟିକିଏ ଅତୀତକୁ ଯିବା, ଯାହାକୁ ଆମେ ତିନୋଟି ଭାଗରେ ବିଭକ୍ତ କରିପାରିବା। ପ୍ରଥମଟି ବ୍ରିଟିଶ ଶାସନର ପୂର୍ବ ସମୟ, ଦ୍ୱିତୀୟରେ ବ୍ରିଟିଶ ଶାସନ କାଳୀନ ସମୟ ଏବଂ ଶେଷରେ ସ୍ୱାଧୀନତା ପରବର୍ତ୍ତୀ ସମୟ। ବ୍ରିଟିଶ ଶାସନର ପୂର୍ବବର୍ତ୍ତୀ ରାଜା ରାଜୁଡ଼ାଙ୍କ ସମୟରେ କ୍ଷମତା ହସ୍ତାନ୍ତର ବଂଶାନୁକ୍ରମ ଆଧାରରେ ହେଉଥିଲା। ସମାନ ଭାବେ ଶିକ୍ଷା ପ୍ରଦାନ ଓ ଗ୍ରହଣର ଅଧିକାର ଉଚ୍ଚ ସମ୍ପ୍ରଦାୟଙ୍କ ଭିତରେ ସୀମିତ ଥିଲା। ଏହାର ହାର ନଗଣ୍ୟତର ଥିଲା। ଅବଶ୍ୟ କିଛି ଲୋକ ଯୁକ୍ତି କରନ୍ତି ଆମ ଦେଶ ଶିକ୍ଷା କ୍ଷେତ୍ରରେ ବେଶ୍ ଅଗ୍ରଣୀ ଥିଲା। ଶତପ୍ରତିଶତ ଲୋକେ ଶିକ୍ଷିତ ଥିଲେ। ବହୁ ଦେଶରୁ ଛାତ୍ରମାନେ ଉଚ୍ଚ ଶିକ୍ଷା ଲାଭ ପାଇଁ ଏଠାକୁ ଆସୁଥିଲେ। କିନ୍ତୁ ଏହି ଯୁକ୍ତି ବିତର୍କ ପରିସର ଭୁକ୍ତ। ୧୭୫୭ ରୁ ୧୯୪୭ ଯାହାକୁ ଆମେ ବ୍ରିଟିଶରାଜ୍ ବୋଲି କହିଥାଉ, ସେହି ସମୟରେ ସେମାନଙ୍କର



ଶାସନ ବ୍ୟବସ୍ଥାକୁ ଚଳେଇବା ପାଇଁ ସେମାନେ କିଛି ଭାରତୀୟଙ୍କ ଆବଶ୍ୟକତା ଅନୁଭବ କରିଥିଲେ। ତାକୁ ଲକ୍ଷ୍ୟ କରି ସେମାନେ ଇଂରାଜୀ ଶିକ୍ଷାର ପ୍ରଚଳନ କରିଥିଲେ ଏବଂ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହେବାକୁ ହେଲେ ଯୋଗ୍ୟତା ହାସଲ କରିବାକୁ ହେବ ତାହା ପୁଣି ଲିଖିତ ପରୀକ୍ଷା ମାଧ୍ୟମରେ ନିୟମ କରିଥିଲେ। ଅର୍ଥାତ୍ କହିବାକୁ ଗଲେ ବଂଶବାଦର ପ୍ରାଧାନ୍ୟ ଉପରେ କିଛିଟା ରୋକ ଲାଗିଲା। କିନ୍ତୁ ସାମାଜିକ ତଥା ଆର୍ଥିକ ଅନଗ୍ରସରତାର ବ୍ୟାଧି ଭୋଗୁଥିବା ବ୍ୟକ୍ତିମାନେ ଏଥିରେ କାଣିଚାଏ ଉପକୃତ ହେଲେ ନାହିଁ। ମ୍ୟାକୁଲେଙ୍କ ଶିକ୍ଷାନୀତି ୧୮୩୫ ଠାରୁ ୧୯୪୭ ପର୍ଯ୍ୟନ୍ତ ଏହି ୧୧୨ ବର୍ଷକୁ ଅନୁଧ୍ୟାନ କଲେ ଆମକୁ ବୁଝିବାରେ କିଛି ଅସୁବିଧା ହେବ ନାହିଁ।

ଏହି ଆଲୋଚନାକୁ ଟିକିଏ ସୁଗମ କରିବା ପାଇଁ ସ୍ୱାଧୀନତା ପ୍ରାପ୍ତି ସମୟରେ ଆମ ରାଜ୍ୟର ପରିମାଣାତ୍ମକ ଶିକ୍ଷାର ଚିତ୍ରକୁ ଥୋଇବା ଉଚିତ ହେବ। ୧୯୪୭ ବେଳେ ଆମ ରାଜ୍ୟର ସାକ୍ଷରତା ହାର ଥିଲା ୯ ଶତକଡ଼ାରୁ ସାମାନ୍ୟ ଅଧିକ। ୧୯୫୧ରେ ହୋଇଥିବା ଅଷ୍ଟମ ଜନଗଣନାରେ ତଥ୍ୟ ଆସିଲା ଏହା ବୃଦ୍ଧି ପାଇ ୧୫.୮ ପ୍ରତିଶତରେ ପହଞ୍ଚିଛି। ୧୯୭୧ ଦଶମ ଜନଗଣନା ଓ ୨୦୦୧ ତ୍ରୟୋଦଶ ଜନଗଣନା ବେଳକୁ ଏହି ହାର ଥିଲା ଯଥାକ୍ରମେ ୩୦.୫ ପ୍ରତିଶତ ଓ ୬୩.୦୮ ପ୍ରତିଶତ। ୨୦୨୪ ବେଳକୁ ଆମ ରାଜ୍ୟର ସାକ୍ଷରତା ହାର ୭୯ ପ୍ରତିଶତ ବୋଲି ସରକାରୀ ତଥ୍ୟ। ଅର୍ଥାତ୍ ଏବେ ବି ୧୦୦ରେ ୨୧ ଜଣ ଲେଖିପଢ଼ି ପାରନ୍ତି ନାହିଁ। ତା ହେଲେ ଆମେ କ'ଣ ଧରିନେବା ଏହି ଏକ ପଞ୍ଚମାଂଶ ଲୋକଙ୍କ କପାଳରେ ଲେଖାପଢ଼ାର ଯୋଗ ନାହିଁ ? ଭାଗ୍ୟ ଦୋଷରୁ ସେମାନେ ନିରକ୍ଷର?

ଉଚ୍ଚ ଶିକ୍ଷାର ଚିତ୍ର ଆହୁରି ଦୟନୀୟ। ସ୍ୱାଧୀନତା ଲାଭ କରିବା ସମୟରେ ଆମ ରାଜ୍ୟରେ ଥିଲା ଗୋଟିଏ ମାତ୍ର ବିଶ୍ୱବିଦ୍ୟାଳୟ ଏବଂ ୧୨ଟି ମହାବିଦ୍ୟାଳୟ। ସମଗ୍ର ଓଡ଼ିଶାରେ ସର୍ବମୋଟ୍ ୩୮୮୫ ଜଣ ବିଦ୍ୟାର୍ଥୀ ସେମାନଙ୍କ ମଧ୍ୟରେ ମାତ୍ର ୨୧୯ ଜଣ ଛାତ୍ରୀ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରୁଥିଲେ। ୨୦୨୦ ରେ ପରିସଂଖ୍ୟାନ କହୁଛି ୨୧ ପ୍ରତିଶତ ପିଲା ଆମ ରାଜ୍ୟରେ ଉଚ୍ଚଶିକ୍ଷାର ବଳୟ ଭିତରକୁ ପ୍ରବେଶ କରିପାରିଛନ୍ତି। ତେବେ କ'ଣ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ପାଞ୍ଚ ଭାଗରୁ ଚାରି ଭାଗ ପିଲାଙ୍କ ଭାଗ୍ୟରେ ଉଚ୍ଚଶିକ୍ଷା ପାଇବା ଲେଖାନାହିଁ , କି ଏମାନେ କେହି ମେଧାବୀ ନୁହନ୍ତି ? ନା, ବରଂ କୁହାଯାଇପାରେ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଅନେକଙ୍କୁ ବାଧ୍ୟ କରିଛି ଉଚ୍ଚଶିକ୍ଷାଠାରୁ ଦୂରେଇ ନେବାକୁ। ଆଉ କେତେବେଳେ ଭିତ୍ତିଭୂମିର ଅଭାବ ଅନେକଙ୍କୁ ବଞ୍ଚିତ କରିଛି। କିନ୍ତୁ ଆମକୁ ଏକମତ ହେବାକୁ ପଡ଼ିବ ଆଜିଦିନରେ ଯେଉଁ ସାକ୍ଷରତା ହାର ୯ ରୁ ବୃଦ୍ଧି ହୋଇ ୭୯ ପ୍ରତିଶତରେ ପହଞ୍ଚି ପାରିଛି, ତାହା ସମ୍ଭବ ହୋଇଛି କେବଳ ସାର୍ବଜନୀନ ଶିକ୍ଷାକୁ ଗୁରୁତ୍ୱ ଦେବା ଯୋଗୁ। ଆଉ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ଆଖିଦୃଶିଆ ନ ହେଲେ ମଧ୍ୟ ଯେଉଁ ୨୧ ପ୍ରତିଶତରେ ପହଞ୍ଚିଛି ତାହା ବି ହୁଅନ୍ତା ନାହିଁ ଯଦି ଭାଗ୍ୟ, ଭଗବାନ, ଭବିତବ୍ୟ ଉପରେ ବିଶ୍ୱାସ କରି ଆମେ ଚୁପ୍ ବସିଥାନ୍ତୁ।

କିନ୍ତୁ ସ୍ୱାଧୀନତା ପରେ ଯେଉଁ ପରିମାଣାତ୍ମକ ଶିକ୍ଷା ଅର୍ଥାତ୍ ସମସ୍ତଙ୍କୁ ଶିକ୍ଷିତ କରିବା ଉପରେ ଆମର ଗୁରୁତ୍ୱ ଥିଲା ନବେ ଦଶକ ପରେ ତାହା ବଦଳିଗଲା। ପ୍ରାଥମିକଠାରୁ ଉଚ୍ଚଶିକ୍ଷା ସବୁଠି ଗୁଣାତ୍ମକ ଶିକ୍ଷା ଉପରେ ଜୋର୍ ଦିଆଗଲା। ମନରେ କୌତୂହଳ ଜନ୍ମେ, ଶିକ୍ଷା ତ ଶିକ୍ଷା, ପୁଣି ଗୁଣାତ୍ମକ ଶିକ୍ଷା କ'ଣ ? ଶିକ୍ଷା କ୍ଷେତ୍ରରେ ଏହି ଶବ୍ଦର ପ୍ରୟୋଗ ଏହାର ଗୁଣବତ୍ତାରେ କିଛି ପରିବର୍ତ୍ତନ ଆଣିପାରୁ ବା ନ ପାରୁ ବ୍ୟବସାୟ କ୍ଷେତ୍ରରେ ଏହା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ହେଲା ଏବଂ କ୍ରେତାମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହେଲା। ଏହା ଘରୋଇ ଶିକ୍ଷାକୁ ପ୍ରୋତ୍ସାହନ ଯୋଗାଇଲା। କେଉଁଠି ଗୁଣାତ୍ମକ ଶିକ୍ଷା ଦିଆଯାଉଛି ଲୋକେ ଖୋଜିବା ଆରମ୍ଭ କଲେ। ବିଦ୍ୟାଳୟ ସମ୍ମୁଖରେ ରଙ୍ଗ ବେରଙ୍ଗର ଛବିଳ ପ୍ରାଚୀର ପତ୍ର, ହୋର୍ଡିଂ ଲଗାଇ ଛାତ୍ରାଭିଭାବକଙ୍କୁ ଆକୃଷ୍ଟ କରାଗଲା। ବୋଧହୁଏ ଗୁଣାତ୍ମକ ଶିକ୍ଷାର ମାପକାଠି ହେଲା ବିଗତ ପରୀକ୍ଷାଗୁଡ଼ିକରେ ପାସ୍ ହାର ଏବଂ ଛାତ୍ରୀଛାତ୍ରମାନେ ରଖିଥିବା ନମ୍ବର। ତା'ର ଲମ୍ବା ତାଲିକା ଥିବା ପୋଷ୍ଟର ଲାଗିଲା ଗାଁ, ସହର ସବୁଠି। ଆଉ ପାଦେ ଆଗକୁ ଯାଇ କିଛି ସେମାନଙ୍କ ଶିକ୍ଷାନୁଷ୍ଠାନରୁ କେତେଜଣ ଡାକ୍ତରୀ, ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି ତା'ର ସବିଶେଷ ବିବରଣୀ ଥୋଇଲେ ଲୋକଙ୍କ ସାମ୍‌ନାରେ। ଫଳରେ ଦେୟମୁକ୍ତ ଶିକ୍ଷା ଉପରୁ ଭରସା ହରାଇ ଲୋକେ ଦେୟଯୁକ୍ତ ଶିକ୍ଷା ଆଡ଼କୁ ଧାଇଁଲେ। କିନ୍ତୁ ଦେଖାଯାଉଛି ଏହି ଗୁଣାତ୍ମକ ଭୂତଟା ଯେଉଁ ଦିନଠାରୁ ଆସିଛି ସେହି ଦିନଠାରୁ ପାଠ ଛାଡ଼ିବା ସଂଖ୍ୟା ବଢ଼ିବାରେ ଲାଗିଛି। ଅନ୍ୟପଟେ ଦେଖିବାକୁ ଗଲେ ଗୁଣାତ୍ମକ ଶିକ୍ଷାର ପ୍ରଚାର କେବଳ ଚାଲିଛି। ତାହା ହୋଇ ନ ଥିଲେ ୮୦ ପ୍ରତିଶତ ପିଲା ଉଚ୍ଚ ଶିକ୍ଷାଠାରୁ ଦୂରେଇ ଯାଇ ନଥାନ୍ତେ।

ଆମ ନିକଟରେ ପ୍ରଥମ ଚ୍ୟାଲେଞ୍ଜ ହେଉଛି ସମସ୍ତେ କେମିତି ଶିକ୍ଷିତ ହେବେ, ତାହା ଗୁଣାତ୍ମକ ଶିକ୍ଷା ନାମରେ ହେଉ କିମ୍ବା ମୌଳିକ ଶିକ୍ଷା। କିଏ କହିବ ଯେଉଁମାନଙ୍କ ନିକଟରେ ଶିକ୍ଷାଲୋକ ଏଯାଏ ପହଞ୍ଚି ପାରିନି ସେମାନେ ଅସୀମ ଗୁଣର ଅଧିକାରୀ ବୋଲି? ମନେ ରଖିବାକୁ ପଡ଼ିବ ପ୍ରଥମେ ଶିକ୍ଷା, ତା'ପରେ ଗୁଣାତ୍ମକ ଶିକ୍ଷା।

ସଭାପତି, ଓସ୍ଟା
ମୋ : ୯୯୩୮୭୬୩୨୩୭



# ରୋଜଗାରିଆ ଝିଅ ଓ ବେକାର ପୁଅ

ଡ.ପ୍ରମୋଦ କୁମାର ପଣ୍ଡା

ପୁରୁଷ ଓ ନାରୀ ଭଗବାନଙ୍କର ଏକ ଅନବଦ୍ୟ ସୃଷ୍ଟି। ପୁରୁଷ ଜନ୍ମ ନିଏ ନାରୀଠାରୁ ପୁଣି ବିନା ପୁରୁଷରେ ନାରୀର ଜନ୍ମ ଅସମ୍ଭବ। କି ଅଦ୍ଭୁତ ସମନ୍ୱୟ। ଉଭୟ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଅର୍ଥାତ ଜଣକ ବିନା ଅନ୍ୟର ଅସ୍ତିତ୍ୱ ନାହିଁ। କେଉଁ ଆବହମାନ କାଳରୁ ମାନବ ସଭ୍ୟତାର ଅଭ୍ୟୁଦୟ ହୋଇଛି, ଉଭୟ ନାରୀ ଓ ପୁରୁଷର ସମନ୍ୱୟ ଓ ସମ୍ମିଶ୍ରଣରେ। ପ୍ରଥମେ ମଣିଷ ଜଙ୍ଗଲରେ ପଶୁପରି ବିଚରଣ କରୁଥିଲା ବଣମଣିଷ ହୋଇ। ବଣର ଫଳମୂଳ ଓ ଶିକାର ହିଁ ତା'ର ମୁଖ୍ୟ ଖାଦ୍ୟ ଥିଲା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପରି। ଅନ୍ୟାନ୍ୟ ପଶୁଙ୍କ ପରି ପ୍ରଜନନ କରିବା ଓ ଖାଦ୍ୟ ଖାଇ ନିଜେ ବଞ୍ଚିବା ତା'ର ପ୍ରକୃତି ଥିଲା। ମାତ୍ର ସଭ୍ୟତାର ଅଭ୍ୟୁଦୟରେ ମନୁଷ୍ୟ (ନାରୀ ଓ ପୁରୁଷ) ର ମସ୍ତିଷ୍କର ବିକାଶ ସାଧନ ହେଲା। ସେ ତା'ର ଅସୁବିଧାକୁ ପରସ୍ପରର ସହଯୋଗରେ ସମାଧାନ କରିବାକୁ ଚେଷ୍ଟା କଲା। ରୋଗବୈରାଗ ସମୟରେ ଖାଦ୍ୟ ପାନୀୟ ସଂଗ୍ରହ କଥା ହେଉ କିମ୍ବା ହିଂସ୍ର ଜନ୍ତୁଙ୍କ ଆକ୍ରମଣ କଥା, ଉଭୟ ପୁରୁଷ ଓ ନାରୀ ଭଲଭାବେ ବୁଝିଯାଇଥିଲେ ଯେ ପରସ୍ପର ସାହାଯ୍ୟ ସହଯୋଗ ବିନା ବଞ୍ଚିବା କଷ୍ଟକର। ସେଥିପାଇଁ ବୋଧହୁଏ ଉଭୟ ନାରୀ ଓ ପୁରୁଷ କେଉଁ ଅନାଦିକାଳରୁ ବିବାହ ବନ୍ଧନରେ ବାନ୍ଧି ହୋଇଆସିଛନ୍ତି ଓ ସୁନ୍ଦର ଭାବେ ଧରାରେ ଜୀବନଯାପନ କରିଆସିଛନ୍ତି। ଧୀରେ ଧୀରେ ସମାଜରେ ବିଜ୍ଞାନର ପ୍ରସାର ବଢ଼ିଛି ଓ ଆମେ ଉଭୟ ପୁରୁଷ ଓ ନାରୀଙ୍କୁ ସମାନ ଦୃଷ୍ଟିରେ ଦେଖିଆସିଛୁ ଓ ସମସ୍ତ କାର୍ଯ୍ୟରେ ନାରୀ ଓ ପୁରୁଷଙ୍କୁ ସମାନ ଅଧିକାର ପ୍ରଦାନ କରାଯାଇଛି।

ଆଧୁନିକ ଯୁଗର ନାରୀମାନେ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିପାରିଛନ୍ତି ଓ ପୁରୁଷଙ୍କ ସହିତ ସମକକ୍ଷ ହୋଇ ରାଷ୍ଟ୍ର ନିର୍ମାଣରେ ନିଜକୁ ନିୟୋଜିତ କରିଛନ୍ତି। ଏହା ଉଭୟ ସମାଜ ଓ ରାଷ୍ଟ୍ର ପାଇଁ ଅନୁକୂଳ। ସମାଜରେ ପୁରୁଷ ଓ ନାରୀ ମଧ୍ୟରେ ପ୍ରାୟ ୪ ପ୍ରକାର ସହାବସ୍ଥାନ ଦେଖିବାକୁ ପାଇଥାଉ। ପ୍ରଥମଟି ହେଉଛି ପୁରୁଷ ଜଣକ ରୋଜଗାରକ୍ଷମ ଥାଆନ୍ତି ଓ ନାରୀ ଜଣକ ରୋଜଗାରକ୍ଷମ ନ ଥାନ୍ତି । ସେମାନଙ୍କ ମଧ୍ୟରେ ବିବାହ ହୁଏ ଓ ଉଭୟ ଖୁବ୍ ସୁଖ ଶାନ୍ତିରେ ଜୀବନଯାପନ କରନ୍ତି। ଦ୍ୱିତୀୟଟି ହେଉଛି ପୁରୁଷ ଜଣକ ରୋଜଗାରକ୍ଷମ ଓ ମହିଳା ଜଣକ ମଧ୍ୟ ରୋଜଗାରକ୍ଷମ। ଉଭୟଙ୍କ ମଧ୍ୟରେ ବିବାହ ସମ୍ପାଦନ ହୁଏ ଓ ଦୁହେଁ ଆରାମରେ ଜୀବନଯାପନ କରନ୍ତି। ତୃତୀୟଟି ହେଲା ପୁରୁଷ ଓ ମହିଳା ଉଭୟ ଚାକିରିଆ ନୁହେଁ, କିନ୍ତୁ ବିବାହ କରି ଶାନ୍ତିରେ ଚଳନ୍ତି। ଚତୁର୍ଥଟି ହେଲା ମହିଳା ରୋଜଗାରକ୍ଷମ ମାତ୍ର ପୁରୁଷ ଜଣକ ରୋଜଗାରକ୍ଷମ ନୁହେଁ। ଏ କ୍ଷେତ୍ରରେ ଖୁବ୍ କମ୍ ବିବାହ ବନ୍ଧନ ଦେଖିବାକୁ ମିଳେ। କୌଣସି ଚାକିରିଆ ଝିଅ ଶିକ୍ଷିତ ଅଣରୋଜଗାରକ୍ଷମ ପୁଅକୁ ବିବାହ କରିବାର ନଜିର ଖୁବ୍ କମ୍ ଦେଖିବାକୁ ମିଳେ। ଆଜିର ଆଲୋଚନାର ବିଷୟଟି ଏହା ଉପରେ ପର୍ଯ୍ୟବସିତ।

ପୁଅଟି ରୋଜଗାର କରୁଛି, ମାତ୍ର ଝିଅ ବେରୋଜଗାର, ସେ କ୍ଷେତ୍ରରେ ଆରାମରେ ବିବାହ ସମ୍ପାଦନ ହେଉଛି। ମାତ୍ର ରୋଜଗାରିଆ ଝିଅମାନେ



କେବେବି ବେରୋଜଗାରିଆ ପାଠୁଆ ପୁଅଙ୍କୁ ବାହା ହେବାକୁ ପସନ୍ଦ କରୁନାହାନ୍ତି। ବର୍ତ୍ତମାନ ବହୁ ପୁରୁଷ ପିଲା ଚାକିରି ବା ରୋଜଗାର ନ ପାଇ ରହିଯାଉଛନ୍ତି। ମାତ୍ର କନ୍ୟା କିମ୍ବା କନ୍ୟାର ମାତାପିତା ଏଭଳି ପ୍ରସ୍ତାବରେ ରାଜି ନ ହେବାର ଦେଖାଯାଏ। ଜଣେ ଚାକିରିଆ ଝିଅ ବା ରୋଜଗାରକ୍ଷମ ଝିଅର ନାନାବିଧ ସମସ୍ୟା ବା ଆବଶ୍ୟକତାକୁ ସିଏ ନିଜେ ପୂରା କରିବା କଷ୍ଟ। ତା' ଛଡା ଏକ ଆରାମଦାୟକ ଜୀବନଯାପନ ପାଇଁ ତାକୁ ବିଭିନ୍ନ କ୍ଷେତ୍ରରେ ସହଯୋଗର ଆବଶ୍ୟକତା ପଡ଼ିଥାଏ। ତା'ର ପିଲାମାନଙ୍କର ଦେଖାରଖା ଓ ଆବଶ୍ୟକତା ଜଣେ ଖାଲିଥିବା ପୁରୁଷ ଭଲଭାବେ କରିପାରିବ। ଉଭୟ ଚାକିରିଆ ରହିବା ବେଳେ ପିଲାମାନଙ୍କର ଲାଳନପାଳନ ଠିକ୍ ରୂପେ ହୋଇପାରେ ନାହିଁ। ଯଦି କେବଳ ପୁରୁଷ ରୋଜଗାରରେ ସମଗ୍ର ପରିବାର ଚାଲିପାରୁଛି, ତା' ହେଲେ କେବଳ ସ୍ତ୍ରୀ ରୋଜଗାରରେ କାହିଁକି ପୂରା ପରିବାର ଚାଲିପାରିବ ନାହିଁ ? ଆମକୁ ଏ ବିଷୟରେ ଭାବିବାକୁ ପଡ଼ିବ ? ଶିକ୍ଷିତ ଝିଅକୁ ଚିନ୍ତା କରିବାକୁ ପଡ଼ିବ ? ମାତାପିତା ମଧ୍ୟ ଚିନ୍ତା କରିବା ଉଚିତ ଯେ ଝିଅଟି ଯେତେବେଳେ ଚାକିରି କରୁଛି ବା ରୋଜଗାର କରୁଛି, ସେତେବେଳେ ତା'ର ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ତା' ପରିବାର ବର୍ଗଙ୍କର ସାହାଯ୍ୟ ସହଯୋଗର ଆବଶ୍ୟକତା ରହିଛି। ଆଜିକାଲି ସ୍ତ୍ରୀ ସ୍ୱାମୀ ଦୁଇଜଣ ଚାକିରିକୁ ଗଲାବେଳେ ସେମାନଙ୍କ ସ୍ୱାସ୍ଥ୍ୟ, ଚାପ ହ୍ରାସ, ପିଲାଙ୍କ ପାଠପଢ଼ା ଜନିତ ଚାପ ହ୍ରାସ ପାଇଁ ଆବଶ୍ୟକ ସହଯୋଗ ମିଳିପାରୁନାହିଁ ଯୌଥ ପରିବାର ଅନୁପସ୍ଥିତିରେ। ଚାକିରିଆ ମାତାପିତାଙ୍କ ସନ୍ତାନସନ୍ତତି ବଡ଼ ହୋଇ ସମାଜରେ ଖରାପ କାର୍ଯ୍ୟ କରିବାର ପ୍ରଧାନ ବା ମୁଖ୍ୟ କାରଣ ହେଲା, ମାତାପିତାଙ୍କର ପିଲାମାନଙ୍କ ପାଇଁ ସମୟ ଅଭାବ। କାମବାଲି ସହିତ ପିଲାମାନଙ୍କର କିଛି ସମୟ କାଟିବା ସହିତ ମାତ୍ରାଧିକ ସମୟ ସେମାନଙ୍କର ନିଃସଙ୍ଗତାରେ କଟେ କିମ୍ବା ମୋବାଇଲରେ କଟିଥାଏ। ତେଣୁ ପିଲାଟି ସଂସ୍କାରୀ କିମ୍ବା ସାମାଜିକ ହୋଇପାରେ ନାହିଁ।

ବର୍ତ୍ତମାନ ସମୟ ବଦଳିଛି। ସାମାଜରେ ଚାକିରି ପାଇଁ ପ୍ରତିଯୋଗିତା ବି ବଢ଼ିଛି। ତେଣୁ ସବୁ ପୁଅଙ୍କୁ ଚାକିରି ମିଳିବା ସମ୍ଭବ ହୋଇପାରୁନାହିଁ ଉଚ୍ଚଶିକ୍ଷା ପ୍ରାପ୍ତି ପରେ ମଧ୍ୟ। ତେଣୁ ଚାକିରିଆ ଝିଅମାନେ ନିଜର ଆଭିମୁଖ୍ୟ ବଦଳାଇ ଶିକ୍ଷିତ ବେକାର ଯୁବକଙ୍କ ସହିତ ବିବାହ କରନ୍ତୁ। ଏହା ସାମାଜରେ ପରିବର୍ତ୍ତନ ଆଣିବ। ଏହାଦ୍ୱାରା ଚାକିରିଆ ମହିଳାମାନେ କମ୍ ଚାପର ବଶବର୍ତ୍ତୀ ହେବେ ଓ ସୁସ୍ଥ ଜୀବନଯାପନ କରିବେ। ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ମିଳିବ ଏବଂ ଏକ ସୁସ୍ଥ ସମାଜ ଗଠନରେ ନିଶ୍ଚିତ ସହାୟକ ହେବ। କହିବାକୁ ଗଲେ ଯଦି ରୋଜଗାରିଆ ପୁଅ ବେରୋଜଗାର ଝିଅ ସହିତ ବାହା ହୋଇପାରୁଛି, ଏକବିଂଶ ଶତାବ୍ଦୀରେ ରୋଜଗାରିଆ ଝିଅ ସହିତ ଶିକ୍ଷିତ ବେରୋଜଗାର ପୁଅର ବାହାଘର କାହିଁକି ସମାଜରେ ଗ୍ରହଣୀୟ ହେବ ନାହିଁ?

ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ଭାରତରେ ଜଳ ସଙ୍କଟ ବିଷୟ ଆଲୋଚନା କଲାବେଳେ ମହାରାଷ୍ଟ୍ର ଲାଟୁର ଜିଲା ସ୍ଥିତି ସାମ୍ନାକୁ ଆସେ। ତେବେ ଏହି ଜିଲାର ବଂଶୱାରଗ୍ରାମର ଗ୍ରାମବାସୀ ଜଳସଙ୍କଟ ଦୂର କରିବାରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେମାନେ ସମ୍ମିଳିତ ଉଦ୍ୟମରେ ଗାଁରେ କେନାଲ ପୁନରୁଦ୍ଧାର କରିବା ସହ ଭୂତଳ ଜଳସ୍ତର ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଫଳରେ ୧୩୦୦ ପରିବାର ବିଶିଷ୍ଟ ବଂଶୱାରଗ୍ରାମର ଲୋକଙ୍କ ଜଳକଷ୍ଟ ଏବେ ଦୂର ହୋଇପାରିଛି। ଏବେ ଆଉ ଗାଁକୁ ଟ୍ୟାଙ୍କର ଆସୁନାହିଁ। ୨୦୧୭ରେ ନିଲେଶ ଭାନ୍ଦେ ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ଜଳ ସଙ୍କଟ ଦୂର ହେଲେ କୃଷିରେ ବିକାଶ ହେବ ଓ ଦାରିଦ୍ର୍ୟ ଅପସରି ଯିବ ବୋଲି ଅନୁଭବ କରିଥିଲେ। ଏହି ବିଚାରକୁ ଫଳପ୍ରଦ କରିବା ପାଇଁ ସେ ସରକାରୀ ଓ ବେସରକାରୀ ଉତ୍ସରୁ ୪ ଲକ୍ଷ ଟଙ୍କା ସଂଗ୍ରହ କରି ଜଳସେଚନ କେନାଲକୁ ଖୋଳି ଗଭୀର ଓ ଚଉଡ଼ା କରାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୪ରେ ବର୍ଷାଜଳ ସଂରକ୍ଷଣ କରି ରଖିବାର ବ୍ୟବସ୍ଥା କରାଗଲା। ଫଳରେ ଭୂତଳ ଜଳସ୍ତର ପାଖାପାଖି ୧୫୦ ଫୁଟ ବୃଦ୍ଧି ପାଇପାରିଛି ଏବଂ କୃଷି ପାଇଁ ୧୦୦ଟି ନୂଆ କୂଅ ମଧ୍ୟ ଖୋଳାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଫେବୃଆରୀ ୧୯୭୭

- ୩ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାଜ୍ୟର ୩ଟି ମଧ୍ୟମ ଜଳସେଚନ ଯୋଜନାକୁ ଯୋଜନା କମିଶନ ଗ୍ରହଣ କରିଛନ୍ତି।
- ବିଶ୍ୱବିଦ୍ୟାଳୟ ତଥା କଲେଜଗୁଡ଼ିକର ବ୍ୟାୟାମଗାରା ଏବଂ ଖେଳପଡ଼ିଆର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ୭୫–୨୫ ଭିତ୍ତିରେ ସାହାଯ୍ୟ ଦେବା ନେଇ ନିଷ୍ପତ୍ତି ଗ୍ରହଣ।

## ଚିରନ୍ତନୀ

ଯୁବକ ଯୁବତୀ ଧରମ ସେ ତ
ବୟସ ଦାବି
ଗୋପନୀୟ ତେବେ କି ଅଛି ତହିଁ
କହ ତ ଭାବି ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜାତି ଭେଦଭାବରୁ ମୁକ୍ତି କେବେ

ମହାଶୟ,

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ନୂଆଗାଁ ଗ୍ରାମରେ ଘଟିଥିବା ଏକ ଅଙ୍ଗନୱାଡି କେନ୍ଦ୍ରରେ ସେବିକା ଜାତି ପ୍ରଥାକୁ ନେଇ ଗ୍ରାମାଞ୍ଚଳଠାରୁ ଆରମ୍ଭକରି ଲୋକ ସଭା ପର୍ଯ୍ୟନ୍ତ ବିତର୍କ ଲାଗିରହିଥିବା ବେଳେ ସମସ୍ତ ଉଚ୍ଚ ଶିକ୍ଷିତ ଓ ରାଜନୀତିଜ୍ଞ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଆମେ ସମସ୍ତେ ଲୋକ ଦେଖାଣିଆ ଛୁଆଁ ଅଛୁଆଁ ଭେଦଭାବକୁ ବିରୋଧ କରୁଛନ୍ତି। କିନ୍ତୁ ବାସ୍ତବରେ ଆଜିର ସମାଜରେ ଭାରତରେ ପ୍ରତିଟି ଜିଲାରେ ଏବଂ ଗ୍ରାମାଞ୍ଚଳରେ ଜାତିପ୍ରଥା ଜୀବିତ ଅଛି । ତେଣୁ ଏହିଭଳି ସମ୍ବେଦନଶୀଳ ଘଟଣାଟିରେ ଲୋକଙ୍କୁ ସଚେତନ କରିବା ଲାଗି ଯେଉଁଭଳି ସରକାର ଏବଂ ପ୍ରଶାସନିକ ଅଧିକାରୀମାନେ ତତ୍ପରତା ଦେଖାଇଲେ ସେହିପରି ପ୍ରତିଟି ଜିଲାରେ ଏବଂ ପଞ୍ଚାୟତରେ ଲୋକମାନଙ୍କୁ ସଚେତନ କରାଯିବା ଦରକାର। ଏଭଳି ପଦକ୍ଷେପ ନିଆଗଲେ ସମାଜରେ ଜାତିପ୍ରଥାରୁ ଏବଂ ଛୁଆଁ ଅଛୁଆଁ ଭେଦଭାବରୁ ଅବହେଳିତ ଲୋକମାନେ କିଛି ମାତ୍ରାରେ ମୁକ୍ତ ହୋଇପାରିବେ ।

–ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମଧୁକାନ୍ତଙ୍କୁ ରିମାଣ୍ଡରେ ନେଲା କମିଶନରେଟ୍ ପୋଲିସ

## ଚୌଦ୍ୱାର ଜେଲରୁ ଫେରାର କଏଦୀ ଘଟଣା

ଚୌଦ୍ୱାର,୧୭।୨(ଆଶୁତୋଷ ଦାସ)

ଚୌଦ୍ୱାର ଜେଲରୁ ଫେରାର କଏଦୀ ମଧୁକାନ୍ତ କୁମାର ରାଣାଙ୍କୁ ଅଧିକ ପଚରାଉଚରା ପାଇଁ କମିଶନରେଟ୍ ପୋଲିସ ମଙ୍ଗଳବାର ରିମାଣ୍ଡରେ ନେଇଛି। ତେବେ ଫେରାର ରାଜା ସାହାଣୀ ଓ ମଧୁକାନ୍ତ କିଭଳି ଜେଲରୁ ଫେରାର ହୋଇଗଲେ ଓ ବର୍ତ୍ତମାନ ରାଜା କେଉଁଠି ଅଛି ସେ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ମଧୁକାନ୍ତଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଜେଏମ୍ଏଫ୍‌ସି କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ୬ ଦିନ ପାଇଁ ମଞ୍ଜୁର ଦେବାପରେ ମଧୁକାନ୍ତଙ୍କୁ କମିଶନରେଟ୍ ପୋଲିସ ରିମାଣ୍ଡରେ ନେଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଚୌଦ୍ୱାର ପୋଲିସ ଜେଲରେ ପହଞ୍ଚିଥିଲା। ଜେଲର ଆଇନ ଅନୁସାରେ ରେକର୍ଡ ରେଜିଷ୍ଟ୍ରର ପ୍ରସ୍ତୁତ କରି ମଧୁକାନ୍ତଙ୍କୁ ରିମାଣ୍ଡରେ ନିଆଯାଇଛି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ନେତୃତ୍ୱରେ ଗଠିତ ଟିମ୍ ମଧୁକାନ୍ତଙ୍କୁ ଆଣି ଘଟଣାର ସତ୍ୟତା ସମ୍ପର୍କରେ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ତଦନ୍ତର ଗୋପନୀୟତା ରକ୍ଷା କରିବା ପାଇଁ ଅଭିଯୁକ୍ତଙ୍କୁ ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ ଚୌଦ୍ୱାର ମଣ୍ଡଳ କାରାଗାର ପାଚେରି ଡେଇଁ ୨ଜଣ କଏଦୀ ଫେରାର ହୋଇଥିଲେ। ୨ଜଣଙ୍କ ମଧ୍ୟରୁ ଜଣଙ୍କୁ କମିଶନରେଟ୍ ପୋଲିସ ଗତ ୧୪ ତାରିଖରେ ମଥୁରା ବୃନ୍ଦାବନରୁ ଗିରଫ କରି ଚୌଦ୍ୱାର ଜେଲକୁ ଆଣିଥିଲା। ତାଙ୍କୁ ଜେଲର ୩ ନମ୍ବର ସେଲରେ କଡ଼ା ସୁରକ୍ଷା ଭିତରେ ସିସିଟିଭି ନଜରରେ ରଖାଯାଇଥିଲା।


ମଧୁକାନ୍ତ କୁମାର ରାଣା

# ଆଖି ବୁଜିଲେ ବିଷ ପିଇଥିବା ପିଇଓ

ଚିକିଟି,୧୭।୨(ପ୍ରକାଶ ଚନ୍ଦ୍ର ସାହୁ)

କୀଟନାଶକ ପିଇ ଗୁରୁତର ହୋଇଥିବା ଗଞ୍ଜାମ ଜିଲା ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦଣ୍ଡପାଣି ପାତ୍ରଙ୍କ ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଚିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ପିଇଓ ପାତ୍ର ୪ ତାରିଖ ଅପରାହ୍ନରେ କୀଟନାଶକ ପିଇ ଦେଇଥିଲେ। ସେବେଠାରୁ ସେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଶେଷରେ ଆଖି ବୁଜିଛନ୍ତି।

ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମି ମହୋତ୍ସବ ଅବସରରେ ଜିଲା ପ୍ରଶାସନ ନିଷ୍ପତ୍ତି ପ୍ରକାରେ ଗତ ୩ ତାରିଖରେ ସୋରଳ ଛକଠାରୁ ଜାଗପୁର ପର୍ଯ୍ୟନ୍ତ ମିନି ମାରାଥନ କରାଯାଇଥିଲା। ଏହି ସମୟରେ କୌଣସି କାରଣରୁ ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ ରାମଚନ୍ଦ୍ରପୁର ପିଇଓ ଦଣ୍ଡପାଣିଙ୍କୁ ସର୍ବସମ୍ମୁଖରେ ଗାଳିଗୁଲଜ କରିଥିଲେ। ପିଇଓ ଦୁର୍ବ୍ୟବହାର କରିଥିବା ନେଇ ଗତ ୪ ତାରିଖରେ ତାଙ୍କ ବିରୋଧରେ ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୬/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜଣେ ମହିଳା ଏସ୍ଆଇଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଅପରପକ୍ଷରେ ଚିକିଟି ଅତିରିକ୍ତ ତହସିଲଦାରଙ୍କ ଅପମାନ ସହି ନ ପାରି ସ୍ୱାମୀ କୀଟନାଶକ ପିଇଛନ୍ତି ବୋଲି ପିଇଓ ଦଣ୍ଡପାଣିଙ୍କ ସ୍ତ୍ରୀ ବି. ଜାନକୀ ପାତ୍ର ଗତ ୯ରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ।


ଦଣ୍ଡପାଣି ପାତ୍ର

---

## ଓଡ଼ିଶା ସରକାର

# କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No. 43 Date: 05.02.2026

No. 24001/35/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଏହି ଘୋଷଣାନାମା ଦିଆଯାଉଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ତିଜମାଳି, ଥାନା: ଥୁଆମୂଳ ରାମପୁର (ଥାନା ନଂ. ୨୦୮), ତହସିଲ: ଥୁଆମୂଳ ରାମପୁର, ଜିଲ୍ଲା: କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: କଳାହାଣ୍ଡି ଜିଲ୍ଲାରେ ''ବେଦାନ୍ତ ଲିମିଟେଡ୍ ଦ୍ୱାରା ସିଜିମାଳି ବକ୍ସାଇଟ ଖଣି ଖନନ'' ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୫୪୧, ତା: ୦୬।୦୫।୨୦୨୫ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ତିଜମାଳି, ଥାନା: ଥୁଆମୂଳ ରାମପୁର (ଥାନା ନଂ. ୨୦୮), ତହସିଲ: ଥୁଆମୂଳ ରାମପୁର, ଜିଲ୍ଲା: କଳାହାଣ୍ଡି ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର – ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ **https://kalahandi.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ପୁନର୍ବାସ ଥଇଥାନ ପ୍ରଶାସକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: କଳାହାଣ୍ଡି** **ତହସିଲ: ଥୁଆମୂଳ ରାମପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି। | | | | | | | |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା: କଳାହାଣ୍ଡି** **ତହସିଲ: ଥୁଆମୂଳ ରାମପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କୁରକୁଟି | ଗ୍ରାମାଞ୍ଚଳ | ୨୧ | ୧୯ | ପତିତ | ୧୭.୬୫୦ | ୧୭.୬୫୦ | ଆବାଦ ଯୋଗ୍ୟ ଅନାବାଦୀ |
| | | | ୧୯/୧୮୭ | ପତିତ | ୪.୮୦ | ୪.୮୦୦ | |
| | | | ୨୮ | ପତିତ | ୧୪.୦୦ | ୧୪.୦୦୦ | |
| | | | ୨୮/୧୮୮ | ପତିତ | ୫.୨୦ | ୫.୨୦୦ | |
| | | | | (ମୋଟ) | **୪୧.୬୫୦** | **୪୧.୬୫୦** | |

ଘୋଷଣା ବୈଧ ତାରିଖ: ୦୫।୦୨।୨୦୨୬।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./– ଜିଲ୍ଲାପାଳ, କଳାହାଣ୍ଡି**

## ଭୂମି ଅନୁସୂଚୀ

**ପ୍ରକଳ୍ପର ନାମ: ବେଦାନ୍ତ ଲିମିଟେଡ୍ ଦ୍ୱାରା କଳାହାଣ୍ଡି ଜିଲ୍ଲାର ସିଜିମାଳି ବକ୍ସାଇଟ ଖଣି ଖନନ**
**ମୌଜା: ତିଜମାଳି, ପ୍ରସ୍ତାବିତ ଅଧିକୃତ ରକବା: ଏ.୭୦.୫୦୦ଡି.**
**ଥାନା: ଥୁଆମୂଳ ରାମପୁର, ତହସିଲ: ଥୁଆମୂଳ ରାମପୁର, ଜିଲ୍ଲା: କଳାହାଣ୍ଡି**

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା (ଏକର) | ପ୍ରସ୍ତାବିତ ଅଧିକୃତ ରକବା (ଏକର) | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧ | ୭ | ୦.୫୭୦ | ୦.୫୭୦ | ଆଟ | ଖୁଜା ମାଝୀ, ପି.: ଭାଲୁ ମାଝୀ, ସୁକ ମାଝୀ, ସ୍ୱା.: ଭାଲୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୨ | | ୫୭ | ୧.୫୦୦ | ୧.୫୦୦ | ଆଟ | |
| ୩ | | ୯୯ | ୦.୧୧୦ | ୦.୧୧୦ | ଆଟ | |
| ୪ | | ୧୨୫ | ୦.୦୩୦ | ୦.୦୩୦ | ଘରବାରି | |
| ୫ | | ୧୩୦ | ୦.୩୩୦ | ୦.୩୩୦ | ଆଟ | |
| ୬ | | ୧୩୪ | ୦.୨୫୦ | ୦.୨୫୦ | ଆଟ | |
| ୭ | | ୧୪୯ | ୦.୪୨୦ | ୦.୪୨୦ | ଆଟ | |
| ୮ | | ୧୬୨ | ୦.୩୯୦ | ୦.୩୯୦ | ଆଟ | |
| ୯ | | ୧୬୬ | ୦.୯୭୦ | ୦.୯୭୦ | ଆଟ | |
| ୧୦ | | ୧୭୮ | ୦.୭୬୦ | ୦.୭୬୦ | ଆଟ | |
| ୧୧ | | ୧୮୨ | ୦.୮୧୦ | ୦.୮୧୦ | ଆଟ | |
| ୧୨ | | ୧୮୩ | ୦.୭୫୦ | ୦.୭୫୦ | ଆଟ | |
| ୧୩ | ୨ | ୧୨ | ୦.୪୮୦ | ୦.୪୮୦ | ଆଟ | ଜାମୁ ମାଝୀ, ପି.: ଗୁରୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୪ | ୩ | ୨୩ | ୦.୬୦୦ | ୦.୬୦୦ | ଆଟ | ଦାନୁ ମାଝୀ, ପି.: ମେଘା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୫ | | ୩୩ | ୦.୮୫୦ | ୦.୮୫୦ | ମାଳ | |
| ୧୬ | | ୪୦ | ୦.୪୪୦ | ୦.୪୪୦ | ମାଳ-୨ | |
| ୧୭ | | ୫୫ | ୧.୩୩୦ | ୧.୩୩୦ | ଆଟ | |
| ୧୮ | | ୭୬ | ୦.୯୩୦ | ୦.୯୩୦ | ଆଟ | |
| ୧୯ | | ୧୨୦ | ୦.୦୨୦ | ୦.୦୨୦ | ଘରବାରି | |
| ୨୦ | | ୧୬୯ | ୦.୬୩୦ | ୦.୬୩୦ | ଆଟ | |
| ୨୧ | | ୧୭୩ | ୧.୧୦୦ | ୧.୧୦୦ | ଆଟ | |
| ୨୨ | | ୧୮୮ | ୧.୨୮୦ | ୧.୨୮୦ | ଆଟ | |
| ୨୩ | ୪ | ୨୦ | ୦.୨୩୦ | ୦.୨୩୦ | ଆଟ | ଦିଆନ ମାଝୀ, ପି.: ନାରାଙ୍ଗ ମାଝୀ, ସୁକ ମାଝୀ, ସ୍ୱା.: ନାରାଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୨୪ | | ୨୬ | ୦.୭୮୦ | ୦.୭୮୦ | ଆଟ | |
| ୨୫ | | ୩୪ | ୦.୧୬୦ | ୦.୧୬୦ | ମାଳ-୨ | |
| ୨୬ | | ୪୧ | ୦.୩୪୦ | ୦.୩୪୦ | ମାଳ | |
| ୨୭ | | ୪୨ | ୦.୦୫୦ | ୦.୦୫୦ | ମାଳ | |
| ୨୮ | | ୫୪ | ୧.୮୮୦ | ୧.୮୮୦ | ଆଟ | |
| ୨୯ | | ୭୨ | ୦.୭୩୦ | ୦.୭୩୦ | ଆଟ | |
| ୩୦ | | ୭୮ | ୦.୩୫୦ | ୦.୩୫୦ | ଆଟ | |
| ୩୧ | | ୮୧ | ୦.୩୦୦ | ୦.୩୦୦ | ଆଟ | |
| ୩୨ | | ୧୧୮ | ୦.୦୨୦ | ୦.୦୨୦ | ଘରବାରି | |
| ୩୩ | | ୧୩୧ | ୦.୪୬୦ | ୦.୪୬୦ | ଆଟ | |
| ୩୪ | | ୧୬୭ | ୦.୭୬୦ | ୦.୭୬୦ | ଆଟ | |
| ୩୫ | | ୧୭୨ | ୦.୫୩୦ | ୦.୫୩୦ | ଆଟ | |
| ୩୬ | | ୧୭୪ | ୦.୪୬୦ | ୦.୪୬୦ | ଆଟ | |
| ୩୭ | ୫ | ୫ | ୧.୦୦୦ | ୧.୦୦୦ | ଆଟ | ପୁଲୁ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୩୮ | | ୧୬ | ୦.୪୪୦ | ୦.୪୪୦ | ଆଟ | |
| ୩୯ | | ୫୨ | ୧.୦୨୦ | ୧.୦୨୦ | ଆଟ | |
| ୪୦ | | ୭୯ | ୦.୧୩୦ | ୦.୧୩୦ | ଆଟ | |
| ୪୧ | | ୧୦୦ | ୦.୪୦୦ | ୦.୪୦୦ | ଆଟ | |
| ୪୨ | | ୧୧୨ | ୦.୦୧୦ | ୦.୦୧୦ | ଘରବାରି | |
| ୪୩ | | ୧୧୩ | ୦.୦୧୦ | ୦.୦୧୦ | ଘରବାରି | |
| ୪୪ | | ୧୫୦ | ୧.୦୩୦ | ୧.୦୩୦ | ଆଟ | |
| ୪୫ | | ୧୫୩ | ୧.୨୯୦ | ୧.୨୯୦ | ଆଟ | |
| ୪୬ | ୬ | ୪୮ | ୦.୭୫୦ | ୦.୭୫୦ | ଆଟ | ପେଡ଼ା ମାଝୀ, ଦାନୁ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୪୭ | | ୯୧ | ୦.୭୮୦ | ୦.୭୮୦ | ଆଟ | |
| ୪୮ | | ୯୫ | ୦.୩୦୦ | ୦.୩୦୦ | ଆଟ | |
| ୪୯ | | ୧୧୪ | ୦.୦୧୦ | ୦.୦୧୦ | ଘରବାରି | |
| ୫୦ | | ୧୧୫ | ୦.୦୨୦ | ୦.୦୨୦ | ଗରବାରି | |
| ୫୧ | | ୧୨୭ | ୦.୨୫୦ | ୦.୨୫୦ | ମାଳ | |
| ୫୨ | | ୧୩୫ | ୧.୫୦୦ | ୧.୫୦୦ | ଆଟ | |
| ୫୩ | | ୧୫୨ | ୦.୫୯୦ | ୦.୫୯୦ | ଆଟ | |
| ୫୪ | | ୧୭୯ | ୧.୩୪୦ | ୧.୩୪୦ | ଆଟ | |
| ୫୫ | ୭ | ୨ | ୧.୭୦୦ | ୧.୭୦୦ | ଆଟ | ମଙ୍ଗଲୁ ମାଝୀ, ପି.: ନାରାଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୫୬ | | ୩୯ | ୦.୪୮୦ | ୦.୪୮୦ | ମାଳ-୨ | |
| ୫୭ | | ୭୭ | ୦.୬୨୦ | ୦.୬୨୦ | ଆଟ | |
| ୫୮ | | ୮୬ | ୦.୨୯୦ | ୦.୨୯୦ | ଆଟ | |
| ୫୯ | | ୧୨୧ | ୦.୦୨୦ | ୦.୦୨୦ | ଘରବାରି | |
| ୬୦ | | ୧୩୯ | ୦.୨୦୦ | ୦.୨୦୦ | ମାଳ-୫ | |
| ୬୧ | | ୧୮୯ | ୧.୨୨୦ | ୧.୨୨୦ | ଆଟ | |
| ୬୨ | ୮ | ୮୪ | ୦.୫୧୦ | ୦.୫୧୦ | ଆଟ | ମେଘା ମାଝୀ, ପି.: ମାଳି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୬୩ | ୯ | ୧୦ | ୦.୮୦୦ | ୦.୮୦୦ | ଆଟ | ମାଙ୍ଗଡୁ ମାଝୀ, ପି.: ନାରାଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୬୪ | ୧୦ | ୩ | ୦.୬୬୦ | ୦.୬୬୦ | ଆଟ | ରାଜିଙ୍ଗ ମାଝୀ, ପି.: ମାଳି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୬୫ | | ୧୯ | ୦.୨୨୦ | ୦.୨୨୦ | ଆଟ | |
| ୬୬ | | ୪୩ | ୦.୨୮୦ | ୦.୨୮୦ | ମାଳ-୪ | |
| ୬୭ | | ୫୬ | ୧.୮୭୦ | ୧.୮୭୦ | ଆଟ | |
| ୬୮ | | ୮୩ | ୦.୨୮୦ | ୦.୨୮୦ | ଆଟ | |
| ୬୯ | | ୮୭ | ୦.୬୬୦ | ୦.୬୬୦ | ଆଟ | |
| ୭୦ | | ୧୧୬ | ୦.୦୨୦ | ୦.୦୨୦ | ଘରବାରି | |
| ୭୧ | | ୧୪୦ | ୦.୩୬୦ | ୦.୩୬୦ | ଆଟ | |
| ୭୨ | | ୧୬୦ | ୦.୫୫୦ | ୦.୫୫୦ | ଆଟ | |
| ୭୩ | | ୧୭୫ | ୧.୩୦୦ | ୧.୩୦୦ | ଆଟ | |
| ୭୪ | | ୧୮୭ | ୦.୮୨୦ | ୦.୮୨୦ | ଆଟ | |
| ୭୫ | ୧୧ | ୧୦୬ | ୦.୦୪୦ | ୦.୦୪୦ | ମାଳ | ଲାଖି ମାଝୀ, ଜାମୁ ମାଝୀ, ପି.: ଗୁରୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୭୬ | | ୧୦୭ | ୦.୦୪୦ | ୦.୦୪୦ | ମାଳ | |
| ୭୭ | | ୧୦୮ | ୧.୨୦୦ | ୧.୨୦୦ | ଆଟ | |
| ୭୮ | | ୧୨୪ | ୦.୦୧୦ | ୦.୦୧୦ | ଘରବାରି | |
| ୭୯ | | ୧୯୧ | ୧.୧୩୦ | ୧.୧୩୦ | ଆଟ | |
| ୮୦ | ୧୨ | ୭୩ | ୧.୧୪୦ | ୧.୧୪୦ | ଆଟ | ସାନି ମାଝୀ, ପି.: ମେଘା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୮୧ | | ୮୨ | ୦.୭୨୦ | ୦.୭୨୦ | ଆଟ | |
| ୮୨ | | ୧୧୯ | ୦.୦୨୦ | ୦.୦୨୦ | ଘବରାରି | |
| ୮୩ | | ୧୬୮ | ୦.୧୨୦ | ୦.୧୨୦ | ଆଟ | |
| ୮୪ | | ୧୭୭ | ୧.୯୦୦ | ୧.୯୦୦ | ଆଟ | |
| ୮୫ | ୧୩ | ୨୪ | ୦.୯୬୦ | ୦.୯୬୦ | ଆଟ | ସାରୁ ମାଝୀ, ପି.: ନାରାଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୮୬ | | ୨୭ | ୦.୬୬୦ | ୦.୬୬୦ | ଆଟ | |
| ୮୭ | | ୭୦ | ୦.୨୫୦ | ୦.୨୫୦ | ମାଳ | |
| ୮୮ | | ୮୦ | ୦.୪୬୦ | ୦.୪୬୦ | ଆଟ | |
| ୮୯ | | ୧୩୮ | ୦.୧୬୦ | ୦.୧୬୦ | ମାଳ | |
| ୯୦ | | ୧୬୧ | ୦.୧୯୦ | ୦.୧୯୦ | ଆଟ | |
| ୯୧ | | ୧୨୫/୧୯୮ | ୦.୦୨୦ | ୦.୦୨୦ | ଘରବାରି | |
| ୯୨ | ୧୪ | ୧୨୯ | ୦.୩୭୦ | ୦.୩୭୦ | ଆଟ | ହାଜିଙ୍ଗ ମାଝୀ, କିଆଫୁଲ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଶୁକୁରୀ ମାଝୀ, ସ୍ୱା.: ମୁକୁଲିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୯୩ | | ୧୪୨ | ୦.୯୦୦ | ୦.୯୦୦ | ଆଟ | |
| ୯୪ | | ୧୫୧ | ୦.୮୪୦ | ୦.୮୪୦ | ଆଟ | |
| ୯୫ | | ୧୭୬ | ୧.୧୧୦ | ୧.୧୧୦ | ଆଟ | |
| ୯୬ | | ୧୯୦ | ୧.୩୮୦ | ୧.୩୮୦ | ଆଟ | |
| ୯୭ | ୧୫ | ୧୫ | ୦.୩୬୦ | ୦.୩୬୦ | ଆଟ | ହାଦାନ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୯୮ | | ୩୮ | ୦.୨୬୦ | ୦.୨୬୦ | ମାଳ | |
| ୯୯ | | ୯୪ | ୦.୧୪୦ | ୦.୧୪୦ | ଆଟ | |
| ୧୦୦ | | ୧୧୦ | ୦.୦୧୦ | ୦.୦୧୦ | ଘରବାରି | |
| ୧୦୧ | | ୧୧୧ | ୦.୦୧୦ | ୦.୦୧୦ | ଘରବାରି | |
| ୧୦୨ | | ୧୩୩ | ୦.୧୭୦ | ୦.୧୭୦ | ଆଟ | |
| ୧୦୩ | | ୧୪୧ | ୨.୫୫୦ | ୨.୫୫୦ | ଆଟ | |
| ୧୦୪ | | ୧୮୫ | ୦.୭୮୦ | ୦.୭୮୦ | ଆଟ | |
| ୧୦୫ | ୧୬ | ୪୯ | ୦.୩୨୦ | ୦.୩୨୦ | ଆଟ | ହନ୍ଦିଙ୍ଗ ମାଝୀ, ମାଙ୍ଗଡୁ ମାଝୀ, ମୁକୁଲିଙ୍ଗ ମାଝୀ, ପି.: ପାତଡ଼ି ମାଝୀ, ଖୁଜୀ ମାଝୀ, ସ୍ୱା.: ପାତଡ଼ି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୦୬ | | ୫୧ | ୧.୧୩୦ | ୧.୧୩୦ | ଆଟ | |
| ୧୦୭ | | ୧୦୯ | ୦.୫୬୦ | ୦.୫୬୦ | ଆଟ | |
| ୧୦୮ | | ୧୧୭ | ୦.୦୨୦ | ୦.୦୨୦ | ଘରବାରି | |
| ୧୦୯ | | ୧୨୩ | ୦.୦୨୦ | ୦.୦୨୦ | ଘରବାରି | |
| ୧୧୦ | | ୧୩୬ | ୧.୧୫୦ | ୧.୧୫୦ | ଆଟ | |
| ୧୧୧ | | ୧୩୭ | ୦.୧୧୦ | ୦.୧୧୦ | ମାଳ-୨ | |
| ୧୧୨ | | ୧୪୫ | ୦.୮୪୦ | ୦.୮୪୦ | ଆଟ | |
| ୧୧୩ | | ୧୬୫ | ୦.୮୭୦ | ୦.୮୭୦ | ଆଟ | |
| ୧୧୪ | | ୧୮୧ | ୦.୩୭୦ | ୦.୩୭୦ | ଆଟ | |
| ୧୧୫ | | ୧୮୪ | ୧.୧୬୦ | ୧.୧୬୦ | ଆଟ | |
| ୧୧୬ | ୧୬/୧ | ୮୮/୧୯୯ | ୦.୦୪୦ | ୦.୦୪୦ | ଘରବାରି | ସାନି ମାଝୀ, ପି.: ମେଘ ମାଝୀ, ଉଜ ଦେଇ, ସ୍ୱା.: ସାନି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୧୭ | ୧୬/୨ | ୮୮/୨୦୦ | ୦.୦୪୦ | ୦.୦୪୦ | ଘରବାରି | ହାଦିଙ୍ଗ ମାଝୀ, ପି.: ପାଚିଡ଼ି ମାଝୀ, ସୁରଙ୍ଗ ଦେଇ, ସ୍ୱା.: ହାଦିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୧୮ | ୧୬/୩ | ୮୮/୨୦୧ | ୦.୦୪୦ | ୦.୦୪୦ | ଘରବାରି | ଦିଆନ ମାଝୀ, ପି.: ନାରଙ୍ଗା ମାଝୀ, ଆନା ଦେଇ, ସ୍ୱା.: ଦିଆନ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୧୯ | ୧୬/୪ | ୮୫/୨୦୨ | ୦.୦୪୦ | ୦.୦୪୦ | ଘରବାରି | ଦାନୁ ମାଝୀ, ପି.: ମେଘା ମାଝୀ, ଜମୁନା ଦେଇ, ସ୍ୱା.: ଦାନୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୦ | ୧୬/୫ | ୮୫/୨୦୩ | ୦.୦୪୦ | ୦.୦୪୦ | ଘରବାରି | ରାଜିଙ୍ଗ ମାଝୀ, ପି.: ସାନି ମାଝୀ, ଜନଦେଇ ମାଝୀ, ସ୍ୱା.: ରାଜିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୧ | ୧୬/୬ | ୮୫/୨୦୪ | ୦.୦୪୦ | ୦.୦୪୦ | ଘରବାରି | ପୋଡ଼ା ମାଝୀ, ପି.: ମୁକୁଲିଙ୍ଗ ମାଝୀ, ସୋନାମତି ଦେଇ, ସ୍ୱା.: ପୋଡ଼ା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୨ | ୧୬/୭ | ୮୫/୨୦୫ | ୦.୦୪୦ | ୦.୦୪୦ | ଘରବାରି | ପୁଲୁ ମାଝୀ, ପି.: ମୁକଲିଙ୍ଗ ମାଝୀ, ଆଲମତି ଦେଇ, ସ୍ୱା.: ପୁଲୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୩ | ୧୬/୮ | ୮୫/୨୦୬ | ୦.୦୪୦ | ୦.୦୪୦ | ଘରବାରି | ବାଲସିଂହ ମାଝୀ, ପି.: ପୁଲୁ ମାଝୀ, ଲିପା ଦେଇ, ସ୍ୱା.: ବାଲସିଂହ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୪ | ୧୬/୯ | ୮୯/୨୦୭ | ୦.୦୪୦ | ୦.୦୪୦ | ଘରବାରି | ମୁଗୁରି ମାଝୀ, ପି.: ପେଡ଼ା ମାଝୀ, ରାଣିଙ୍ଗ ଦେଇ, ସ୍ୱା.: ମୁଗୁରି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୫ | ୧୬/୧୦ | ୮୯/୨୦୮ | ୦.୦୪୦ | ୦.୦୪୦ | ଘରବାରି | ହାଦାନ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଚାଉଲ ଦେଇ, ସ୍ୱା.: ହାଦାନ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୬ | ୧୬/୧୧ | ୮୯/୨୦୯ | ୦.୦୪୦ | ୦.୦୪୦ | ଘରବାରି | ବଡ଼ଦାନୁ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଦାନଦେଇ ମାଝୀ, ସ୍ୱା.: ବଡ଼ଦାନୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୭ | ୧୬/୧୨ | ୮୯/୨୧୦ | ୦.୦୪୦ | ୦.୦୪୦ | ଘରବାରି | ମାଙ୍ଗଡୁ ମାଝୀ, ପି.: ପାତିଡ଼ି ମାଝୀ, ସନଙ୍ଗ ଦେଇ, ସ୍ୱା.: ମାଙ୍ଗଡୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୮ | ୧୬/୧୩ | ୮୯/୨୧୧ | ୦.୦୪୦ | ୦.୦୪୦ | ଘରବାରି | ସାରୁ ମାଝୀ, ପି.: ନାରଙ୍ଗା ମାଝୀ, ଲକ୍ଷ୍ମୀଦେଇ ମାଝୀ, ସ୍ୱା.: ସାରୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୯ | ୧୬/୧୪ | ୮୯/୨୧୨ | ୦.୦୪୦ | ୦.୦୪୦ | ଘରବାରି | ଅର୍ଜୁନ ମାଝୀ, ପି.: ଖୁଜା ମାଝୀ, ଘସେନ ମାଝୀ, ସ୍ୱା.: ଅର୍ଜୁନ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୩୦ | ୧୬/୧୫ | ୮୯/୨୧୩ | ୦.୦୪୦ | ୦.୦୪୦ | ଘରବାରି | ତାମ୍ବା ମାଝୀ, ପି.: ବେଡ଼ା ମାଝୀ, ସୁନା ଦେଇ, ସ୍ୱା.: ତାମ୍ବା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୩୧ | ୧୬/୧୬ | ୮୯/୨୧୪ | ୦.୦୪୦ | ୦.୦୪୦ | ଘରବାରି | ମୁକ୍ଳି ମାଝୀ, ପି.: ପାତିଡ଼ି ମାଝୀ, ମନିଦେଇ ମାଝୀ, ସ୍ୱା.: ମୁକ୍ଳି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୩୨ | ୧୬/୧୭ | ୮୯/୨୧୫ | ୦.୦୪୦ | ୦.୦୪୦ | ଘରବାରି | କୁଜା ମାଝୀ, ପି.: ବାଲୁ ମାଝୀ, ଜନେ ଦେଇ, ସ୍ୱା.: କୁଜା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୩୩ | ୧୬/୧୮ | ୮୯/୨୧୬ | ୦.୦୪୦ | ୦.୦୪୦ | ଘରବାରି | ମଙ୍ଗଲୁ ମାଝୀ, ପି.: ନାରଙ୍ଗା ମାଝୀ, କଳା ଦେଇ, ସ୍ୱା.: ମଙ୍ଗଲୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| | | ମୋଟ | | ୭୦.୫୦୦ | | |

**ସ୍ୱା./– ଭୂ-ଅର୍ଜନ ଅଧିକାରୀ**
**କଳାହାଣ୍ଡି**

OIPR-24001/24236/3/25-26/0001

# ଆଜି ନେଦରଲାଣ୍ଡକୁ ଭେଟିବ ଭାରତ

ଅହମଦାବାଦ,୧୭।୨(ପି.ଟି.)

ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ବୁଧବାର ତା'ର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନେଦରଲାଣ୍ଡକୁ ଭେଟିବ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜିତ ରହିଥିବା ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରତ୍ୟେକ ବିଭାଗରେ ଭଲ ପ୍ରଦର୍ଶନ କରିଛି। କେବଳ ବିସ୍ଫୋରକ ଓପନର ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଦଳର ଅନ୍ୟ ଖେଳାଳି ଗତ କିଛି ମ୍ୟାଚ୍‌ରେ ଦଳର ବିଜୟରେ ଯୋଗଦାନ ଦେଇଛନ୍ତି।

ଟି୨୦ ଫର୍ମାଟ୍‌ରେ ୱାର୍ଲ୍ଡ ନଂ.୧ ବ୍ୟାଟର ଅଭିଷେକ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ ଖାତା ଖୋଲିପାରିନାହାନ୍ତି। ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଖାତା ଖୋଲିପାରି ନ ଥିବା ଅଭିଷେକ ପେଟ ସଂକ୍ରମଣ କାରଣରୁ ନାମ୍ବିଆ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ପାକିସ୍ତାନ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ଲାଗି ସେ ଦଳକୁ ଫେରିଥିଲେ। ହେଲେ ପୁଣିଥରେ ଖାତା ଖୋଲିବାରେ ବିଫଳ ହୋଇଥିଲେ। ମାତ୍ର କ୍ୟାରିୟରର ଶୀର୍ଷ ଫର୍ମରେ ଥିବା ଇଶାନ କିଶନ ଭାରତକୁ ଭଲ ସ୍କୋର ଲାଗି ଦୃଢ଼ ମୂଳଦୁଆ ଯୋଗାଉଛନ୍ତି। କିଶନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଅଭିଷେକଙ୍କ ବ୍ୟାଟ୍ ନ ଚାଲିବାର କୌଣସି ପ୍ରଭାବ ଦଳ ଉପରେ ପଡ଼ିନାହିଁ। ୨୫ ବର୍ଷୀୟ ବ୍ୟାଟରେ ସର୍ବଦା ହାଇ ରିସ୍କ ଶଟ୍ ଖେଳନ୍ତି, ଯାହାକି ଗତ ୧୮ ମାସରେ ଭାରତକୁ ଅନେକ ମ୍ୟାଚ୍ ଜିତାଇଛି। ମାତ୍ର ଗତ ୬ ମ୍ୟାଚ୍‌ରେ ତାଙ୍କର ୪ ଶୂନ୍ୟ ଦର୍ଶାଉଛି, ଫଳରେ ତାଙ୍କୁ ତାଙ୍କ ଯୋଜନାରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ତାଙ୍କ ପାଖରେ ଦଳର ଅନ୍ୟ ବ୍ୟାଟରଙ୍କ ଭଳି ଖୁବ୍ ସାରା ଶଟ୍ ନ ଥିବା ଅଭିଷେକ ନିଜେ ସ୍ୱୀକାର କରିଛନ୍ତି। ଏଣୁ ସେ କ୍ରିଜ୍ ଓ ତାଙ୍କର ବ୍ୟାଟ୍ ଫ୍ଲୋକୁ ବ୍ୟବହାର କରନ୍ତି। ସେ ପାୱାରପ୍ଲେରେ ଡିପ୍ କଭର ଅଞ୍ଚଳରେ ଶଟ୍ ଖେଳନ୍ତି। ଏଥିଯୋଗୁ ବିଭିନ୍ନ ଦଳ ତାଙ୍କ ବିପକ୍ଷରେ ସମାନ ଅଞ୍ଚଳରେ ଫିଲ୍ଡର ରଖୁଛନ୍ତି। ପାକିସ୍ତାନ ମଧ୍ୟ ସମାନ ଫିଲ୍ଡ ସେଟିଂ କରିଥିଲା। ଭାରତ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଥିବାରୁ ଅଭିଷେକଙ୍କୁ ନେଦରଲାଣ୍ଡ ବିପକ୍ଷରେ ଫର୍ମକୁ ଫେରିବାକୁ ସୁଯୋଗ ମିଳିବ।

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଇଶାନଙ୍କ ବିସ୍ଫୋରକ ବ୍ୟାଟିଂ ଓ ବୋଲର ଭାରତକୁ ମ୍ୟାଚ୍ ଜିତାଇଥିଲେ। ଇଶାନଙ୍କ ବ୍ୟତୀତ ଅନ୍ୟ ବ୍ୟାଟର ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସେଭଳି ଆଖିଦୃଶିଆ ପ୍ରଦର୍ଶନ କରିନାହାନ୍ତି। ଏଣୁ ସେମାନଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ।

ବ୍ୟାଟିଂ ବିଭାଗରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ବେଳେ ବୋଲିଂ ବିଭାଗରେ ପ୍ରିମିୟର ପେସର ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ। ପାକିସ୍ତାନ ବିପକ୍ଷ ମ୍ୟାଚ୍ କଲମ୍ବୋରେ ଖେଳାଯାଇଥିବାରୁ ଭାରତ ଅର୍ଶଦୀପ ସିଂଙ୍କ ବଦଳରେ କୁଲଦୀପ ଯାଦବଙ୍କୁ ଖେଳାଇଥିଲା। ଏଣୁ ଟିମ୍ ମ୍ୟାନେଜ୍‌ମେଣ୍ଟ ପୁରୁଣା କମ୍ବିନେଶନକୁ ଫେରିବ ବୋଲି ଆଶା କରାଯାଉଛି। ଯଦି ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଏ, ତେବେ ଅର୍ଶଦୀପ ଓ ମହମ୍ମଦ ସିରାଜ ପେସ୍ ବିଭାଗ ସମ୍ଭାଳିବେ। ଦୁଇ ସ୍ପିନର ଭାବେ ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ଖେଳିବେ।

ଅହମଦାବାଦରେ ଚଳିତ ଟି୨୦ ବିଶ୍ୱକପ୍‌ର ସର୍ବାଧିକ ସ୍କୋର(୨୧୪/୪) ଦେଖିବାକୁ ମିଳିଥିଲା। ଏହି ସ୍କୋର କାନାଡ଼ା ବିପକ୍ଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା କରିଥିଲା। ହେଲେ ଏଠାରେ ଖେଳାଯାଇଥିବା ଗତ ଦୁଇ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୨୦୦ ଅତିକ୍ରମ କରିପାରି ନ ଥିଲେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଇଶାନ କିଶନ(ଉଇକେଟ୍‌କିପର), ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ମହମ୍ମଦ ସିରାଜ, ବରୁଣ ଚକ୍ରବର୍ତ୍ତୀ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଦକ୍ଷିଣ ଆଫ୍ରିକା ବନାମ ୟୁଏଇ**
ସ୍ଥାନ: ଦିଲ୍ଲୀ
ସମୟ: ପୂର୍ବାହ୍ନ ୧୧ଟା

**ନାମ୍ବିଆ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ନେଦରଲାଣ୍ଡ**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର



ନେଟ୍ସ ଅବସରରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ତିଳକ ବର୍ମା ଓ ସୂର୍ଯ୍ୟକୁମାର ଯାଦବ।

## ଟି୨୦ ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | |
| ଭାରତ | ୩ | ୩ | ୦ | ୬ | +୩.୦୫୦ |
| ଆମେରିକା | ୪ | ୨ | ୨ | ୪ | +୦.୭୮୮ |
| ପାକିସ୍ତାନ | ୩ | ୨ | ୧ | ୪ | −୦.୪୦୩ |
| ନେଦରଲାଣ୍ଡ | ୩ | ୧ | ୨ | ୨ | −୧.୩୫୨ |
| ନାମ୍ବିଆ | ୩ | ୦ | ୩ | ୦ | −୨.୪୪୩ |
| **ଗ୍ରୁପ୍ 'ବି'** | | | | | |
| ଶ୍ରୀଲଙ୍କା | ୩ | ୩ | ୦ | ୬ | +୨.୪୬୨ |
| ଜିମ୍ବାୱେ | ୩ | ୨ | ୦ | ୫ | +୧.୯୮୪ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | +୦.୪୧୪ |
| ଆୟର୍ଲାଣ୍ଡ | ୪ | ୧ | ୨ | ୩ | +୦.୧୫୦ |
| ଓମାନ | ୩ | ୦ | ୩ | ୦ | −୪.୫୪୬ |
| **ଗ୍ରୁପ 'ସି'** | | | | | |
| ୱେଷ୍ଟଇଣ୍ଡିଜ | ୩ | ୩ | ୦ | ୬ | +୧.୮୨୦ |
| ଇଂଲଣ୍ଡ | ୪ | ୩ | ୧ | ୬ | +୦.୨୦୧ |
| ସ୍କଟଲାଣ୍ଡ | ୪ | ୧ | ୩ | ୨ | +୦.୧୮୪ |
| ଇଟାଲି | ୩ | ୧ | ୨ | ୨ | −୦.୫୮୮ |
| ନେପାଳ | ୪ | ୧ | ୩ | ୨ | −୧.୩୪୯ |
| **ଗ୍ରୁପ୍ 'ଡି'** | | | | | |
| ଦ.ଆଫ୍ରିକା | ୩ | ୩ | ୦ | ୬ | +୧.୪୭୭ |
| ନ୍ୟୁଜିଲାଣ୍ଡ | ୪ | ୩ | ୧ | ୬ | +୧.୨୨୭ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | −୦.୨୧୫ |
| ୟୁଏଇ | ୩ | ୧ | ୨ | ୨ | −୦.୭୯୭ |
| କାନାଡ଼ା | ୩ | ୦ | ୩ | ୦ | −୧.୮୬୫ |

## ବିଦାୟନେଲା ଅଷ୍ଟ୍ରେଲିଆ ସୁପର-୮ରେ ଜିମ୍ବାୱେ

**ପାଲିକେଲ,୧୭।୨(ପି.ଟି.):** ଗତ ସଂସ୍କରଣରେ ଯୋଗ୍ୟତା ହାସଲ କରିପାରି ନ ଥିବା ଜିମ୍ବାୱେ ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଛି। ମଙ୍ଗଳବାର ଆୟର୍ଲାଣ୍ଡ ଓ ଜିମ୍ବାୱେ ମଧ୍ୟରେ ଖେଳାଯିବାକୁ ଥିବା ଗ୍ରୁପ୍-ବି' ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ଏଣୁ ଦୁଇ ଦଳକୁ ୧ ଲେଖାଏ ପଏଣ୍ଟ ପ୍ରଦାନ କରାଯାଇଛି। ଫଳରେ ଜିମ୍ବାୱେ ୫ ପଏଣ୍ଟ ସହ ଗ୍ରୁପ୍-ବି'ରୁ ଦ୍ୱିତୀୟ ଦଳ ଭାବେ ସୁପର-୮ରେ ସ୍ଥାନ ପକ୍କା କରିଛି। ହେଲେ ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛି। ଟୁର୍ନାମେଣ୍ଟ ଇତିହାସରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟନେବ।

ସୁପର-୮ ପର୍ଯ୍ୟାୟକୁ ସପ୍ତମ ଦଳ ଭାବେ ଯୋଗ୍ୟତା ହାସଲ କରିଥିବା ଜିମ୍ବାୱେ ଆସନ୍ତା ୨୬ ତାରିଖରେ ଚେନ୍ନାଇଠାରେ ତା'ର ପ୍ରଥମ ମ୍ୟାଚ୍‌ରେ ଭାରତକୁ ଭେଟିବ। ଜିମ୍ବାୱେ ଜି-୧ ଗ୍ରୁପ୍‌ରେ ଭାରତ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ସହ ରହିଛି। ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଜିମ୍ବାୱେ ଆସନ୍ତା ଗୁରୁବାର ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ସହଆୟୋଜକ ଶ୍ରୀଲଙ୍କାକୁ ଭେଟିବ।



ଶତକୀୟ ଭାଗୀଦାରି ଅବସରରେ ଗ୍ଲେନ୍ ଫିଲିପ୍ସ ଓ ରାଚିନ ରବୀନ୍ଦ୍ର।

# ଶତକ ହାସଲରେ ସମରା ସର୍ବକନିଷ୍ଠ

ଚେନ୍ନାଇ, ୧୭।୨(ପି.ଟି.)

ଆଇସିସି ଟି୨୦ କ୍ରିକେଟ୍ ବିଶ୍ୱକପ୍‌ରେ ସର୍ବକନିଷ୍ଠ ଖେଳାଳି ଭାବେ ଶତକ ହାସଲକରି ରେକର୍ଡ ପ୍ରତିଷ୍ଠା କରିଛନ୍ତି କାନାଡ଼ାର ଭାରତୀୟ ବଂଶୋଦ୍ଭବ ବ୍ୟାଟର ଯୁବରାଜ ସମରା। ତାଙ୍କୁ ବର୍ତ୍ତମାନ ୧୯ ବର୍ଷ ହୋଇଥିବାବେଳେ ମଙ୍ଗଳବାର ନ୍ୟୁଜିଲାଣ୍ଡ ବିପକ୍ଷ ଗ୍ରୁପ୍ 'ଡି' ମ୍ୟାଚ୍‌ରେ ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୬୫ ବଲ୍‌ରେ ୧୧୦ ରନ୍ ସଂଗ୍ରହ କରିଛନ୍ତି। ଏହି ଯୁବ ଖେଳାଳିଙ୍କ ପିତା ବଲ୍‌ଜିତ ସମରା ହେଉଛନ୍ତି ଭାରତୀୟ ବିସ୍ଫୋରକ ବ୍ୟାଟର ଯୁବରାଜ ସିଂଙ୍କର ଜଣେ ପ୍ରଶଂସକ। ତେଣୁ ସେ ତାଙ୍କ ପୁତ୍ରର ନାମ ଯୁବରାଜ ରଖିଥିଲେ। କାନାଡ଼ାର ବ୍ରାମ୍ପଟନ୍‌ରେ ସମରା ଜନ୍ମଗ୍ରହଣ କରିଛନ୍ତି। ସମରା ତାଙ୍କ ବିସ୍ଫୋରକ ଇନିଂସ୍‌ରେ ୧୧ ଚୌକା ଏବଂ ୩ ଛକା ଲଗାଇଥିଲେ। ପୂର୍ବରୁ ଟି୨୦ ବିଶ୍ୱକପ୍‌ରେ ସର୍ବକନିଷ୍ଠ ଶତକ ରେକର୍ଡ ପାକିସ୍ତାନର ଅହମଦ ଶେହଜାଦଙ୍କ ନାମରେ ରହିଥିଲା। ସେ ୨୦୧୪ରେ ମାତ୍ର ୨୨ ବର୍ଷ ବୟସରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ।



ଶଟ୍ ଖେଳୁଛନ୍ତି ଯୁବରାଜ ସମରା।

# ନ୍ୟୁଜିଲାଣ୍ଡକୁ ଜିତାଇଲେ ଫିଲିପ୍ସ-ରବୀନ୍ଦ୍ର

ଚେନ୍ନାଇ,୧୭।୨

ଗ୍ଲେନ୍ ଫିଲିପ୍ସ ଓ ରାଚିନ ରବୀନ୍ଦ୍ରଙ୍କ ଶତକୀୟ ଭାଗୀଦାରି ବଳରେ ମଙ୍ଗଳବାର ପୂର୍ବାହ୍ନରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୮ ଉଇକେଟରେ କାନାଡ଼ାକୁ ପରାସ୍ତ କରିଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ପରେ ଗ୍ରୁପ୍-ଡି'ରୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦଳ ଭାବେ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ଯୁବରାଜ ସମ୍ରାଙ୍କ ୬୫ ବଲ୍‌ରେ ୧୧୦(୧୧ ଚୌକା ଓ ୬ ଛକା) ରନ୍‌ର ଶତକୀୟ ଇନିଂସ୍ ବଳରେ କାନାଡ଼ା ୨୦ ଓଭରରେ ୪ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଦଳୀୟ ଅଧିନାୟକ ଦିଲପ୍ରୀତ ବାଜୱା ୩୬(୪ ଚୌକା) ରନ୍ କରିଥିଲେ। ଜବାବରେ ୩୦ ରନ୍ ମଧ୍ୟରେ ନ୍ୟୁଜିଲାଣ୍ଡ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ହେଲେ ତୃତୀୟ ଉଇକେଟ ଲାଗି ଫିଲିପ୍ସ ଓ ରବୀନ୍ଦ୍ର ୧୪୬ ରନ୍‌ର ଭାଗୀଦାରି କରି ଦଳକୁ ଜିତାଇଥିଲେ। ନ୍ୟୁଜିଲାଣ୍ଡ ୧୫.୧ ଓଭରରେ ୨ ଉଇକେଟରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଫିଲିପ୍ସ ୩୬ ବଲରେ ୭୬(୪ ଚୌକା ଓ ୬ ଛକା) ଓ ରାଚିନ ୩୯ ବଲ୍‌ରେ ୫୯(୪ ଚୌକା ଓ ୩ ଛକା) ରନ୍‌କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

କାନାଡା: ୨୦ ଓଭରରେ ୧୭୩/୪(ଯୁବରାଜ ସମ୍ରା-୧୧୦, ଦିଲପ୍ରୀତ ବାଜୱା-୩୬, ଜେକବ ଡଫି-୧/୨୫)। ନ୍ୟୁଜିଲାଣ୍ଡ: ୧୫.୧ ଓଭରରେ ୧୭୬/୨(ଗ୍ଲେନ ଫିଲିପ୍ସ-୭୬*, ରାଚିନ ରବୀନ୍ଦ୍ର-୫୯*, ସାଦ ବିନ ଜାଫର-୧/୨୯)।

# ଇମ୍ରାନ୍‌ଙ୍କ ଚିକିତ୍ସା ଲାଗି ଅନୁରୋଧ କଲେ ଗାଭାସ୍କର, କପିଳ ଦେବ

ନୂଆଦିଲ୍ଲୀ,୧୭।୨(ପି.ଟି.)

ସୁନୀଲ ଗାଭାସ୍କର ଓ କପିଳ ଦେବଙ୍କ ଭଳି ଭାରତର ମହାନ୍ କ୍ରିକେଟରଙ୍କ ସହିତ ୧୨ ପୂର୍ବତନ ଅଧିନାୟକ ଜେଲରେ ଥିବା ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ତାଙ୍କୁ ଅନ୍ତର୍ଜାତୀୟସ୍ତରର ଚିକିତ୍ସା ସେବା ଯୋଗାଇଦେବାକୁ ପାକିସ୍ତାନ ସରକାରଙ୍କୁ ଅନୁରୋଧ କରିଛନ୍ତି। କିଛି ରିପୋର୍ଟ ମୁତାବକ, କ୍ରିକେଟର୍‌ରୁ ରାଜନେତା ପାଲଟିଥିବା ଇମ୍ରାନ୍ ଚିକିତ୍ସା ଅବହେଳା କାରଣରୁ ବର୍ତ୍ତମାନ ତାଙ୍କର ୮୫ ପ୍ରତିଶତ ଦୃଷ୍ଟିଶକ୍ତି ହରାଇଛନ୍ତି।

ପୂର୍ବତନ ଅଧିନାୟକଙ୍କ ହସ୍ତାକ୍ଷର ଥିବା 'ଅପିଲ ବାଏ ଫରମର ଇଣ୍ଟରନ୍ୟାଶନାଲ କ୍ରିକେଟ କ୍ୟାପ୍ଟେନ୍ସ' ନାମକ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଆମେ ଆମ ଜାତୀୟ ଦଳର ପୂର୍ବତନ ଅଧିନାୟକ, ପାକିସ୍ତାନର ବିଶିଷ୍ଟ ପୂର୍ବତନ ଅଧିନାୟକ ତଥା ବିଶ୍ୱ କ୍ରିକେଟ୍‌ର ଜଣେ କିମ୍ବଦନ୍ତୀ ଖେଳାଳି ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ଗଭୀର ଚିନ୍ତାବ୍ୟକ୍ତ କରି ଏହି ଚିଠି ଲେଖୁଛୁ। ନିକଟରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ବିଶେଷକରି ହାଜତରେ ଥିବା ସମୟରେ ତାଙ୍କ ଦୃଷ୍ଟିଶକ୍ତିର ଚିନ୍ତାଜନକ ଅବନତି ଘଟିଛି। ଏଥିସହିତ ଗତ ଅଢ଼େଇ ବର୍ଷ କାରାଦଣ୍ଡରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗଭୀର ଚିନ୍ତାର କାରଣ ପାଲଟିଛି। ସାଥୀ କ୍ରିକେଟର ଭାବେ ଆମ ବିଶ୍ୱାସକରୁ ଯେ, ଇମ୍ରାନ୍‌ଙ୍କ ଭଳି ଜଣେ ପୂର୍ବତନ ଜାତୀୟ ନେତା ଓ ବିଶ୍ୱସ୍ତରୀୟ କ୍ରୀଡ଼ା ଆଇକନ୍‌ଙ୍କୁ ମର୍ଯ୍ୟାଦା ଓ ମୌଳିକ ମାନବିକ ବିଚାର ସହିତ ଚିକିତ୍ସା କରାଯିବା ଉଚିତ' ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି ଚିଠିରେ ମାଇକେଲ ଆଥର୍ଟନ, ଆଲାନ ବର୍ଡର, ମାଇକେଲ ବ୍ରିୟର୍ଲି, ଗ୍ରେଗ୍ ଚାପେଲ, ଇଆନ୍ ଚାପଲେ, ବେଲିଣ୍ଡା କ୍ଲାର୍କ, ଡେଭିଡ୍ ଗାୱର, କିମ୍ ହଗ୍ସ, ନାସେର ହୁସେନ, କ୍ଲାଇଭ୍ ଲୟଡ୍, ଷ୍ଟିଭ୍ ୱ ଓ ଜନ୍ ରାଇଟ୍‌ଙ୍କ ସ୍ୱାକ୍ଷର ରହିଛି।

## ପୁଣି ମୁଖ୍ୟକୋଚ୍ ହେବାକୁ ଶ୍ରୀଜେଶ ଆଗ୍ରହୀ

**ନୂଆଦିଲ୍ଲୀ, ୧୭।୨ (ପି.ଟି.):** ଭାରତ ଜୁନିୟର ପୁରୁଷ ହକି ଦଳର ମୁଖ୍ୟକୋଚ୍ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି ପି. ଆର୍ ଶ୍ରୀଜେଶ। ସେ ପୂର୍ବରୁ ଏହି ପଦବୀରେ ଥିଲେ। ତାଙ୍କ କାର୍ଯ୍ୟକାଳ ଡିସେମ୍ବରରେ ଶେଷ ହୋଇଛି। ଜାତୀୟ ଜୁନିୟର ପୁରୁଷ ହକି ଦଳର ମୁଖ୍ୟ କୋଚ୍ କିଏ ହେବ, ତାହା ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ହେବ।

# ନେପାଳର ପ୍ରଥମ ବିଜୟ

ମୁମ୍ବାଇ,୧୭।୨(ପି.ଟି.)

ଦୀପେନ୍ଦ୍ର ସିଂ ଆଇରିଙ୍କ ଅର୍ଦ୍ଧଶତକ ବଳରେ ନେପାଳ ଏଠାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଟି୨୦ ବିଶ୍ୱକପ୍ ଇତିହାସରେ ଏହା ନେପାଳର ପ୍ରଥମ ବିଜୟ। ନେପାଳ ଏହି ବିଜୟ ସହ ଚଳିତ ବିଶ୍ୱକପ୍‌ରେ ଅଭିଯାନ ଶେଷ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୭୦ ରନ କରିଥିଲା। ଦଳ ପାଇଁ ମାଇକେଲ ଜୋନ୍ସ ୪୫ ବଲରେ ୭୧ (୮ ଚୌକା ଓ ୩ ଛକା) ରନ କରିଥିଲେ। ନେପାଳ ପକ୍ଷରୁ ସୋମପାଲ କାମି ୩ ଓ ନନ୍ଦନ ଯାଦବ ୨ ଉଇକେଟ ନେଇଥିଲେ। ଜବାବରେ ନେପାଳକୁ ଦୁଇ ଓପନର କୁଶାଲ ଭୁର୍ତେଲ (୪୩ ରନ, ୧ ଚୌକା ଓ ୪ ଛକା) ଓ ଅସିଫ ଶେଖ (୩୩ ରନ, ୨ ଛକା) ଭଲ ଆରମ୍ଭ ଦେଇଥିଲେ। ଦୁହେଁ ୯.୧ ଓଭରରେ ୭୪ ରନ ଯୋଡ଼ିଥିଲେ। ହେଲେ ମାଇକେଲ ଲିସ୍କ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ନେବାରୁ ସ୍କଟଲାଣ୍ଡ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ହେଲେ ଦୀପେନ୍ଦ୍ର ସିଂ ଓ ଗୁଲଶନ ଝା ଅବିଭାଜିତ ଚତୁର୍ଥ ଉଇକେଟରେ ୭୩ ରନ କରି ନେପାଳକୁ ଜିତାଇଥିଲେ। ନେପାଳ ୧୯.୨ ଓଭରରେ ୩ ଉଇକେଟରେ ୧୭୧ ରନ କରିଥିଲା। ଦଳ ପାଇଁ ଦୀପେନ୍ଦ୍ର ୨୩ ବଲରେ ୫୦ (୪ ଚୌକା ଓ ୩ ଛକା) ଓ ଗୁଲଶନ ୨୪ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ଥିଲେ।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ: ୨୦ ଓଭରରେ ୧୭୦/୭(ମାଇକେଲ ଜୋନ୍ସ-୭୧, ସୋମପାଲ କାମି-୩/୨୫, ନନ୍ଦନ ଯାଦବ-୨/୨୪)। ନେପାଳ: ୧୯.୨ ଓଭରରେ ୧୭୧/୩ (ଦୀପେନ୍ଦ୍ର ସିଂ ଆଇରି-୫୦*, କୁଶାଲ ଭୁର୍ତେଲ-୪୩, ଅସିଫ ଶେଖ-୩୩, ମାଇକେଲ ଲିସ୍କ-୩/୩୦)।



ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଦୀପେନ୍ଦ୍ର ସିଂ ଆଇରି।

# ଆରମ୍ଭ ହେଲା କଳାହାଣ୍ଡି କପ୍

କଟକ,୧୭।୨(କୁମାରଶ୍ରୀ)

**ଭୁବନେଶ୍ୱର, କଟକ-ବି ସୁନ୍ଦରଗଡ଼, ନୟାଗଡ଼, ନବରଙ୍ଗପୁର ବିଜୟୀ**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ପ୍ରଥମ ପର୍ଯ୍ୟାୟ ଲିଗ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କେବଳ ଗ୍ରୁପ-'ଏ', 'ବି' ଏବଂ 'ସି'ର ସମସ୍ତ ମ୍ୟାଚ୍ ଖେଳାଯିବ। ଏକଦିବସୀୟ ଫର୍ମାଟରେ ଆୟୋଜିତ ଏହି ପ୍ରତିଯୋଗିତାର ବିଭିନ୍ନ ମ୍ୟାଚ୍ କଟକ ଏବଂ ଭୁବନେଶ୍ୱରର ଏକାଧିକ ଗ୍ରାଉଣ୍ଡରେ ଖେଳାଯାଉଛି।

ଖୋର୍ଦ୍ଧା ବିଜେବି ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ୪ ଉଇକେଟରେ ସମ୍ବଲପୁର 'ବି'କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର 'ବି' ୧୮୨ରନରେ ଅଲଆଉଟ ହୋଇଥିଲା। ପ୍ରିୟରଞ୍ଜନ ନାଥ ସର୍ବାଧିକ ୪୧ରନ କରିଥିଲେ। ସୁନ୍ଦରଗଡ଼ର ସୌମ୍ୟରଞ୍ଜନ ଲେଙ୍କା ଏବଂ ୱାଲଟର ଓପ୍ପୋ ଯଥାକ୍ରମେ ୩ଟି ଏବଂ ୨ଟି ଉଇକେଟ ଦଖଲ କରିଥିଲେ। ୧୯.୪ ଓଭରରେ ୬ ଉଇକେଟ ହରାଇ ସୁନ୍ଦରଗଡ଼ ବିଜୟ ହାସଲ କରିଥିଲା। ସ୍ୱସ୍ତିକ ସାମଲ ୩୮ବଲରୁ ୮୮ରନର ବିସ୍ଫୋରକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଗୋଟିଏ ଉଇକେଟ ଅକ୍ତିଆର ସହ ଅର୍ଦ୍ଧଶତକ ହାସଲ କରିଥିବା ସ୍ୱସ୍ତିକଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅଡ଼ଶପୁର ଗ୍ରାଉଣ୍ଡରେ ନୟାଗଡ଼ ୯୧ରନରେ ଢେଙ୍କାନାଳକୁ ହରାଇଛି। ବିଶ୍ୱଜିତ ପ୍ରଧାନଙ୍କ ୮୮ରନ ସହାୟତାରେ ନୟାଗଡ ୭ ଉଇକେଟ ବିନିମୟରେ ୨୪୧ରନ କରିଥିଲା। ଜବାବରେ ଢେଙ୍କାନାଳର ଇନିଂସ ୧୫୦ରନରେ ସୀମିତ ରହିଥିଲା। ବିଜୟୀ ଦଳର ଆଶୁତୋଷ ଦାସ ୪ ଉଇକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ଅନ୍ୟମ୍ୟାଚ୍ ଗୁଡିକରେ ନବରଙ୍ଗପୁର ୨୮ରନରେ କେନ୍ଦ୍ରାପଡ଼ାକୁ, ପୂର୍ବତଟ ରେଳପଥ ୭୫ରନରେ ସମ୍ବଲପୁର'ଏ'କୁ, ବଲାଙ୍ଗୀର ୮୩ରନରେ ଖୋର୍ଦ୍ଧାକୁ, କଟକ-ବି ୫୮ରନରେ ସୋନପୁରକୁ, ଭୁବନେଶ୍ୱର ୪୬ରନରେ ଯାଜପୁରକୁ, କୋରାପୁଟ ୧୧ରନରେ ମାଲକାନଗିରିକୁ, ଦେବଗଡ ୧୫ରନରେ ବୌଦ୍ଧକୁ ପରାସ୍ତ କରିଥିଲା।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୮/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Wednesday, February 18/2026 Page 16 ₹ 7.00 | DHENKANAL
୫୨ଶ ଭାଗ ୮୬ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 52 ISSUE 86 ମୂଲ୍ୟ₹୭/-




# ଟେକ୍ସଟାଇଲ ପାର୍କ ଆଶାରେ ବଲାଙ୍ଗୀର



ବଲାଙ୍ଗୀର ଜିଲା ପାଟଣାଗଡ଼ ଅନ୍ତର୍ଗତ ଗୋହିରାମୁଣ୍ଡା ସ୍ଥିତ ଏକ କିଆରିରେ କପା ତୋଳୁଛନ୍ତି ମହିଳା।

**ବଲାଙ୍ଗୀର,୧୭।୨ (ବୀରେନ୍ଦ୍ର କୁମାର ଝାଙ୍କର)**

ଦାଦନପ୍ରବଣ ତଥା ଶିଳ୍ପବିହୀନ ବଲାଙ୍ଗୀର ଜିଲାରେ ଟେକ୍ସଟାଇଲ ପାର୍କ(କ୍ଲଷ୍ଟର) ପ୍ରତିଷ୍ଠା ଘୋଷଣାରେ ଅଟକିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ ୨୦୨୫'ରେ ଏନେଇ ଘୋଷଣା କରିଥିଲେ। ଏହାପରେ ବଲାଙ୍ଗୀର ଜିଲାରେ ନିଯୁକ୍ତିଭିତ୍ତିକ ଟେକ୍ସଟାଇଲ ଏବଂ ଆପାରାଲ କ୍ଲଷ୍ଟର ପ୍ରତିଷ୍ଠା ଆଶା ଉଜ୍ଜୀବିତ ହୋଇଥିଲା। ଇତିମଧ୍ୟରେ ୬ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ହେଁ ଘୋଷିତ ଟେକ୍ସଟାଇଲ ପ୍ରକଳ୍ପର ସ୍ଥିତାବସ୍ଥା କ'ଣ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଓଡ଼ିଶାରେ ଯେତିକି କପା ଉତ୍ପାଦନ ହେଉଛି ତାର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ କେବଳ ବଲାଙ୍ଗୀର, କଳାହାଣ୍ଡି, ରାୟଗଡା ଓ ନୂଆପଡା ଜିଲାରେ ଉତ୍ପାଦନ ହେଉଛି। ବୌଦ୍ଧ, ବରଗଡ ଓ ସୁବର୍ଣ୍ଣପୁର ଜିଲାର କପା ଉତ୍ପାଦନକୁ ମିଶାଇଲେ ଓଡ଼ିଶାର ୯୭ପ୍ରତିଶତରୁ ଅଧିକ ଅମଳ ହେଉଛି। ବଲାଙ୍ଗୀର ଜିଲାରେ ୭୦୯୯୮ ହେକ୍ଟର, କଳାହାଣ୍ଡିରେ ୭୧୪୦୭, ରାୟଗଡାରେ ୪୯୪୭୩, ନୂଆପଡାରେ ୧୯୫୫୦, ବୌଦ୍ଧରେ ୭୨୮୫, ବରଗଡରେ ୫୮୨୫ ଏବଂ ସୁବର୍ଣ୍ଣପୁରରେ ୫୫୫୩ ହେକ୍ଟର ଜମିରେ କପାଚାଷ ହେଉଛି। ଏହି ଅଞ୍ଚଳରୁ ଉତ୍ପାଦିତ କପା ଅତ୍ୟନ୍ତ ଉତ୍କୃଷ୍ଟ ମାନର ହୋଇଥିବାରୁ ଜାତୀୟ ଏବଂ ବିଶ୍ୱସ୍ତରରେ ଏହାର ଚାହିଦା ରହିଛି। ଖାଲି ଏତିକି ନୁହେଁ ବଲାଙ୍ଗୀର, କଳାହାଣ୍ଡି, ରାୟଗଡା, ବରଗଡ଼, ନୂଆପଡ଼ା ଓ ସୁବର୍ଣ୍ଣପୁର ଜିଲାରେ ଓଡିଶାର ପ୍ରାୟ ୯୦ ପ୍ରତିଶତ ଜିନିଂ ମିଲ୍ ମଧ୍ୟ ରହିଛି। ଏହାସହିତ ଏହି ଅଞ୍ଚଳରେ ରହିଛି ପର୍ଯ୍ୟାପ୍ତ ମାନବ ସମ୍ବଳ। ଜମି, ବିଦ୍ୟୁତ୍ ଏବଂ ଯାତାୟାତ ସୁବିଧା ମଧ୍ୟ ଭରପୂର ରହିଛି। ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିବା ସତ୍ତ୍ୱେ ଏହି ଅଞ୍ଚଳରେ ଏ ପର୍ଯ୍ୟନ୍ତ ଗୋଟିଏ ବି ଟେକ୍ସଟାଇଲ ପାର୍କ, ବୟନ କ୍ଲଷ୍ଟର, ଟେକ୍ସୋ କି ଆପାରାଲ ପାର୍କ ପ୍ରତିଷ୍ଠା ହୋଇନାହିଁ। ଓଡ଼ିଶା ଟେକ୍ସଟାଇଲ କନକ୍ଲେଭ ୨୦୨୫ରେ ୭୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା କୁହାଯାଇଥିଲା। ଟେକ୍ସଟାଇଲ ପାର୍କ ଏବଂ ଆପାରାଲ ୟୁନିଟ୍ ଜରିଆରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ ବୋଲି କୁହାଯାଇଥିଲା। ଉକ୍ତ କନକ୍ଲେଭରେ ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର ଓ ଭଦ୍ରକରେ ଦୁଇଟି ଟେକ୍ସଟାଇଲ ଏବଂ ଫୁଟୱେର ପାର୍କ ଲୋକାର୍ପଣ ମଧ୍ୟ କରିଥିଲେ। ଇତିମଧ୍ୟରେ ଖୋର୍ଦ୍ଧା ଓ କଟକ ଜିଲାରେ ଏକାଧିକ ଟେକ୍ସଟାଇଲ ଏବଂ ଆପାରାଲ ୟୁନିଟ୍ ପ୍ରତିଷ୍ଠା ହୋଇଥିବା ଜଣାପଡିଛି। ଗତ ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ସୋନପୁର ଗସ୍ତରେ ଆସିଥିବା ବେଳେ ବଲାଙ୍ଗୀର ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିଶ୍ଚିତ ବୋଲି କହିଥିଲେ ମଧ୍ୟ କେବେ ସୁଦ୍ଧା ପ୍ରତିଷ୍ଠା ହେବ ସେନେଇ ନିର୍ଦ୍ଦିଷ୍ଟ ସମୟସୀମା କହି ନ ଥିଲେ। ଚଳିତମାସ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲା ଗସ୍ତରେ ଯାଇ ସେଠାରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କର ଶିଳାନ୍ୟାସ କରିଛନ୍ତି। ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ବରଗଡ, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରୁ ପ୍ରତିବର୍ଷ ଲକ୍ଷାଧିକ ଶ୍ରମିକ ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଉଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ଏହି ଅଞ୍ଚଳ ଅନଗ୍ରସର ରହିଛି। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ କପା, ଉପଯୁକ୍ତ ଭିତ୍ତିଭୂମି ଏବଂ ଦକ୍ଷ ମାନବ ସମ୍ବଳ ରହିଥିଲେ ସୁଦ୍ଧା ନିଯୁକ୍ତିଭିତ୍ତିକ ଟେକ୍ସଟାଇଲ କ୍ଲଷ୍ଟର ପ୍ରତିଷ୍ଠାରେ କାହିଁକି ବିଳମ୍ବ କରାଯାଉଛି ଜଣାପଡୁନାହିଁ। ଏ ନେଇ ନାନା ସନ୍ଦେହ ଉପୁଜୁଛି। ବଲାଙ୍ଗୀରରେ ଟେକ୍ସଟାଇଲ ପ୍ରକଳ୍ପ ପ୍ରତିଷ୍ଠା ନ ହେବା ନେଇ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ବଲାଙ୍ଗୀର ଜିଲାରୁ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଶାସକ ଓ ବିରୋଧୀ ଦଳର ବିଧାୟକ ରହିଛନ୍ତି। ଏହି ପ୍ରକଳ୍ପ ବିଳମ୍ବକୁ ନେଇ ସେମାନଙ୍କ ଆଭିମୁଖ୍ୟ କ'ଣ ରହିଛି ତାହା ଏବେ ଆଲୋଚନାର ବିଷୟ ହୋଇଛି।

# ପାଣି ପାଇଁ ରାଜପଥ ଅବରୋଧ

**ପରଜଙ୍ଗ,୧୭।୨ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବଡ଼ଝରା ଗ୍ରାମ ଦଳିତ ସାହିରେ ଲୋକମାନେ ଦୀର୍ଘ ୧୦ ଦିନ ହେଲା ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଅଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ କର୍ଣ୍ଣପାତ କରୁନାହାନ୍ତି କି ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ସକାଳେ ବଡ଼ଝରା ଗ୍ରାମ ନିକଟସ୍ଥ ୫୩ନଂ. ଜାତୀୟ ରାଜପଥକୁ ଶତାଧିକ ମହିଳା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପରଜଙ୍ଗ ବିଡିଓ ସୌଭାଗ୍ୟ ବେହେରା, ପୋଲିସ, ପାନୀୟଜଳ ☞ପୃଷ୍ଠା–୩

11001/20/2526

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର

### ସୂଚନା

ଦ୍ୱାଦଶ ଶ୍ରେଣୀ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଚଳିତ ବର୍ଷ ୧୮.୦୨.୨୦୨୬ ଠାରୁ ଆରମ୍ଭ ହେଉଛି । ଏଥିପାଇଁ ପରିଷଦ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ପରୀକ୍ଷାକୁ ସ୍ୱଚ୍ଛତା ଓ ନିରପେକ୍ଷତା ସହିତ ପରିଚାଳନା କରିବା ନିମନ୍ତେ ପରିଷଦ ସମସ୍ତ ପ୍ରକାର ବ୍ୟବସ୍ଥା କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସମେତ ସମସ୍ତ ସରକାରୀ ବିଭାଗ ସଦା ଜାଗ୍ରତ ଅଛନ୍ତି ଏବଂ ନିର୍ବିଘ୍ନରେ ପରୀକ୍ଷା ପରିଚାଳନା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ପରୀକ୍ଷା ସମୟରେ ସ୍ଥଳ ବିଶେଷରେ ବିଭ୍ରାନ୍ତିକର ମିଥ୍ୟା ଖବର ନଜରକୁ ଆସିଥାଏ । ପରୀକ୍ଷାର୍ଥୀ ଓ ଅଭିଭାବକମାନେ ସେଥିରେ ପ୍ରଭାବିତ ବା ବିଚଳିତ ନ ହେବାକୁ ପରାମର୍ଶ ଦିଆଯାଉଛି । ତତ୍‌ସହିତ ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାର ଗୁଜବ ରଟନା ନ କରିବାକୁ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କୁ ମଧ୍ୟ ସତର୍କ କରାଇଦିଆଯାଉଅଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପୁଣି ଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଉଛି ।

ମୃଣାଳକାନ୍ତି ଦାସ,
ଅଧ୍ୟକ୍ଷ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ,
ଓଡ଼ିଶା, ଭୁବନେଶ୍ୱର

OIPR-11001/11003/2/25-26/0001

# ୪୬ ପଇସା ପାଇଁ ୫ ହଜାର ତଣ୍ଡ

## ଚୁକ୍ତିଠାରୁ ଅଧିକ ମୂଲ୍ୟ ନେବା ମହଙ୍ଗା ପଡ଼ିଲା


**ଜଗତ୍‌ସିଂହପୁର, ୧୭।୨ (ପ୍ରମୋଦ କୁମାର ନାୟକ)**

ଚୁକ୍ତିଠାରୁ ଗ୍ରାହକଙ୍କ ପାଖରୁ ଅଧିକ ୪୬ ପଇସା ନେବା ଶୋ'ରୁମ୍ ମାଲିକଙ୍କ ପାଇଁ ମହଙ୍ଗା ପଡ଼ିଛି। ଖାଉଟି ବିବାଦ ପ୍ରତିକାର ଆୟୋଗ ତାଙ୍କୁ ୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ତଅଁରା ଗ୍ରାମରେ ଏହି ଘଟଣା ଘଟିଛି।

ଏହି ଗ୍ରାମର ରମେଶ ଚନ୍ଦ୍ର ରାଉତ(୪୭) ୨୦୨୪ରେ ସ୍ଥାନୀୟ ସେଣ୍ଟ୍ରାଲ ମାର୍କେଟ୍‌ସ୍ଥିତ କାଞ୍ଚନ ମୁରଲୀ ହୋଣ୍ଡାରେ ତାଙ୍କ ବାଇକ୍ ସାଇଲେନ୍ସର ବଦଳାଇଥିଲେ। କିନ୍ତୁ ହୋଣ୍ଡା ଶୋ'ରୁମ୍ ପକ୍ଷରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ନିଆଯାଇଥିବା ଅଭିଯୋଗ କରି ସ୍ଥାନୀୟ ଖାଉଟି ବିବାଦ ପ୍ରତିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାରକରି ଆୟୋଗ ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଦସ୍ୟା ମଧୁସ୍ମିତା ସ୍ୱାଇଁ କାଞ୍ଚନ ମୁରଲୀ ହୋଣ୍ଡା ଶୋ'ରୁମ୍‌କୁ ଚୁକ୍ତିଠାରୁ ଅଧିକ ନେଇଥିବା ୪,୨୭୯ ଟଙ୍କା ସହ ବିବାଦ ଖର୍ଚ୍ଚ ୧ ହଜାର ଦେବାକୁ କାଞ୍ଚନ ମୁରଲୀ ହୋଣ୍ଡା ପ୍ରୋପ୍ରାଇଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪୫ ଦିନ ଭିତରେ ଏହି ଟଙ୍କା ଦେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ରାଉତଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ରାଜ୍ୟ ଉପଭୋକ୍ତା ମହାସଂଘ (ଉପଭୋକ୍ତା ସୁରକ୍ଷା ଅଭିଯାନ, ଓଡ଼ିଶା) ସମ୍ପାଦକ ଗୋବିନ୍ଦ ଓଝା କହିଛନ୍ତି, ଅଭିଯୋଗ ଅନୁଯାୟୀ, ବାଇକ୍ (ନଂ. ଓଡି ୨୧ କେ–୯୭୩୪)ର ସାଇଲେନ୍ସର ବଦଳାଇବା ପାଇଁ ସେ ଉପରୋକ୍ତ ଶୋ'ରୁମ୍‌ରେ ୨୦୨୪ ଜୁଲାଇ ୭ରେ ପହଞ୍ଚିଥିଲେ। ଶୋ'ରୁମ୍ ପକ୍ଷରୁ ୮ ହଜାର ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିଲା। ଏହାପରେ ତାଙ୍କଠାରୁ ଅଗ୍ରିମ ୩ ହଜାର ନିଆଯାଇ ରସିଦ୍(ସଂଖ୍ୟା ୨୭୨୦୪) ଦିଆଯାଇଥିଲା। ୭ ଦିନ ମଧ୍ୟରେ ଆସି ସାଇଲେନ୍ସର ଲଗାଇ ନେବାକୁ ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ୭ ଦିନ ପରେ ସେ ବାରମ୍ବାର ହୋଣ୍ଡା ଶୋ'ରୁମ୍ ଯାଇ ନିରାଶ ହୋଇଥିଲେ। ୨୦୨୪ ଅଗଷ୍ଟ ୭ରେ ସାଇଲେନ୍ସର ଲଗାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। କିନ୍ତୁ ୮ ହଜାର ପରିବର୍ତ୍ତେ ୧୨,୨୭୮.୫୪ ଟଙ୍କାର ବିଲ୍ ଦିଆଯାଇଥିଲା, ଯେଉଁଥିରେ କି ଅଗ୍ରିମ ଦିଆଯାଇଥିବା ୩ ହଜାର ବାଦ୍ ଦେଇ ଅବଶିଷ୍ଟ ☞ପୃଷ୍ଠା–୩

## ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଫେବୃଆରୀ ୧୮ ତାରିଖ ଠାରୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ।

ସବୁ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ପରୀକ୍ଷା ପାଇଁ ଶୁଭକାମନା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-11001/11003/2/25-26/0002

11001/22/2526

## ବାର୍ତ୍ତା

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମ ନିମନ୍ତେ ଫେବୃଆରୀ ୧୮ ତାରିଖରୁ ମାର୍ଚ୍ଚ ୨୮ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ସେମାନଙ୍କର ସଫଳତା କାମନା କରୁଛି । ଚାପମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ । ପରିଶ୍ରମ ଓ ଆତ୍ମବିଶ୍ୱାସ ତୁମମାନଙ୍କୁ ସଫଳତା ଆଣିଦେବ । ପରୀକ୍ଷାର ସମସ୍ତ ବାଧାକୁ ଦୂର କରି କଠିନ ଅଧ୍ୟବସାୟ ବଳରେ ତୁମେମାନେ ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଏହି ଶୁଭ ମୁହୂର୍ତ୍ତରେ ପରୀକ୍ଷା ପରିଚାଳନା ନିମନ୍ତେ ସମ୍ପୃକ୍ତ ସମସ୍ତ ପଦାଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ଜିଲ୍ଲା ପ୍ରଶାସନ ଓ ପୋଲିସର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

# ମ୍ୟୁଲ୍ ଆକାଉଣ୍ଟ ଜରିଆରେ ୫୮ ଲକ୍ଷ ଠକେଇ



ଗିରଫ ୪ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

■ ଧରାପଡ଼ିଲେ ୪ ସାଇବର ଅପରାଧୀ

■ ବିଭିନ୍ନ ବ୍ୟାଙ୍କର ଚେକ୍, ପାସ୍‌ବୁକ୍, ଏଟିଏମ୍ କାର୍ଡ ଓ ଦାମୀ କାର୍ ଜବତ

ବାଲେଶ୍ୱର,୧୭।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସାଇବର ଥାନା ପୋଲିସ ମଙ୍ଗଳବାର ଏକ ବଡ଼ ଧରଣର ଠକେଇର ପର୍ଦ୍ଦାଫାଶ କରିଛି। ମ୍ୟୁଲ(ଅନ୍ୟଜଣଙ୍କ ନାଁରେ ଆକାଉଣ୍ଟ ଖୋଲି ବେଆଇନ ଭାବେ ଆର୍ଥିକ ପରିଚାଳନା) ଆକାଉଣ୍ଟ ଜରିଆରେ ୫୮ ଲକ୍ଷର ସାଇବର ଠକେଇ ହୋଇଛି। ଏହି ଘଟଣାରେ ସାଇବର ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୪୯ଟି ଚେକ୍, ୧୪୭ଟି ଏଟିଏମ୍ କାର୍ଡ, ୪ଟି ବ୍ୟାଙ୍କ ପାସ୍‌ବୁକ୍, ଗୋଟିଏ ଦାମୀ କାର୍ ଓ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଗାୟତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ନିରୀହ ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସମ୍ପୃକ୍ତ ଆକାଉଣ୍ଟକୁ ପରିଚାଳନା କରୁଥିଲେ। ଏସବୁ ଆକାଉଣ୍ଟ ଜରିଆରେ ବିଭିନ୍ନ ଲୋକଙ୍କଠାରୁ ୫୮ ଲକ୍ଷ ଟଙ୍କା ସାଇବର ଠକେଇ କରିଥିଲେ। ଅଭିଯୁକ୍ତମାନଙ୍କୁ ସାଇବର ଥାନା ପୋଲିସ ଖନ୍ତାପଡ଼ା ଅଞ୍ଚଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖନ୍ତାପଡ଼ା ଅଞ୍ଚଳର ଗୌତମ କୁମାର ଦାସ, ରବୀନ୍ଦ୍ର କୁମାର ମାଝି, କାର୍ତ୍ତିକ ସିଂ ଓ ଦୀନକୃଷ୍ଣ ବେହେରା। ଏନେଇ ବାଲେଶ୍ୱର ସାଇବର ଥାନାରେ ମାମଲା (ନଂ. ୧୨/୨୬) ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଏକ ବଡ଼ ର୍ୟାକେଟ୍ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଧାନ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାଇବର ଥାନା ଆଇଆଇସି ମୀନା ବିନ୍ଧାଣୀ ଉପସ୍ଥିତ ଥିଲେ।

# ୨୭ ସିମ୍‌କାର୍ଡ ଜବତ, ଅଭିଯୁକ୍ତ ଗିରଫ

ଲଖନପୁର, ୧୭।୨(ଗୌତମ ସାହୁ)

ବେଆଇନ ଭାବେ ସିମ୍‌କାର୍ଡ ବିକ୍ରି କରିବା ଘଟଣାରେ ଝାରସୁଗୁଡ଼ା ଜିଲା ରେଙ୍ଗାଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ରେଙ୍ଗାଲି ଥାନା ଅଧୀନ କୁଡାବଗା ଗ୍ରାମର ପୁରୁଷୋତ୍ତମ ଗଡ଼ିଆ। ତାଙ୍କ ନିକଟରୁ ୨୭ଟି ସିମ୍‌କାର୍ଡ, ଏକ ବାୟୋମେଟ୍ରିକ ଡିଭାଇସ ଏବଂ ୩ଟି ମୋବାଇଲ ଜବତ କରାଯାଇଥିବା ନେଇ ମଙ୍ଗଳବାର ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ୪୯ ନମ୍ବର ଜାତୀୟ ରାଜପଥର ଗୋବିନ୍ଦପୁର ଛକରେ ଥିବା ଏକ ମୋବାଇଲ ଦୋକାନରେ ବେଆଇନ ଭାବେ ଆକ୍ଟିଭ ସିମ୍ ବିକ୍ରି ହେଉଥିଲା। ଖବରପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଉକ୍ତ ଦୋକାନ ପକ୍ଷରୁ ଆକ୍ଟିଭ କରାଯାଇଥିବା ଏକ ସିମ୍‌କାର୍ଡ ସାଇବର ଠକେଇ ମାମଲାରେ ବ୍ୟବହାର କରାଯାଇଥିବା ନେଇ ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା। ଏହି ସିମ୍‌କାର୍ଡ ଦ୍ୱାରା ପ୍ରାୟ ୧୪ ଲକ୍ଷ ୯୯ ହଜାର ୬୦୦ ଟଙ୍କା ଠକେଇ ହୋଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ହୋଇପାରିଲାନି ଚାର୍ଜଫ୍ରେମ୍, ୨୪ରେ ପରବର୍ତ୍ତୀ ଶୁଣାଣି


## ପୀତବାସ ପଣ୍ଡା ହତ୍ୟା ମାମଲା

### ପୁଣି ଏମ୍‌କେସିଜି ମେଡିକାଲ୍‌ରେ ଭର୍ତ୍ତିହେଲେ ବିକ୍ରମ

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାର ବିଚାର ବ୍ରହ୍ମପୁରସ୍ଥିତ ଅତିରିକ୍ତ ଜିଲାଜଜ୍-୩ଙ୍କ କୋର୍ଟରେ ଚାଲିଛି। ଅଭିଯୁକ୍ତ ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଅସୁସ୍ଥତା ଏବଂ ପୋଲିସ ପକ୍ଷରୁ ଦାଖଲ ସିଡିର ଡକ୍ୟୁମେଣ୍ଟକୁ ନେଇ ଏକାଧିକ ପିଟିଶନ ଦାଖଲ ହୋଇଥିବାରୁ ମଙ୍ଗଳବାର କୋର୍ଟରେ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇପାରିନାହିଁ। ସେହିପରି ୫ଜଣ ଅଭିଯୁକ୍ତଙ୍କ ପକ୍ଷରୁ ଦାଖଲ ଜାମିନ ପିଟିଶନର ମଧ୍ୟ ଶୁଣାଣି ହୋଇପାରିନାହିଁ। ଆସନ୍ତା ୨୪ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପିପି କାଳୀଚରଣ ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ମଙ୍ଗଳବାର ରାତିରେ ବିକ୍ରମ ପୁଣି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ଅସୁସ୍ଥତା କାରଣରୁ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କୁ ସୋମବାର ଜୋର୍‌ଜବରଦସ୍ତି ଡିସ୍‌ଚାର୍ଜ କରି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ମେଡିକାଲ କର୍ତ୍ତୃପକ୍ଷ, ପୋଲିସ ଓ ଜେଲ ପ୍ରଶାସନ ବିକ୍ରମଙ୍କୁ ଏମ୍‌କେସିଜିରୁ ଜୋର ଜବରଦସ୍ତି ଡିସଚାର୍ଜ କରି ଜେଲକୁ ନେଇଯାଇଥିବା କୁହାଯାଇଥିଲା। ବିକ୍ରମ ଅପରେଶନ ପାଇଁ ପ୍ରସ୍ତୁତ ଥିଲେ ବି ତାଙ୍କୁ ଡିସଚାର୍ଜ କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ଜେଲ ଭିତରେ ଥିବା ବିକ୍ରମଙ୍କୁ ଭୁବନେଶ୍ୱରର କୌଣସି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଅନୁମତି ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯାଇଥିଲା। ଏହା ଜାଣିବା ପରେ ଜଜ୍ ଉକ୍ତ ପିଟିଶନକୁ ଗ୍ରହଣ କରି ଜେଲ ଭିତରକୁ ଯାଇ ଅପରେଶନ ପାଇଁ ବିକ୍ରମଙ୍କ ସହମତିପତ୍ର ଆଣିବାକୁ ଓକିଲ ଦୀପକ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ପୀତବାସ ହତ୍ୟା ମାମଲାର ତଦନ୍ତ ବେଳେ ଯେଉଁ କାଗଜପତ୍ର ଓ ସାମଗ୍ରୀ ଜବତ ହୋଇଥିଲା ତାହାର ଠିକ ଡକ୍ୟୁମେଣ୍ଟ କୋର୍ଟରେ ପୋଲିସ ଦାଖଲ କରିନାହିଁ। ତେଣୁ ସେଗୁଡ଼ିକ ଠିକ ଭାବେ ପ୍ରଦାନ ପାଇଁ ଏକ ପିଟିଶନ ଦାଖଲ କରାଯାଇଥିଲା ବୋଲି ଆଇନଜୀବୀ ପଟ୍ଟନାୟକ କହିଛନ୍ତି। ସେହି ପିଟିଶନର ଶୁଣାଣି କରି ଆସନ୍ତା ୨୪ ତାରିଖ ମଧ୍ୟରେ ପ୍ରତିପକ୍ଷଙ୍କୁ ଠିକ୍ ଡକ୍ୟୁମେଣ୍ଟ ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ସେହିକ୍ରମରେ ମାମଲାରେ ଅଭିଯୁକ୍ତ ଥିବା ୫ ଜଣ ଯଥା ସୁନୀଲ ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ଶିଶୁପାଳ ପାଣ୍ଡୀନଙ୍କ ଜାମିନ ଶୁଣାଣି ହୋଇପାରି ନଥିଲା। ମଙ୍ଗଳବାର ଶୁଣାଣି ବେଳେ ଜେଲରେ ଥିବା ସମସ୍ତ ଅଭିଯୁକ୍ତ ଆଭାସୀରେ ଯୋଗ ଦେଇଥିଲେ। ବିକ୍ରମ ଜେଲ ଭିତରେ ଥିବା ମେଡିକାଲରେ ଚିକିତ୍ସାଧୀନ ଥିବାରୁ ତାଙ୍କୁ ଆଭାସୀରେ ହାଜର କରାଯାଇ ନ ଥିଲା।



ବିକ୍ରମ ପଣ୍ଡା

# ପୋଲିସକୁ ଚକ୍‌ମା ଦେଇ ଖସିଗଲେ ଅଭିଯୁକ୍ତ, ୨ କନ୍‌ଷ୍ଟେବଲ ନିଲମ୍ବିତ

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ଉଠାଇ ନେଇଥିଲା ପୋଲିସ

ଭଦ୍ରକ,୧୭।୨(ସନାତନ ରାଉତ)

ଭଦ୍ରକ ଜିଲା ଚରମ୍ପାସ୍ଥିତ ରିଜର୍ଭ ପୋଲିସ ବାରାକ୍‌ଠାରେ ମଙ୍ଗଳବାର ସକାଳେ ପୋଲିସକୁ ଚକ୍‌ମା ଦେଇ ଜଣେ ଅଭିଯୁକ୍ତ ଖସିଯାଇଛନ୍ତି। ଏହି ଘଟଣାକୁ ନେଇ ଟାଉନ ଥାନା କନ୍‌ଷ୍ଟେବଲ କମଳାକାନ୍ତ ସିଂ ଓ ରିଜର୍ଭ ବାରାକ୍‌ର କନ୍‌ଷ୍ଟେବଲ ରମାକାନ୍ତ ବେହେରାଙ୍କୁ ଏସ୍‌ପି ମନୋଜ ରାଉତ ନିଲମ୍ବନ କରିଛନ୍ତି। ସୂଚନା ଅନୁଯାୟୀ, ୪ ଦିନ ତଳେ ଭଦ୍ରକ କଲେଜ ପଡ଼ିଆରେ ୨ଜଣ ଯୁବତୀଙ୍କୁ କାର୍‌ରେ ଯାଉଥିବା ଭଦ୍ରକ ନାଥସାହିର କେତେଜଣ ଯୁବକ କମେଣ୍ଟ ମାରିଥିଲେ। ସେମାନଙ୍କୁ ଫେରିବା ବାଟରେ ଅଟକାଇ ଭଦ୍ରକ ଜଗନ୍ନାଥପୁରର ଦୀପକ ଡାକୁଆ ଓ ତାଙ୍କ ସହଯୋଗୀମାନେ ପଚାରିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ସହ ହାତାହାତି ହୋଇଥିଲା। ଟାଉନ ପୋଲିସ ପହଞ୍ଚି ମାମଲା ରଫାଦଫା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୀପକ ଏକ ପାର୍ଲରରେ ବସିଥିବା ବେଳେ କିଛି ସମୟ ପରେ ସେହି କାର୍‌ରେ ଯୁବକମାନେ ପୁନର୍ବାର ଆସି ତାଙ୍କୁ ଆକ୍ରମଣ କରିବା ସହ ଗାଡ଼ିରେ ଉଠାଇ ନେଇଥିଲେ। କାର୍‌ରେ ନେବା ବେଳେ ତାଙ୍କୁ ମାଡ଼ ମାରିବା ସହ ନାଥସାହି ପେଟ୍ରୋଲ ପମ୍ପ ନିକଟ ବିଲକୁ ନେଇ ନିର୍ଘାତ ମାଡ଼ ମାରିଥିଲେ ବୋଲି ଦୀପକ କହିଛନ୍ତି। ଜଣେ ବ୍ୟକ୍ତି ତାଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରି ଏକ ସ୍କୁଟି ଯୋଗେ ସେହି ସ୍ଥାନରୁ ପଠାଇ ଦେଇଥିଲେ। ପରେ ପରିବାର ଲୋକ ଦୀପକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଦୀପକଙ୍କ ମା' ସୁଲୋଚନା ଡାକୁଆଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୧୨୩/୨୬) ରୁଜୁ ହୋଇଛି। ପୋଲିସ ଘଟଣା ଦିନ ନାଥସାହିର ଆଶିଷ ନାଥଙ୍କୁ ଗିରଫ କରିଥିବା ବେଳେ ସୋମବାର ରାତିରେ ସ୍ମୃତିରଞ୍ଜନ ନାଥଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ବିଷୟରେ ପଚରାଉଚରା କରିବା ପାଇଁ ସ୍ମୃତିରଞ୍ଜନଙ୍କୁ ସକାଳେ ଚରମ୍ପାସ୍ଥିତ ରିଜର୍ଭ ପୋଲିସ ବାରାକ୍‌କୁ ନିଆଯାଇଥିଲା। ତାଙ୍କୁ ୨ କନ୍‌ଷ୍ଟେବଲ ଜଗିଥିବା ବେଳେ ସେ କୌଶଳକ୍ରମେ ଖସି ଯାଇଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ସ୍ୱାମୀ ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବାରିପଦା,୧୭।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଖଡ଼ିଆଶୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ସ୍ୱାମୀ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବୁଧ ଦେହୁରୀ(୪୩)। ପୋଲିସ ଅଭିଯୁକ୍ତ ସ୍ୱାମୀ ସୁକାନ୍ତ ଦେହୁରୀଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା (ନଂ.୫୭/୨୬) ରୁଜୁହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ସୋମବାର ରାତିରେ କୌଣସି କାରଣକୁ ନେଇ ସ୍ତ୍ରୀ,ସ୍ୱାମୀଙ୍କ ମଧ୍ୟ ରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ସୁକାନ୍ତ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ବୁଧଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ପଡ଼ୋଶୀ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

# ଲୁହାପଥର ବୋଝେଇ ଟ୍ରକ୍ ଜବତ, ଜଣେ ଗିରଫ

ଯୋଡ଼ା,୧୭।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ପଳଶା ସଂରକ୍ଷିତ ଜଙ୍ଗଲରେ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ଚଢ଼ାଉ କରିଛି। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଲୋଡର ମେଶିନ, ଲୁହାପଥର ବୋଝେଇ ଟ୍ରକ୍, ସ୍କର୍ପିଓ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋଚୁପାଲି ଗ୍ରାମର ଲୋଡର ମାଲିକ ମହେନ୍ଦ୍ର ବେହେରା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ପଳଶା ସଂରକ୍ଷିତ ଜଙ୍ଗଲରେ ଖଣିଜ ଚୋରମାନେ ଏକ ୧୬ ଚକିଆ ଟ୍ରକ୍‌ରେ ଲୋଡର ମେଶିନ ସହାୟତାରେ ଲମ୍ପସ ଲୁହାପଥର ବୋଝେଇ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସଦଳବଳ ଚଢ଼ାଉ କରିଥିଲା। ଏକ ଟ୍ରକ୍ (ନଂ. ୟୁପି ୪୪ ବିଟି ୨୯୪୧), ସ୍କର୍ପିଓ (ନଂ. ଓଡି ୦୯ ଭି ୨୦୫୮) ଓ ଲୋଡର ମେଶିନ (ନଂ. ଓଡି ୦୯ ଇ ୧୪୧୦)କୁ ଜବତ କରିଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଲୋଡର ମାଲିକଙ୍କୁ ଗିରଫ କରିଥିଲା। ଟ୍ରକ୍‌ରେ ପ୍ରାୟ ୩୬ ମେଟ୍ରିକ ଟନ୍ ଉନ୍ନତମାନର ଲୁହାପଥର ବୋଝେଇ ହୋଇଥିଲା। ଚୋରା କାରବାରରେ ଏକାଧିକ ଖଣିଜ ଚୋରା ବ୍ୟବସାୟୀ ସମ୍ପୃକ୍ତ ଥିବା ପୋଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବାମେବାରି ଥାନା ଆଇଆଇସି ଯସକେତନ ଭୋଇ ସୂଚନା ଦେଇଛନ୍ତି। ତେବେ ପ୍ରଥମ ଥର ପୋଲିସ ଅନୁସନ୍ଧାନ କରି ଚୋରା କାରବାରରେ ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ଗିରଫ କରିଥିବାରୁ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଘଟଣା ପରେ ଗାଡ଼ି ମାଲିକଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ଏ ନେଇ ବାମେବାରି ଥାନାରେ ଏକ ମାମଲା(ନଂ.୩୬/୨୦୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।




ଜବତ ଟ୍ରକ।

BUSINESS

# ଏଆଇ ଇମ୍ପାକ୍ଟ ସମିଟ୍‌ରେ ଓଡ଼ିଶା ପାଭିଲିୟନ

## ଭାରତ ଏଆଇ ଇମ୍ପାକ୍ଟ ସମିଟ୍

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ନୂଆଦିଲ୍ଲୀର ଭାରତମଣ୍ଡପମଠାରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ୨୦୨୬'ରେ ଏକ ସ୍ୱତନ୍ତ୍ର'ଓଡ଼ିଶା ପାଭିଲିୟନ' ମାଧ୍ୟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ନିଜର ଦୂରଦୃଷ୍ଟି ଓ ପ୍ରସ୍ତୁତି ପ୍ରଦର୍ଶନ କରୁଛି। ଓଡ଼ିଶା ପାଭିଲିୟନ ରାଜ୍ୟର 'ଓଡ଼ିଶା – ଏଆଇ ଟୁ ଇମ୍ପାକ୍ଟ' ଆଭିମୁଖ୍ୟକ ଉପସ୍ଥାପନ କରୁଛି। ଏଥିରେ ଓଡ଼ିଶା ପ୍ରଶାସନ, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ସହରାଞ୍ଚଳ ଭିତ୍ତିଭୂମି କ୍ଷେତ୍ରରେ ଏଆଇର ବାସ୍ତବିକ ପ୍ରୟୋଗ କରୁଛି, ତାହା ପ୍ରଦର୍ଶିତ ହେଉଛି। ଏହା ଏକ ସୁସଂଗଠିତ କାର୍ଯ୍ୟକାରୀ ମଡେଲ ଏବଂ ସାଂସ୍ଥାନିକ ଦକ୍ଷତା ଦ୍ୱାରା ପରିଚାଳିତ। ଏହି ଶିଖର ସମ୍ମିଳନୀର ଏକ ପ୍ରମୁଖ ଆକର୍ଷଣ ହେଉଛି 'ସର୍ବମ' ସହ ଓଡ଼ିଶାର ରଣନୈତିକ ସହଭାଗିତା। ଏହା ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷମତା ବିକଶିତ କରିବା, ବ୍ୟାପକ ସ୍ତରରେ ଓଡ଼ିଆ ଭାଷାଭିତ୍ତିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗକୁ ସକ୍ଷମ କରିବା ଏବଂ ଉନ୍ନତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭିତ୍ତିଭୂମି ଓ କ୍ଷେତ୍ରରେ ଦୀର୍ଘକାଳୀନ ଲକ୍ଷ୍ୟ ସହ ଓଡ଼ିଶାକୁ ଏକ ଉଦୀୟମାନ ଏଆଇ ହବ୍‌ଭାବରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟର ସଂକଳ୍ପକୁ ପ୍ରତିଫଳିତ କରୁଛି। ଏହି ପାଭିଲିୟନରେ ୧୦ରୁ ଅଧିକ ଇନୋଭେଶନ ଷ୍ଟାର୍ଟଅପ ଏବଂ ଇକୋସିଷ୍ଟମ ସଂସ୍ଥା ପ୍ରଦର୍ଶିତ ହେଉଛି, ଯେଉଁଥିରେ ଆପ୍ଲାଏଡ୍ ଏଆଇ ଷ୍ଟାର୍ଟଅପ, ଗବେଷଣା ପ୍ରତିଷ୍ଠାନ, ଟେକ୍ନୋଲୋଜି ପାର୍ଟନର ଏବଂ ସରକାରୀ ଏଆଇ ପଦକ୍ଷେପର ମିଶ୍ରଣ ରହିଛି।




# ଦକ୍ଷିଣ-ପୂର୍ବ ରେଳପଥ ପାଳିଲା ୭୦ତମ ରେଳ ସପ୍ତାହ

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ରେଳପଥ କୋଲକାତାସ୍ଥିତ ମୁଖ୍ୟାଳୟ ଗାର୍ଡେନ ରିଚ୍‌ରେ ୭୦ତମ ରେଳ ସପ୍ତାହ ତଥା ବିଶିଷ୍ଟ ରେଳ ସେବା ପୁରସ୍କାର ଉତ୍ସବ ପାଳନ କରିଛି। ଦକ୍ଷିଣ-ପୂର୍ବ ରେଳପଥର ମହାପରିଚାଳକ ଅନିଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅତିରିକ୍ତ ମହାପରିଚାଳକ ସୌମିତ୍ର ମଜୁମଦାର, ବରିଷ୍ଠ ଉପ ମହାପରିଚାଳକ ସୁରିନ୍ଦର ପାଲଙ୍କ ସମେତ ସମସ୍ତ ପ୍ରଧାନ ବିଭାଗୀୟ ମୁଖ୍ୟ ଏବଂ ୪ ଡିଭିଜନର ଡିଭିଜନାଲ ରେଳ ପରିଚାଳକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୪-୨୫ ବର୍ଷରେ ବିଶିଷ୍ଟ ସେବା ଓ କର୍ତ୍ତବ୍ୟନିଷ୍ଠା ପାଇଁ ୮୧ଜଣ ନିର୍ବାଚିତ ରେଳ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ୩୫ଜଣ ରେଳ କର୍ମଚାରୀଙ୍କୁ ରେଳ ସେବା ପୁରସ୍କାର-୨୦୨୪ ଏବଂ ୩୭ଜଣଙ୍କୁ ରେଳ ସେବା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମଗ୍ର ଦକ୍ଷତା ଶିଲ୍ଡ ସର୍ବୋତ୍ତମ ସର୍ବାଙ୍ଗୀନ ପ୍ରଦର୍ଶନ ପାଇଁ ଆଦ୍ରା ଡିଭିଜନକୁ ପ୍ରଦାନ କରାଯାଇଥିଲା। ଅନ୍ୟ ବିଭିନ୍ନ ବର୍ଗରେ ମଧ୍ୟ ଡିଭିଜନ ଓ ୱାର୍କଶପଗୁଡ଼ିକୁ ଦକ୍ଷତା ଶିଲ୍ଡ ପ୍ରଦାନ କରାଯାଇଥିଲା। ମୋଟ ୩୩ଟି ଦକ୍ଷତା ଶିଲ୍ଡ ବିଭିନ୍ନ ଡିଭିଜନ ଓ ୟୁନିଟ୍‌କୁ ଦିଆଯାଇଛି। ଟାଟାନଗର ରେଳଷ୍ଟେଶନକୁ ସର୍ବୋତ୍ତମ ରକ୍ଷଣାବେକ୍ଷଣ ଷ୍ଟେଶନ ଭାବରେ ମନୋନୀତ କରାଯାଇଛି। ସୂଚନା ଥାଉକି, ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜାନୁଆରୀ ପର୍ଯ୍ୟନ୍ତ ଦକ୍ଷିଣ-ପୂର୍ବ ରେଳପଥ ୧୭୧ ମିଲିୟନ ଟନ ଭଣ୍ଡାର ଲୋଡିଂ ହାସଲ କରିଛି ଏବଂ ଏହି ସମୟରେ ଆୟ ୧୫,୭୦୮ କୋଟି ରହିଛି। ଏହି ଅବଧିରେ ଦକ୍ଷିଣ-ପୂର୍ବ ରେଳପଥ ପ୍ରାୟ ୧୮.୬ କୋଟି ଯାତ୍ରୀ ବହନ କରିଛି ଏବଂ ପ୍ରାରମ୍ଭିକ ଯାତ୍ରୀ ଭଡ଼ା ଆୟ ୨,୪୭୪ କୋଟି ଟଙ୍କା ହୋଇଛି।




# ଏଲ୍‌ପିୟୁର ୧୫ ଅତ୍ୟାଧୁନିକ ଏଆଇ ଉଦ୍ଭାବନ ପ୍ରଦର୍ଶିତ



ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ଲଭ୍‌ଲି ପ୍ରୋଫେସନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ର ଛାତ୍ର ଓ ଗବେଷଣା ଦଳ ଦ୍ୱାରା ବିକଶିତ ୧୫ଟି ଏଆଇ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷା, କୃଷି, ରୋବୋଟିକ୍ସ, ଏଣ୍ଟରପ୍ରାଇଜ ଟେକ୍ନୋଲୋଜି, ଆକ୍ସେସିବିଲିଟି ଏବଂ ସ୍ୱାସ୍ଥ୍ୟ ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟବହାରିକ ପ୍ରୟୋଗ ଉପରେ କେନ୍ଦ୍ରୀଭୂତ। ଏଲ୍‌ପିୟୁର ଛାତ୍ରମାନେ ହାର୍ଡୱେର୍ ଡିଜାଇନ, ଏଣ୍ଟରପ୍ରାଇଜ ପ୍ଲାଟ୍‌ଫର୍ମ, ଡିଜିଟାଲ ସହଯୋଗ ଏବଂ ସହାୟକ ଟେକ୍ନୋଲୋଜି ଭଳି କ୍ଷେତ୍ରରେ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ଏହା ମଧ୍ୟରେ ରହିଛି ଦି ଆପ୍ଲିକେବଲ – ଏକ ବ୍ରାଉଜର୍ ଆଧାରିତ ଇଲେକ୍ଟ୍ରୋନିକ୍ସ ଡେଭେଲପମେଣ୍ଟ ପ୍ଲାଟ୍‌ଫର୍ମ, ଜେନୋମା ସ୍ପେସ୍- ନୋ-କୋଡ୍ ଏବଂ ପ୍ରୋ-କୋଡ୍ ୱର୍କଫ୍ଲୋ ସମର୍ଥିତ ଏଆଇ ମଡେଲ ବିଲ୍ଡିଂ ପରିବେଶ, ଏକ୍ସାନର୍- ଆର୍ଥିକ ଏବଂ ଆନାଲିଟିକ୍ସ ଏକୀକରଣ କରିଥିବା ଏଆଇ ଆଧାରିତ ବ୍ୟବସାୟ ପରିଚାଳନା ସମାଧାନ ଏବଂ ମ୍ୟାକ୍ସିଜ – ଶିକ୍ଷାଗତ ସହଯୋଗ ଏବଂ ଛାତ୍ର ସମୁଦାୟକୁ ସମର୍ଥନ କରୁଥିବା ଡିଜିଟାଲ ପ୍ଲାଟ୍‌ଫର୍ମ। ଏଲ୍‌ପିୟୁର ପ୍ରତିଷ୍ଠାତା ଚାନ୍ସେଲର ଡ. ଅଶୋକ କୁମାର ମିତ୍ତଲ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କେବଳ ଆର୍ଥିକ ବୃଦ୍ଧି ନୁହେଁ, ସମାନତା ଏବଂ ସ୍ଥାୟିତ୍ୱରେ ମଧ୍ୟ ଯୋଗଦାନ କରିବା ଉଚିତ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ଭଳି ପ୍ଲାଟ୍‌ଫର୍ମ ଗବେଷକ ଏବଂ ଛାତ୍ର ଉଦ୍ଭାବକମାନଙ୍କ ପାଇଁ ସହଯୋଗ ଏବଂ ବିଶ୍ୱସ୍ତରୀୟ ଏକ୍ସପୋଜର ପ୍ରଦାନ କରୁଛି।

# ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ଫ୍ରିଡମ ଷ୍ଟଲ୍

ଭୁବନେଶ୍ୱର,୧୭।୨ (ଅନୁରାଧା ମହାରଣା)

ଭୁବନେଶରସ୍ଥିତ ଜନତା ମଇଦାନରେ ଚାଲିଥିବା ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ଫ୍ରିଡମ ଷ୍ଟଲ୍‌ରେ ପ୍ରବଳ ଜନଗହଳି ଦେଖିବାକୁ ମିଳୁଛି। ପ୍ରତ୍ୟେକ ଫ୍ରିଡମ ତେଲ କମ୍ବୋ ଅଫର ଆକର୍ଷଣୀୟ ଦରରେ ମିଳୁଥିବା ବେଳେ ୫ ଲିଟର ସନ୍‌ଫ୍ଲାୱାର ଜାର୍ ଉପରେ ଦେଢ଼ଶହ ଗ୍ରାମର ମେଶ୍ୱାକ୍ ଟୁଥ୍‌ପେଷ୍ଟ ମାଗଣା ରହିଥିବା ବେଳେ ୫ଲିଟର ରାଇସ୍‌ବ୍ରାନ୍ ତେଲ କିଣିଲେ ଗୋଟିଏ ବାଲ୍ଟି ମାଗଣା ରହିଛି। ଏଥିସହ ସୋରିଷ ତେଲର ରିୟୁଜଏବଲ ଜାର୍ ଉପଲବ୍ଧ ରହିଛି ବୋଲି ଫ୍ରିଡମ ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଏହି ଷ୍ଟଲ୍ ପରିଚାଳନା ଦାୟିତ୍ୱରେ ଅଶୋକ କୁମାର ସାହୁ, ସୌମ୍ୟରଞ୍ଜନ ନାୟକ, ଜୀବନେଶ୍ୱର ବେହେରା ପ୍ରମୁଖ ରହିଛନ୍ତି।




# ୩,୦୦୦ ଛାତ୍ରଙ୍କ ସହ ଆଲୋଚନାକଲେ ଅଶ୍ୱିନୀ

ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ଯୁବଏଆଇ ହ୍ୟାକାଥନରେ ଅଂଶଗ୍ରହଣ କରିଥିବା ୩,୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ସହ ରେଳପଥ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋଚନା କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରମାନେ ଡୋମେନ-ଆଧାରିତ ଏବଂ ସ୍ଥାନୀୟ ଭାଷାରେ ଏଆଇ ଆଧାରିତ ସମାଧାନ ପ୍ରଦର୍ଶନ କରିଛନ୍ତି। ଏହି ଆଲୋଚନା ସମୟରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏକ ଶକ୍ତିଶାଳୀ ଉପକରଣ ଯାହା ସମସ୍ତେ ବ୍ୟବହାର କରିପାରିବେ। ଏହା ଦୈନନ୍ଦିନ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ବ୍ୟକ୍ତିଗତ ତଥା ସମୁଦାୟଗତ ଆବଶ୍ୟକତା ଅନୁଯାୟୀ ସମାଧାନ ସୃଷ୍ଟି କରିବାରେ ସାହାଯ୍ୟ କରିପାରିବ। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି , ଏହି ସମିଟ୍ ବିଶ୍ୱସ୍ତରରେ ବ୍ୟାପକ ଆଗ୍ରହ ଆକର୍ଷଣ କରିଛି। ଏହାର ପ୍ରାୟ ୧୭ ବିଲିୟନ ଡଲାରର ଭେଞ୍ଚର କ୍ୟାପିଟାଲ ଫଣ୍ଡିଂ ଏବଂ ୨୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ଇନ୍‌ଫ୍ରାଷ୍ଟ୍ରକ୍ଚର ନିବେଶର ପ୍ରତିଶ୍ରୁତି ପ୍ରକାଶ ପାଇଛି। ଏହା ଭାରତର ଏଆଇ ଇକୋସିଷ୍ଟମ ପ୍ରତି ବିଶ୍ୱର ଉଚ୍ଚସ୍ତରୀୟ ଆଗ୍ରହକୁ ପ୍ରତିଫଳିତ କରୁଛି। ଦେଶରେ ବିଶ୍ୱର ସବୁଠାରୁ ବଡ଼ ଏଆଇ ସମିଟ୍ ଆୟୋଜନ କରାଯିବା ଭାରତର ବିଶ୍ୱସ୍ତରୀୟ ଏଆଇ ଆନ୍ଦୋଳନରେ ବଢୁଥିବା ପ୍ରତିଷ୍ଠାକୁ ପ୍ରମାଣ କରୁଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଡିଜିଟାଲ ଠକଙ୍କ ଟାର୍ଗେଟରେ ବରିଷ୍ଠ ନାଗରିକ

## ଡିଜିଟାଲ ପେମେଣ୍ଟ ସୁରକ୍ଷା ପାଇଁ ସତର୍କକଲା ଏନ୍‌ପିସିଆଇ

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ଡିଜିଟାଲ ପେମେଣ୍ଟ ବରିଷ୍ଠ ନାଗରିକମାନଙ୍କ ନିତିଦିନିଆ ଜୀବନରେ ପରିବର୍ତ୍ତନ ଆଣିଛି। ଗ୍ରୋସେରି, ଔଷଧ କିଣିବା ଓ ଯାତାୟାତ ବୁକିଂକୁ ସହଜ କରିଛି। ନଗଦ ଟଙ୍କା ନେବାକୁ ପଡୁ ନ ଥିବାରୁ ଏହା ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରୁଥିବା ବେଳେ ଚୋରିର ଆଶଙ୍କା କମ୍ କରିଛି। ପ୍ରତିଟି ପେମେଣ୍ଟର ତଥ୍ୟ ରହୁଛି। ତେବେ ଡିଜିଟାଲ ପେମେଣ୍ଟ ବଢ଼ିବା ସହ ଡିଜିଟାଲ ଠକମାନେ ଠକେଇ କରିବାକୁ ଉଦ୍ୟମ କରୁଛି। ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଉପାୟରେ ଟାର୍ଗେଟ କରାଯାଉଛି। ଠକମାନେ ଆପଣାଇଥିବା ଏକ ପ୍ରମୁଖ ପଦ୍ଧତି ହେଉଛି ଡିଜିଟାଲ ଆରେଷ୍ଟ ଯେଉଁଥିରେ ମିଛ ମାମଲାରେ ଫସାଇ ଓ ଚାପଗ୍ରସ୍ତକରି ବରିଷ୍ଠ ନାଗରିକମାନଙ୍କଠାରୁ ଗୋପନୀୟ ବ୍ୟକ୍ତିଗତ ତଥ୍ୟ ହାସଲ କରିବାକୁ ଉଦ୍ୟମ କରାଯାଉଛି। ଏଭଳି ପରିସ୍ଥିତିରେ ଏନ୍‌ପିସିଆଇ ବରିଷ୍ଠ ନାଗରିକମାନଙ୍କୁ ସତର୍କ କରିଛି। ସରକାର କିମ୍ବା କୌଣସି ସରକାରୀ ଏଜେନ୍ସି କେବେ ତଦନ୍ତ ପାଇଁ ଫୋନ୍ ଓ ଭିଡିଓ କଲ୍‌ରେ ଟଙ୍କା ମାଗନ୍ତି ନାହିଁ। ନିବେଶ ଠକେଇ ସାଇବର ଠକଙ୍କ ପାଇଁ ଆଉ ଏକ ଅସ୍ତ୍ର ହୋଇଛି। ଏଥିରେ ଠକମାନେ ଆର୍ଥିକ ବିଶେଷଜ୍ଞ ଭାବେ ନିଜକୁ ଏକ ଲୋକପ୍ରିୟ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଅଧିକ ରିଟର୍ନ ପାଇବାର ଲୋଭ ଦେଖାଇ ଠକିବାକୁ ଉଦ୍ୟମ କରନ୍ତି। କୌଣସି ନିବେଶ ପ୍ରସ୍ତାବ ଅତି ଭଲ ଲାଗିଲେ ତେବେ ତାହା ଠକେଇ ହୋଇଥାଇପାରେ ବୋଲି ଏନ୍‌ପିସିଆଇ ସୂଚାଇଛି। ଫିସିଂ ଓ ଭିସିଂ ସ୍କାମ୍ ଯେଉଁଥିରେ ଇମେଲ୍, ମେସେଜ ଓ କଲ୍ ଜରିଆରେ ବ୍ୟାଙ୍କ କିମ୍ବା ସରକାରୀ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଓଟିପି ଓ ଅନ୍ୟାନ୍ୟ ସମ୍ବେଦନଶୀଳ ତଥ୍ୟ ହାସଲ କରିବାକୁ ଠକମାନେ ଉଦ୍ୟମ କରନ୍ତି। ଟେକ୍ ସପୋର୍ଟ ସ୍କାମ୍ ଜରିଆରେ ନିର୍ଦ୍ଦିଷ୍ଟ ଫାଇଲ ଡାଉନଲୋଡ୍ କରିବାକୁ ବରିଷ୍ଠ ନାଗରିକମାନଙ୍କୁ ପ୍ରବର୍ତ୍ତାଇ ଠକେଇ କରିବାକୁ ଉଦ୍ୟମ କରାଯାଏ। ରିଫଣ୍ଡ ଓ ପେମେଣ୍ଟ ଲିଙ୍କ୍ ମାଧ୍ୟମରେ ମଧ୍ୟ ଠକେଇ କରିବାକୁ ଉଦ୍ୟମ ହେଉଛି। କେବେବି ୟୁପିଆଇ ପିନ୍, ଓଟିପି, ପାସ୍‌ୱାର୍ଡ, ବ୍ୟାଙ୍କ ବିବରଣୀ ଓ ଲଗ୍ ଇନ୍ ବିବରଣୀ କାହାକୁ ଦିଅନ୍ତୁ ନାହିଁ। ଅଜଣା ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ ଓ ଅଜଣା ଆପ୍ ଇନ୍‌ଷ୍ଟଲ କରନ୍ତୁ ନାହିଁ। ଅଜଣା ଲୋକଙ୍କ ସହ ସ୍କ୍ରିନ୍ ଶେୟାର କରନ୍ତୁ ନାହିଁ।

# ଭାରତ ବିଶ୍ୱସ୍ତରରେ ଶ୍ରେଷ୍ଠ ୩ଟି ଏଆଇ ମହାଶକ୍ତି ମଧ୍ୟରେ ସ୍ଥାନ ପାଇବା ଉଚିତ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖବର ସରବରାହ ସଂସ୍ଥା ଏଏନ୍ଆଇକୁ ସ୍ୱତନ୍ତ୍ର ସାକ୍ଷାତ୍କାର ଦେଇଛନ୍ତି । ଏଥିରେ ସେ ସମ୍ମିଳନୀର ବାର୍ତ୍ତା 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି) ଉପରେ ଆଲୋକପାତ କରିଛନ୍ତି ।**

## ଏଏନ୍ଆଇକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସାକ୍ଷାତ୍କାର

**ଏଏନ୍ଆଇ :** ଭାରତ ପ୍ରଥମ ଥର ପାଇଁ ଗ୍ଲୋବାଲ ସାଉଥ୍‌ରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆୟୋଜନ କରୁଛି। ଏହାର ମୂଳମନ୍ତ୍ର ହେଉଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ'। ଏହି ସମ୍ମିଳନୀର ଉଦ୍ଦେଶ୍ୟ କ'ଣ ଓ ଏପରି ବାର୍ତ୍ତା କାହିଁକି ରଖାଯାଇଛି ?

**ପ୍ରଧାନମନ୍ତ୍ରୀ:** ଆଜି ଏଆଇ ଏକ ସଭ୍ୟତାର ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଛି। ଏହା ଅଭୂତପୂର୍ବ ଉପାୟରେ ମାନବ କ୍ଷମତାକୁ ବିସ୍ତାର କରିପାରିବ, କିନ୍ତୁ ଯଦି ଏହାକୁ ଠିକ୍ ମାର୍ଗଦର୍ଶନ କରା ନ ଯାଏ, ତେବେ ଏହା ବର୍ତ୍ତମାନ ସାମାଜିକ ଭିତ୍ତିଭୂମିକୁ ମଧ୍ୟ କ୍ଷତିଗ୍ରସ୍ତ କରିପାରେ। ସେଥିପାଇଁ ଆମେ ଜାଣିଶୁଣି ଏହି ଶିଖର ସମ୍ମିଳନୀକୁ ଏପରି ପ୍ରସ୍ତୁତ କରିଛୁ ଯାହା କେବଳ ନବୋନ୍ମେଷ ନୁହେଁ, ବରଂ ଅର୍ଥପୂର୍ଣ୍ଣ ଏବଂ ସମାନ ଫଳାଫଳ ସୁନିଶ୍ଚିତ କରେ। ସମ୍ମିଳନୀର ବାର୍ତ୍ତା, 'ସର୍ବଜନ ହିତାୟ, ସର୍ବଜନ ସୁଖାୟ', ଭାରତର ସଭ୍ୟତାଗତ ଦର୍ଶନକୁ ପ୍ରତିଫଳିତ କରେ। ପ୍ରଯୁକ୍ତିର ଶେଷ ଲକ୍ଷ୍ୟ 'ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି' ହେବା ଉଚିତ। ପ୍ରଯୁକ୍ତିବିଦ୍ୟା ମାନବତାର ସେବା ପାଇଁ ରହିଛି, ଏହାକୁ ବଦଳାଇବା ପାଇଁ ନୁହେଁ। ଏହି ସମ୍ମିଳନୀ ସାଧାରଣ ଲୋକ, ପୃଥିବୀ ଏବଂ ପ୍ରଗତି ଉପରେ ଆଧାରିତ। ଏଆଇ ସିଷ୍ଟମ୍‌ଗୁଡ଼ିକ ବିଶ୍ୱବ୍ୟାପୀ ସମାଜରେ ସୃଷ୍ଟି ହୋଇଥିବା ଜ୍ଞାନ ଏବଂ ତଥ୍ୟ ଉପରେ ନିର୍ଭର କରେ। ତେଣୁ ଆମେ ଚାହୁଁଛୁ, ଏଆଇର ଲାଭ ସମସ୍ତଙ୍କ ନିକଟରେ ପହଞ୍ଚୁ ଏବଂ କେବଳ ପ୍ରାରମ୍ଭିକ ଗ୍ରହଣକାରୀଙ୍କ ପାଖରେ ସୀମିତ ନ ରହୁ। ଗ୍ଲୋବାଲ ସାଉଥ୍‌ରେ ଆୟୋଜିତ ପ୍ରଥମ ବିଶ୍ୱ ଏଆଇ ଶିଖର ସମ୍ମିଳନୀ ଆୟୋଜନ କରି ଭାରତ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛି, ଯାହା ସମସ୍ତଙ୍କ ସ୍ୱର ଏବଂ ବିକାଶକୁ ପ୍ରାଥମିକତା ଦେଉଛି। ଏଆଇ ଶାସନ, ସମାବେଶୀ ଡାଟାସେଟ, ଜଳବାୟୁ ପ୍ରୟୋଗ, କୃଷି ଉତ୍ପାଦକତା, ଜନସ୍ୱାସ୍ଥ୍ୟ ଏବଂ ବହୁଭାଷୀ ଉପଲବ୍ଧତା ଆମ ପାଇଁ ସୀମିତ ପ୍ରସଙ୍ଗ ନୁହେଁ, ବରଂ ସେଗୁଡ଼ିକ ମୁଖ୍ୟ ପ୍ରସଙ୍ଗ । ଆମର ଦୃଷ୍ଟିକୋଣ ସ୍ପଷ୍ଟ: ଏଆଇ ଗଭୀର ଭାବରେ ମାନବକେନ୍ଦ୍ରିକ ରହି ବିଶ୍ୱବିକାଶକୁ ତ୍ୱରାନ୍ୱିତ କରିବା ଉଚିତ।

**ଏଏନ୍ଆଇ :** ଆପଣ ସବୁବେଳେ ସଶକ୍ତୀକରଣ ଓ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ବିଷୟରେ କହିଛନ୍ତି। ୨୦୪୭ ମସିହାରେ ଏଆଇର ଭୂମିକାକୁ ଆପଣ କିପରି ଦେଖନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଅଭିମୁଖୀ ଯାତ୍ରାରେ ଏକ ପରିବର୍ତ୍ତନକାରୀ ସୁଯୋଗକୁ ପ୍ରତିନିଧିତ୍ୱ କରେ। ଏକ ରଣନୀତିକ ଦୃଷ୍ଟିକୋଣ ସହିତ ଏଆଇକୁ ସଚେତନ ଭାବରେ ବ୍ୟବହାର କରିବା ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି ହେବା ସହ ଗଭୀର ବିକାଶମୂଳକ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ ମିଳିଥାଏ। ଏହାଦ୍ୱାରା ସମାବେଶୀ ଅଭିବୃଦ୍ଧି ସକ୍ଷମ ହୋଇଥାଏ, ସହରାଞ୍ଚଳ-ଗ୍ରାମାଞ୍ଚଳ ବିଭାଜନ ଦୂର ହୁଏ ଏବଂ ସୁଯୋଗର ପ୍ରବେଶକୁ ବିସ୍ତାର କରାଯାଏ।

**ଏଏନ୍ଆଇ :** ପ୍ୟାରିସ୍‌ରେ ଏଆଇ ଆକ୍ସନ ଶିଖର ସମ୍ମିଳନୀ ୨୦୨୫ ଅଭିଭାଷଣରେ ଆପଣ ଏଆଇର ପକ୍ଷପାତିତା ଓ ସୀମାବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହି ତୁଳନାରେ ବର୍ତ୍ତମାନ ପରିସ୍ଥିତି ବଦଳିଛି କି? ଭାରତ କିପରି ଏହି ସମସ୍ୟାର ସମାଧାନ କରିବ ବୋଲି ଆପଣ ଭାବୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇରେ ପକ୍ଷପାତିତା ଓ ସୀମାବଦ୍ଧତାକୁ ନେଇ ଚିନ୍ତା ଗଭୀର ପ୍ରାସଙ୍ଗିକ ରହିଛି। ଏଆଇ ଗ୍ରହଣୀୟତା ତ୍ୱରାନ୍ୱିତ ହେବା ସହିତ ବିପଦ ମଧ୍ୟ ବୃଦ୍ଧି ପାଇଥାଏ। ଏଆଇ ସିଷ୍ଟମ୍‌ଗୁଡ଼ିକ ଅଜାଣତରେ ଲିଙ୍ଗ, ଭାଷା ଏବଂ ସାମାଜିକ-ଆର୍ଥିକ ପୃଷ୍ଠଭୂମି ସହିତ ଜଡ଼ିତ ପକ୍ଷପାତିତାକୁ ସ୍ଥାୟୀ କରିପାରେ। ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ବିଭିନ୍ନ ଅଂଶୀଦାରମାନଙ୍କୁ ଏକାଠି କରୁଛି ଓ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଭଳି ବିଷୟଗୁଡ଼ିକ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରୁଛି।

**ଏଏନ୍ଆଇ:** ଆଧାର ଓ ୟୁପିଆଇ ଭଳି କମ୍ ମୂଲ୍ୟର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ନିର୍ମାଣରେ ଭାରତର ସଫଳତା ଅଭୂତପୂର୍ବ। ଡିପିଆଇ ଏବଂ ଏଆଇର ସମନ୍ୱୟ ସାର୍ବଜନୀନ ସେବା ପ୍ରଦାନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ। ଏଥିରେ ଭାରତ କ'ଣ ଶିଖୁଛି, ଯାହା ଗ୍ଲୋବାଲ ସାଉଥ୍‌କୁ ସାହାଯ୍ୟ କରିପାରିବ ?

**ପ୍ରଧାନମନ୍ତ୍ରୀ:** ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଯାତ୍ରା ଗ୍ଲୋବାଲ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟାବହାରିକ ଶିକ୍ଷା ପ୍ରଦାନ କରେ। ଡିପିଆଇ ଏବଂ ଏଆଇର ସମନ୍ୱୟ ହେଉଛି ସମାବେଶୀ ବିକାଶର ପରବର୍ତ୍ତୀ ସୀମା। ଆଧାର, ୟୁପିଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ ସାର୍ବଜନୀନ ସାମଗ୍ରୀ ସହିତ ଆମର ସଫଳତା ଆକସ୍ମିକ ନ ଥିଲା। ଏହା କିଛି ପ୍ରତିକୃତିଯୋଗ୍ୟ ନୀତିରୁ ଉତ୍ପନ୍ନ ହୋଇଛି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଆମେ ଏକ ସାର୍ବଜନୀନ ହିତ ଭାବେ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିଥିଲୁ, ଏକ ମାଲିକାନା ପ୍ଲାଟଫର୍ମ ଭାବେ ନୁହେଁ। ଏହି ଖୋଲା ଏବଂ ଆନ୍ତଃ-ପରିଚାଳନା ଆଧାରିତ ଢାଞ୍ଚା ଏକ ସାଧାରଣ ଆଧାର ସ୍ତର ଉପରେ ନବସୃଜନକୁ ପ୍ରସ୍ଫୁଟିତ କରିବାକୁ ଅନୁମତି ଦେଇଥିଲା।

**ଏଏନ୍ଆଇ:** ଭାରତ ଇଞ୍ଜିନିୟରିଂ ପ୍ରତିଭାର ଏକ ମହାଶକ୍ତି। ଆମେ ବିଶ୍ୱକୁ ବହୁସଂଖ୍ୟକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କର୍ମଚାରୀ ଯୋଗାଇ ଦେଉଛୁ । ଏଆଇ ଯୁଗରେ ଆମେ ଏହାକୁ କିପରି ଆହୁରି ଗଭୀର କରିପାରିବା ?

**ପ୍ରଧାନମନ୍ତ୍ରୀ:** କେବଳ ଏକ ଗ୍ରାହକ ଭାବରେ ନୁହେଁ, ବରଂ ସ୍ରଷ୍ଟା ଭାବରେ ଏକ ଏଆଇ ମହାଶକ୍ତି ହେବା ପାଇଁ ଭାରତରେ ପ୍ରତିଭା ଓ ଉଦ୍ୟୋଗ ଶକ୍ତି ଅଛି। କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଏହି ଦୃଷ୍ଟିକୋଣକୁ ସୁଦୃଢ଼ କରେ। ଏହା ଡାଟା ସେଣ୍ଟର ଏବଂ କ୍ଲାଉଡ୍ ଭିତ୍ତିଭୂମି ପାଇଁ ସମର୍ଥନକୁ ବିସ୍ତାର କରେ, ଘରୋଇ କମ୍ପ୍ୟୁଟ୍ କ୍ଷମତାକୁ ମଜଭୁତ କରେ।

**ଏଏନ୍ଆଇ:** ଭାରତରେ ଏକ ସକ୍ରିୟ ଆଇଟି କ୍ଷେତ୍ର ରହିଛି, ଯାହା ଆମର ସେବା ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ଏଆଇ ଆମ ଆଇଟି କ୍ଷେତ୍ରକୁ ପ୍ରଭାବିତ କରିବାକୁ ଆପଣ କିପରି ଦେଖୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଭାରତର ଆଇଟି କ୍ଷେତ୍ର ଆମ ସେବା ରପ୍ତାନିର ମେରୁଦଣ୍ଡ ଓ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ । ଏଆଇ ଏହି କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଓ ଆହ୍ୱାନ ଉପସ୍ଥାପନ କରିଥାଏ । ଏଆଇ ବଜାର ଆକଳନ ଦର୍ଶାଉଛି ଯେ ଏଆଇ-ସକ୍ଷମ ଆଉଟସୋର୍ସିଂ ଏବଂ ଡୋମେନ ଆଧାରିତ ଅଟୋମେଶନର ନୂତନ ତରଙ୍ଗ ଦ୍ୱାରା ଭାରତର ଆଇଟି କ୍ଷେତ୍ର ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରରେ ପହଞ୍ଚିପାରେ।

**ଏଏନ୍ଆଇ:** ଆମେ ଏଆଇର ଅପବ୍ୟବହାର ହେବାର ଅନେକ ଉଦାହରଣ ଦେଖିଛୁ। ଏଆଇ ପ୍ରଯୁକ୍ତିର ସମ୍ଭାବ୍ୟ କ୍ଷତିରୁ ଆମେ ଭାରତୀୟମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିପାରିବା ?

**ପ୍ରଧାନମନ୍ତ୍ରୀ:** ପ୍ରଯୁକ୍ତିବିଦ୍ୟା ଏକ ଶକ୍ତିଶାଳୀ ଉପକରଣ, କିନ୍ତୁ ଏହା କେବଳ ମାନବ ଉଦ୍ଦେଶ୍ୟ ପାଇଁ ପ୍ରୋତ୍ସାହନକାରୀ। ଏଆଇକୁ ଏକ ଲାଭଦାୟକ ଶକ୍ତିରେ ପରିଣତ କରିବା ଆମ ଉପରେ ନିର୍ଭର କରେ । ଯଦିଓ ଏଆଇ ମାନବ କ୍ଷମତାକୁ ବୃଦ୍ଧି କରିପାରେ, ନିଷ୍ପତ୍ତି ନେବାର ଚୂଡ଼ାନ୍ତ ଦାୟିତ୍ୱ ସର୍ବଦା ମଣିଷଙ୍କ ପାଖରେ ରହିବା ଉଚିତ। ସାରା ବିଶ୍ୱରେ, ସମାଜଗୁଡ଼ିକ ଏଆଇ କିପରି ବ୍ୟବହାର ଏବଂ ଶାସିତ ହେବା ଉଚିତ, ତାହା ଉପରେ ବିତର୍କ କରୁଛନ୍ତି। ଭାରତ ଏହି ଆଲୋଚନାକୁ ରୂପ ଦେବାରେ ସାହାଯ୍ୟ କରୁଛି। ଡିପଫେକ୍ ଭିଡିଓ ବୃଦ୍ଧି ଯୋଗୁଁ ଏହି ସୁରକ୍ଷା ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ରହିଛି।

**ଏନଏଆଇ:** ଏଆଇ ସେମାନଙ୍କର ଚାକିରି ଛଡ଼ାଇ ନେବ ବୋଲି ଯୁବବର୍ଗଙ୍କ ମଧ୍ୟରେ ଭୟ ରହିଛି। ଯଦି ଏପରି ହୁଏ, ତେବେ ଭାରତର ଜନସଂଖ୍ୟାଗତ ଲାଭାଂଶକୁ ବ୍ୟବହାର କରିବା କଷ୍ଟକର ହୋଇଯିବ। ଭାରତ ସରକାର ଏହି ଚ୍ୟାଲେଞ୍ଜକୁ କିପରି ମୁକାବିଲା କରୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଚାକିରି ବଜାରରେ ଏଆଇ ପରିଚାଳିତ ବାଧା ବିଷୟରେ ଆମ ଯୁବପିଢ଼ିଙ୍କ ଚିନ୍ତା ମୁଁ ବୁଝିପାରୁଛି। ଭୟର ସର୍ବୋତ୍ତମ ପ୍ରତିଷେଧକ ହେଉଛି ପ୍ରସ୍ତୁତି। ସେଥିପାଇଁ ଆମେ ଏଆଇଚାଳିତ ଭବିଷ୍ୟତ ପାଇଁ ଲୋକଙ୍କ ଦକ୍ଷତା ବୃଦ୍ଧି ପାଇଁ ନିବେଶ କରୁଛୁ। ସରକାର ବିଶ୍ୱର ସବୁଠାରୁ ମହତ୍ତ୍ୱାକାଂକ୍ଷୀ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ ମଧ୍ୟରୁ ଅନ୍ୟତମ ଆରମ୍ଭ କରିଛନ୍ତି।

**ଏଏନ୍ଆଇ:** ଆପଣଙ୍କ ନେତୃତ୍ୱରେ ଭାରତ ୪ଜି-୫ଜି, ଡ୍ରୋନ ଜ୍ଞାନକୌଶଳ ଭଳି ସ୍ୱଦେଶୀ ପ୍ରଯୁକ୍ତି ବିକାଶ କରିଛି। ଆତ୍ମନିର୍ଭର ଭାରତ ପାଇଁ ଆପଣଙ୍କର ଦୃଷ୍ଟିକୋଣ କ'ଣ ?

**ପ୍ରଧାନମନ୍ତ୍ରୀ:** ଆତ୍ମନିର୍ଭର ଭାରତ ଆଡ଼କୁ ଆମର ଯାତ୍ରା ଏକ ମୌଳିକ ନୀତି ଉପରେ ଆଧାରିତ। ତାହା ହେଲା ଭାରତ କେବଳ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ ନାହିଁ, ବରଂ ଏହାକୁ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତରେ ଏଆଇ ପାଇଁ ମୋର ଦୃଷ୍ଟିକୋଣ ତିନୋଟି ସ୍ତମ୍ଭ ଉପରେ ନିର୍ଭର କରେ: ସାର୍ବଭୌମତ୍ୱ, ଅନ୍ତର୍ଭୁକ୍ତୀକରଣ ଏବଂ ନବସୃଜନ। ମୋର ଦୃଷ୍ଟିକୋଣ ହେଉଛି ଭାରତ କେବଳ ଏଆଇ ବ୍ୟବହାରରେ ନୁହେଁ, ବରଂ ସୃଷ୍ଟିରେ ବିଶ୍ୱସ୍ତରରେ ଶ୍ରେଷ୍ଠ ତିନୋଟି ଏଆଇ ମହାଶକ୍ତି ମଧ୍ୟରେ ରହିବା ଉଚିତ।

# ସୀମାନ୍ତରେ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୧୭।୨(ସୁଚିତ୍ରା ଦାସ/ ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ୨୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଏବଂ ପୁନର୍ବାସ ଅଭିଯାନ ଦ୍ୱାରା ପ୍ରଭାବିତ ହୋଇ ଭାଙ୍ଗିପଡୁଥିବା ମାଓବାଦୀ ସଙ୍ଗଠନରୁ ମୁହଁ ଫେରାଇ ସେମାନେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ସୁକ୍‌ମା ଏସ୍‌ପି କିରଣ ଚୌହାନଙ୍କ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ପୁନର୍ବାସ ନୀତିର ଲାଭ ଦିଆଯିବ ଏବଂ ତୁରନ୍ତ ସହାୟତା ଆକାରରେ ୫୦ ହଜାର ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିବା ଏସ୍‌ପି ଚୌହାନ କହିଛନ୍ତି। ସୁକ୍‌ମା ପୋଲିସ ନିକଟରୁ ମିଳିଥିବା ତଥ୍ୟାନୁଯାୟୀ, ସୁକ୍‌ମା ଜିଲାରେ ନିରନ୍ତର ମାଓବାଦୀ ବିରୋଧୀ ଅଭିଯାନ, ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା, ସଡକ ସଂଯୋଗକୁ ସୁଦୃଢ଼ କରିବା ଏବଂ ବିକାଶ ପ୍ରକଳ୍ପର ବୃଦ୍ଧି ଯୋଗୁ ମାଓବାଦୀ ସଙ୍ଗଠନ ପ୍ରଭାବ ଦୁର୍ବଳ ହେଉଛି। ଛତିଶଗଡ଼ରେ ପୋଲିସ ଓ ସୁରକ୍ଷା କର୍ମୀଙ୍କ ଘନ ଘନ ଅପରେଶନ ଚାଲିଥିବାବେଳେ ଏଥିରେ ଭୟଭୀତ ଓ ନିଜର ଜୀବନ ବଞ୍ଚାଇବାକୁ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି। ଏହା ସହ ବିଗତ ଦିନରେ ଅନେକ ବଡ଼ବଡ଼ ମାଓବାଦୀଙ୍କ ମୃତ୍ୟୁ ଓ ଆତ୍ମସମର୍ପଣ ସଙ୍ଗଠନକୁ ଦୁର୍ବଳ କରିଛି। ଫଳରେ ଅନ୍ୟ ମାଓବାଦୀମାନେ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ପାଣି ପାଇଁ ରାଜପଥ ...


ମହିଳାମାନେ ରାଜପଥ ଅବରୋଧ କରିଛନ୍ତି।

ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସସ୍ମିତା ସେଠୀ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ପାଣିଟାଙ୍କିଠାରୁ ଉକ୍ତ ସାହିକୁ ଯାଇଥିବା ପାଇପ୍ ନଷ୍ଟ ହୋଇଯାଇଥିବା ବେଳେ ଦୁଇଥର ମରାମତି କରାଯାଇଥିଲା। ତଥାପି ପାଇପ୍ ଯୋଗେ ପାଣି ଯାଉ ନ ଥିଲା। ପୁନର୍ବାର ନୂଆ ପାଇପ୍ ଲାଇନ ପକାଯାଇ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ କହିଛନ୍ତି, ଏବେଠାରୁ ଲୋକମାନେ ପାଣି ପାଇଁ ରାସ୍ତାରେ ବସୁଛନ୍ତି। ବିଭାଗ ସୂଚାରୁ ରୂପେ ପାନୀୟ ଜଳ ଯୋଗାଣ କରିପାରୁନାହିଁ। ଆଗକୁ ଆହୁରି ଜଳ କଷ୍ଟ ଦେଖାଦେଇପାରେ। ତେଣୁ ଏବେଠାରୁ ବିଭାଗ ଯତ୍ନବାନ ହୋଇ ଠିକ ଭାବେ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରୁ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ।

## ୪୬ ପଇସା ..

୯୨୭୯ ଟଙ୍କା ଦେବାକୁ କୁହାଯାଇଥିଲା। ଏହାଶୁଣି ସେ ବିସ୍ମିତ ହେବାସହ ଏପରି କିପରି ହେଲା ବୋଲି ପଚାରିଥିଲେ। କିନ୍ତୁ ଶୋ'ରୁମ୍ ପରିଚାଳକ ଦାମ୍ ବଢ଼ିଯାଇଥିବା ଦର୍ଶାଇ ଅବଶିଷ୍ଟ ଟଙ୍କା ନ ଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏ ପରିସ୍ଥିତିରେ ସେ ବାଧ୍ୟହୋଇ ସନ୍ଧ୍ୟାରେ ବିଲ୍‌ଠାରୁ ଅଧିକ ୪୬ ପଇସା ସହ ମୋଟ ୧୨,୨୭୯ ଟଙ୍କା ଦେଇ ବାଇକ୍ ନେଇଥିଲେ। ପରେ ଅର୍ଥାତ୍ ୨୦୨୪ ଅଗଷ୍ଟ ୨୮ରେ ସେ ଏ ସମ୍ପର୍କରେ ଶୋ'ରୁମ୍ ପ୍ରୋପ୍ରାଇଟରଙ୍କୁ ରେଜିଷ୍ଟ୍ରି ଡାକଯୋଗେ ଲିଖିତ ଭାବେ ଜଣାଇ ଚିଠି ପାଇବାର ୧୫ ଦିନ ମଧ୍ୟରେ ସମାଧାନ ପାଇଁ ଅନୁରୋଧ କରିଥିଲେ। ସମ୍ପୃକ୍ତ ପ୍ରୋପ୍ରାଇଟର ତାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ସୁଦ୍ଧା କୌଣସି ସମାଧାନ କରି ନ ଥିଲେ। ଶୋ'ରୁମ୍ ପକ୍ଷରୁ ଚୁକ୍ତି ସହ ବିଲ୍‌ଠାରୁ ଅଧିକ ଟଙ୍କା ନେବା ଖାଉଟି ସୁରକ୍ଷା ଆଇନର ଉଲ୍ଲଂଘନ ଦର୍ଶାଇ ରାଉତ ଆୟୋଗରେ ନ୍ୟାୟଭିକ୍ଷା କରିବା ସହ ୪,୫୪, ୦୬୯ ଟଙ୍କା କ୍ଷତିପୂରଣ ସହ କୋର୍ଟ ମାମଲା ଖର୍ଚ୍ଚ କାଞ୍ଚନ ମୁରଲୀ ହୋଣ୍ଡା ପ୍ରୋପ୍ରାଇଟର ପ୍ରଦାନ କରିବାକୁ ଅଭିଯୋଗ କରିଥିଲେ।




**ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27001/27004/2/25-26/0010



27001/21/2526

**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ମାସ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି ।

ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ତେଣୁ ପିଲାମାନେ ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅ । ତୁମେମାନେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

# ନିର୍ମାଣ ସମ୍ପୂର୍ଣ୍ଣ ପୂର୍ବରୁ ଭାଙ୍ଗିଗଲାଣି ଷ୍ଟାଡିୟମ ସାଜସଜ୍ଜା

## ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଆଡ୍ଡା ଜମାଉଛନ୍ତି ମଦ୍ୟପ

ଅନୁଗୋଳ,୧୭।୨ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୧୮ କୋଟି ଟଙ୍କା ବ୍ୟୟରେ ଜିଲା ଷ୍ଟାଡିୟମର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ୩ ବର୍ଷ ପରେ ମଧ୍ୟ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିବାବେଳେ କରାଯାଇଥିବା ସାଜସଜ୍ଜା ମଧ୍ୟରୁ କେତେକ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏପରି ସ୍ଥିତି ଉପୁଜିଥିବା ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଂ ସ୍ୱୀକାର କରିଛନ୍ତି।

ସୂଚନା ମୁତାବକ, ଅନୁଗୋଳ ସହରର ମଧ୍ୟଭାଗରେ ଜିଲା ଷ୍ଟାଡିୟମ ରହିଛି। ଏହାର ସୌନ୍ଦର୍ଯ୍ୟକରଣ ସହ ଏକ ଉଚ୍ଚକୋଟୀର ଷ୍ଟାଡିୟମରେ ପରିଣତ କରିବା ପାଇଁ ଜିଲା ପ୍ରଶାସନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ପୁରାତନ ଭଗ୍ନ ଅଟ୍ଟାଳିକାଗୁଡ଼ିକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରାଯାଉଥିଲା। ୨୦୨୨ ଡିସେମ୍ବରରୁ ଏହି ନିର୍ମାଣ ଆରମ୍ଭ ହୋଇଥିବା ବେଳେ ୨୦୨୩ ଅକ୍ଟୋବର ଶେଷସୁଦ୍ଧା କାର୍ଯ୍ୟ ସମାପ୍ତ ହେବ ବୋଲି ତତ୍କାଳୀନ ଜିଲାପାଳ ପ୍ରକାଶ କରିଥିଲେ। ନବନିର୍ମିତ ଏହି ଷ୍ଟାଡିୟମକୁ ଅନୁଗୋଳବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବାର ବ୍ୟବସ୍ଥା ରହିଥିଲା। ଜିଲା ଖଣିଜ ପାଣ୍ଠିରୁ ପ୍ରାୟ ୧୮ କୋଟି ଟଙ୍କା ବ୍ୟୟ କରାଯାଇ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଉଥିଲା। ହେଲେ ଠିକାସଂସ୍ଥା ଠିକ୍ ସମୟରେ କାର୍ଯ୍ୟ ନ ସାରିବାରୁ ଉକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଥିଲା ଜିଲା ପ୍ରଶାସନ। ବର୍ତ୍ତମାନ ପ୍ରାୟତଃ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଘାସ ଲଗାଇବା ପାଇଁ ନୂଆ ଟେଣ୍ଡର ଆହ୍ୱାନ ମଧ୍ୟ ହୋଇସାରିଛି। କିନ୍ତୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରୁ କେତୋଟି ଭାଙ୍ଗି ପଡ଼ିଥିବା ଦେଖାଯାଇଛି। ଷ୍ଟାଡିୟମ ଭିତରେ ଥିବା ରୁମ୍ ସମ୍ମୁଖର ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ଜାଲିଗୁଡ଼ିକ ଭାଙ୍ଗି ଅଧା ଝୁଲି ରହିଛି। ଏଥିସହିତ ଷ୍ଟାଡିୟମ ଗ୍ୟାଲେରି ମଧ୍ୟରେ ଲାଗିଥିବା ଲାଇଟଗୁଡ଼ିକ ମଧ୍ୟ ଭାଙ୍ଗି କେହି ନେଇ ଯାଇଥିବା ଦେଖାଯାଇଛି। ପୂର୍ବରୁ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଏଠାରେ ସୁରକ୍ଷା କର୍ମୀ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସୁରକ୍ଷା କାର୍ଯ୍ୟରେ କୌଣସି କର୍ମଚାରୀ ନ ଥିବା ଜିଲା କ୍ରୀଡ଼ା ଅଧିକାରୀ ସିଂ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଷ୍ଟାଡିୟମ ସମ୍ମୁଖରେ ଥିବା ଅନୁଗୋଳ ହାଇସ୍କୁଲ ପଡ଼ିଆରେ ସଞ୍ଜ ହେଲେ ମଦ୍ୟପମାନଙ୍କ ଅଡ୍ଡା ଜମୁଛି। ଏ ନେଇ ଅନୁଗୋଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ମଧ୍ୟ ଅନେକଥର ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ଜଣାଇ ସାରିଛୁ। ଶୀଘ୍ର ସୁରକ୍ଷା କର୍ମୀ ଯୋଗାଇ ଦିଆଯିବ।


ଷ୍ଟାଡିୟମ ଭିତରେ ଥିବା ରୁମ୍ ସମ୍ମୁଖ ଜାଲିଗୁଡ଼ିକ ଭାଙ୍ଗି ଅଧା ଝୁଲି ରହିଛି।

# ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ଅଧ୍ୟକ୍ଷ, ଉପାଧ୍ୟକ୍ଷା

ପବିତ୍ରନଗର,୧୭।୨ (ନିରୋଜ ପ୍ରଧାନ)

କାର୍ଯ୍ୟାଦେଶ ବଣ୍ଟନରେ ପାତରଅନ୍ତର ତଥା ଅଞ୍ଚଳର ବିକାଶ ନେଇ ବ୍ଲକ ପ୍ରଶାସନ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରି କଣିହାଁ ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ତାଲା ପକାଇଦେଇଛନ୍ତି ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ବିଜେଡି ସମର୍ଥିତ ଜନପ୍ରତିନିଧି। ମଧ୍ୟାହ୍ନ ୧୨ଟାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟମାନେ ବ୍ଲକ କାର୍ଯ୍ୟାଳୟରୁ କର୍ମଚାରୀଙ୍କୁ ବାହାର କରି କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହେଉ ନ ଥିବାବେଳେ ଶାସକ ଦଳର ନେତାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଥିବା ନେଇ ବିଡିଓଙ୍କ ବିରୋଧରେ ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ ଅଭିଯୋଗ ଆଣିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବ୍ଲକକୁ ଆସିଥିବା ଅନୁଦାନକୁ ବ୍ଲକ ଅଧ୍ୟକ୍ଷ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ବିନା ପରାମର୍ଶରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଭାଜପା ନେତାଙ୍କୁ ସୁହାଇଲା ପରି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିବାବେଳେ ସ୍ଥାନୀୟ ଜନପ୍ରତିନିଧଙ୍କୁ ଅଣଦେଖା କରାଯାଇଥିବା ସମ୍ପୃକ୍ତ ଜନ ପ୍ରତିନିଧି ଅଭିଯୋଗ କରିବା ସହ ନାରାବାଜି କରିଥିଲେ। ଏ ସମ୍ପର୍କରେ ବିଡିଓ ତ୍ରିବିକ୍ରମ କୁମାରା କହିଛନ୍ତି, ଅପରାହ୍ନ ୪ଟାରେ କାର୍ଯ୍ୟାଳୟର ଚାବି ମିଳିଛି। ବୁଧବାର ବ୍ଲକର କାର୍ଯ୍ୟକ୍ରମ ସମ୍ପର୍କରେ ଜଣାପଡ଼ିବ। ଉକ୍ତ ଆନ୍ଦୋଳନରେ ସମିତି ସଭ୍ୟା ମିନାକ୍ଷୀ ସାହୁ, ସରପଞ୍ଚ ଶାନ୍ତନୁ ପ୍ରଧାନ, ବୃନ୍ଦାବନ ପ୍ରଧାନ, ଦିବ୍ୟଜ୍ୟୋତି ପ୍ରଧାନ, ପ୍ରଦ୍ୟୁମ୍ନ ମହାପାତ୍ର, କିଶୋରି ବେହେରା ପ୍ରମୁଖ ସାମିଲ ଥିଲେ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନପ୍ରତିନିଧିମାନେ ବିକ୍ଷୋଭ କରୁଛନ୍ତି।

## ସରକାରୀ ଜମି ଜବରଦଖଲ ଅଭିଯୋଗ

ବଇଣ୍ଡା, ୧୭।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚି ଅଞ୍ଚଳରେ ଥିବା କିଛି ସରକାରୀ ଜମିରେ ବେଆଇନ ଭାବେ ଘର ନିର୍ମାଣ କରାଯାଇଛି। ସରକାରୀ ଜମିକୁ ଏପରି ଭାବେ ଜବରଦଖଲ କରାଯାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ତାହାକୁ ଉଚ୍ଛେଦ କରାଯାଉ ନାହିଁ। ନାକିଚି ରାଜସ୍ୱ କାର୍ଯ୍ୟାଳୟଠାରେ ବହୁବାର ଅଭିଯୋଗ କରାଯାଇଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ବଡ଼ ଉଙ୍ଗିଆଣି ଅଞ୍ଚଳବାସୀ ସୋମବାର ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି, ନାକିଚି ଅଞ୍ଚଳରେ ଥିବା ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ରାଜସ୍ୱ ବିଭାଗର କେତେଜଣ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ଏପରି ଜବରଦଖଲ କରାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। କିଶୋରନଗର ତହସିଲଦାର ବିକ୍ରମ ନାୟକ କହିଛନ୍ତି, ଏ ଦିଗରେ ପଦକ୍ଷେପ ନିଆଯିବ।

# ବ୍ରାଉନସୁଗାର ଜବତ, ୭ ଗିରଫ



ତାଳଚେର ଓ ସମଲ ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ।

ତାଳଚେର,୧୭।୨ (ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା ତାଳଚେର ହାଟରେ ସୋମବାର ସନ୍ଧ୍ୟାରେ ତାଳଚେର ଥାନା ପୋଲିସ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶରେ ତାଳଚେର ଏସ୍‌ଡିପିଓଙ୍କ ନେତୃତ୍ୱରେ ଥାନା ଆଇଆଇସି ଏକ ଟିମ୍ ଗଠନ କରି ଏହି ଚଢ଼ାଉ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ବାଘୁଆବୋଲ ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ (୩୮), ନୁହୁରାସାହି ଅଞ୍ଚଳର ପ୍ରମୋଦ ବେହେରା (୩୫), ବାଘୁଆବୋଲ ସ୍କୁଲସାହିର ଆନନ୍ଦ ନାଏକ (୩୨), ଦେଉଳବେଡ଼ାର ସାୟନ୍ତୀ ଜେନାମଣି (୪୧), ଅନିତା ସାମଲ (୩୨) ଓ କଲଭିନ୍ଦର କୌର (୪୦)। ସେମାନଙ୍କ ନିକଟରୁ ୧୨.୫୬ ଗ୍ରାମ ବ୍ରାଉନସୁଗାର, ୨ଟି ମୋବାଇଲ ଫୋନ, ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଛି। ଏହି ଚଢ଼ାଉରେ ଇନ୍ସପେକ୍ଟର ଚଞ୍ଚଳା ନାୟକ, ଏସ୍‌ଆଇ ସରୋଜିନୀ ବେହେରା, ଏସ୍‌ଆଇ ପୁଲିନ କୁମାର ପ୍ରଧାନ, ଏଏସ୍‌ଆଇ ହରେଶ ଚନ୍ଦ୍ର ଦଳାଇ, ଏଏସ୍‌ଆଇ ରବୀନ୍ଦ୍ର ନାଥ ମହାନନ୍ଦ ପ୍ରମୁଖ ସାମିଲ ଥିଲେ। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୪୦/୨୬ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଏସ୍‌ଆଇ ସତ୍ୟବ୍ରତ ରାଉତ ତଦନ୍ତ କରୁଛନ୍ତି। ସେହିପରି କଣିହାଁ ବ୍ଲକ ସମଲ ଥାନା ପୋଲିସ ବ୍ରାଉନସୁଗାର ଜବତ କରିବା ସହ କୁଲେଇ ଗ୍ରାମର ନରେନ୍ଦ୍ର ଦାସ (୩୬)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ପୋଲିସର ସୂଚନା ଅନୁଯାୟୀ, ନରି ରବିବାର ବିଳମ୍ବିତ ରାତିରେ ଡୁମୁଗୋଳା ଡଙ୍ଗରବେଡ଼ା ରାସ୍ତାରେ କୁଲେଇ ଅଭିମୁଖେ ବାଇକ୍‌ରେ ଯାଉଥିବାବେଳେ ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ ଅଟକାଇ ଯାଞ୍ଚ କରି ୭ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲା। ନମ୍ବର ୪୭/୨୬ରେ ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ମୃଣାଳ କାଲୋ ସୂଚନା ଦେଇଛନ୍ତି।

## ଯୁବ ବ୍ୟବସାୟୀ ପ୍ରଦୀପଙ୍କ ଦେହାନ୍ତ

ଆଠମଲ୍ଲିକ,୧୭।୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସି ଅନ୍ତର୍ଗତ ରଥସାହି ବାସିନ୍ଦା ତଥା ଲକ୍ଷ୍ମୀ ନାରାୟଣ ବଜାରର ବ୍ୟବସାୟୀ ପ୍ରଦୀପ କୁମାର ମିଶ୍ର (୫୩)ଙ୍କ ଦେହାନ୍ତ ହୋଇଯାଇଛି। ସେ ତାଙ୍କ ଦୋକାନରେ ବ୍ୟବସାୟ କରୁଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ସେଠାରେ ପହଞ୍ଚିବାର କିଛି ସମୟ ପରେ ମୃତ ଘୋଷଣା କରାଯାଇଥିଲା। ଏହାକୁ ନେଇ ସହରରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମର ଶରୀରକୁ ରଥସାହି ସ୍ଥିତ ବାସଭବନକୁ ଅଣାଯିବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ, ସାଧାରଣ ଜନତା ଆସି ଶେଷ ଦର୍ଶନ କରିଥିଲେ। ଲକ୍ଷ୍ମୀ ନାରାୟଣ ବଜାରର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯାଇଥିଲା।



# ମହିଳା ସୁରକ୍ଷା, ବାଲ୍ୟବିବାହ ରୋକିବା ଉପରେ ଜୋର୍



ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

## ଅନୁଗୋଳରେ ଆଇନ ସଚେତନତା ଶିବିର

ଅନୁଗୋଳ,୧୭।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅନୁଗୋଳ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ଅଧିନିୟମ, ବାଲ୍ୟବିବାହର କୁପ୍ରଭାବ ଓ ଜାଗୃତି ଯୋଜନା ୨୦୨୫ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଶିବିରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ପୂର୍ବତନ ସଦସ୍ୟ ଓ ଜିଲା ମଧ୍ୟସ୍ଥତା କେନ୍ଦ୍ରର ମିଡିଏଟର ପରମାନନ୍ଦ ମିଶ୍ର, ଡିଏସ୍‌ପି ଯୋଗେଶ୍ୱରୀ ବେହେରା ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମାଜରେ ନାରୀ ଓ ପୁରୁଷ ସମାନ ଅଧିକାରର ଅଧିକାରୀ ଏବଂ ନାରୀମାନେ କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ସେମାନଙ୍କୁ ସମ୍ମାନର ସହିତ ବଞ୍ଚିବାକୁ ଦେବା ଆମ ସମସ୍ତଙ୍କର ଦାୟିତ୍ୱ। ବାଲ୍ୟବିବାହକୁ ସମାଜର ଏକ କଳଙ୍କ ବୋଲି ଉଲ୍ଲେଖ କରି ଏହାକୁ ରୋକିବାରେ ସମସ୍ତଙ୍କ ସହଭାଗିତା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଜନଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ପାଇଁ ଅନୁଗୋଳରେ ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟରତ ଥିବା ସହ ଆଇନଗତ ପରାମର୍ଶ ପାଇଁ ହେଲ୍ପଲାଇନ ନମ୍ବର ୧୫୧୦୦ ସହ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଥିଲା। ଶିବିରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଜଣାଇଥିଲେ।

## ଗାଡ଼ି ଧକ୍କାରେ ଜଣେ ମୃତ

ବଇଣ୍ଡା,୧୭।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ସରିଗିପାଲି ନିକଟରେ ଏକ ସୋମବାର ଏକ ଗାଡ଼ି ଧକ୍କାରେ ସ୍ଥାନୀୟ ଅଞ୍ଚଳର ସୁଶାନ୍ତ ବର୍ଗତ୍ତିଙ୍କ ମୃତ୍ୟୁ ହୋଇଛି। ଏ ନେଇ ମୃତକଙ୍କ ଭାଇ ବସନ୍ତ ବର୍ଗତ୍ତି ହଣ୍ଡପା ଥାନାରେ ସୋମବାର ଅଭିଯୋଗ କରିବା ପରେ ପୋଲିସ ନମ୍ବର ୫୭/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁଶାନ୍ତ ରାସ୍ତା ପାର ହେଉଥିବା ବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କିଶୋରନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି।

# ଦମ୍ପତିଙ୍କୁ ଦୋଷମୁକ୍ତ କଲେ ହାଇକୋର୍ଟ

ବନ୍ତଲା,୧୭।୨(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ଏକ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ମାମଲାକୁ ନେଇ ଅନୁଗୋଳ ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ଦ୍ୱାରା ଅଭିଯୁକ୍ତଙ୍କ ସହ ତାଙ୍କ ମା' ବାପାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବା ବେଳେ ହାଇକୋର୍ଟ ଅଭିଯୁକ୍ତଙ୍କ ମା' ଓ ବାପାଙ୍କୁ ଦୋଷମୁକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ୩୦ ଜୁଲାଇ ୨୦୨୫ରେ ଉପରୋକ୍ତ ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ତାଙ୍କ ମା' ଜୟନ୍ତୀ ବାରିକ ଓ ବାପା ରଞ୍ଜନ ବାରିକଙ୍କୁ ୫ ବର୍ଷ କାରାଦଣ୍ଡ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଆଇନଜୀବୀ ଇପ୍ସିତା ପ୍ରିୟଦର୍ଶିନୀ ସାହୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୩୦ ଜାନୁଆରୀ ୨୦୨୬ରେ ହାଇକୋର୍ଟ ସମ୍ପୃକ୍ତ ଦମ୍ପତିଙ୍କୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିଥିଲେ। ସୋମବାର ଦମ୍ପତି ଅନୁଗୋଳ ଜେଲରୁ ମୁକ୍ତି ପାଇବା ସହ ନ୍ୟାୟ ମିଳିଛି ବୋଲି ପ୍ରକାଶ କରିଛନ୍ତି। ଏହାକୁ ନେଇ ଆଇନଜୀବୀ ସାହୁ ଖୁସିବ୍ୟକ୍ତ କରିବା ସହ ମାମଲାକୁ ନିଃଶୁଳ୍କ ଲଢ଼ିଥିଲେ ବୋଲି ପ୍ରକାଶ କରିଛନ୍ତି।

## କୁକୁର ମୁହଁରୁ ନବଜାତ ଶିଶୁର ମୃତଦେହ ଜବତ

ବନ୍ତଲା,୧୭।୨(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବନ୍ତଲା ଥାନା ନନ୍ଦପୁର ପଞ୍ଚାୟତ ଅଫିସ ପାଖ ରାସ୍ତାକଡ଼ରେ ଥିବା ଏକ ମୋବାଇଲ ଟାୱାର ତଳ ଆବର୍ଜନା ଭିତରୁ ଏକ ନବଜାତ ଶିଶୁର ମୃତଦେହ ଜବତ ହୋଇଛି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ଟା ବେଳେ ଉକ୍ତ ଆବର୍ଜନା ଭିତରେ ଏକ ନବଜାତ ଶିଶୁର ମୃତଦେହକୁ କୁକୁର ଟାଣିନେଇ ଖାଉଥିବା ଗାଁ ଲୋକେ ଦେଖିଥିଲେ। ଗ୍ରାମବାସୀ କୁକୁର ମୁହଁରୁ ନବଜାତ ଶିଶୁର ମୃତଦେହକୁ ଉଦ୍ଧାର କରି ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଜଗବନ୍ଧୁ ସାହୁ ପହଞ୍ଚି ବନ୍ତଲା ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସରପଞ୍ଚ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
ISO 9001-14001 18001 Certified
BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051
Phones:06861-291058(O)/ 291048 (R)< Email- bhep.balimela@gmail.com>/unit.head_balimela@yahoo.com
REGISTERED OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, 2542826, GRAM:HYDROPOWER,
e-mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963
TENDER CALL NOTICE
NOTICE INVITING TENDER No.BHEP/64/2025-26, Dated 13.02.2026
No.4001/30/2526:Sealed tenders are invited in single part bid (i.e. Techno-Commercial bid) basis for "Refilling of Fire Extinguishers for BHEP, Balimela for the year 2025-26" from Manufacturers/Authorized dealers for the following.

| Sl. No. | Description of Materials | Estimated Cost | Cost of tender paper (Non-re-fundable) in Rs. | EMD in Rs. | Period of availability of tender at OHPC website | Last Date & Time of receipt of Tender | Date & Time of Opening of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Refilling of Fire Extingusihers of BHEP, Balimela for the year 2025-26 | Rs.4,43,967/- | 2360/- (2000/- GST @ 18%) | 3,800/- | 17.02.2026 To 10.30 Hrs. of 27.02.2026 | Upto 11.30 Hrs. of dated 27.02.2026 | 12.30 Hrs on Dated 27.02.2026 |

For details of the tender documents, terms & conditions please visit our website www.ohpcltd.com.
OIPR-4001/4019/1/25-26/0003 Sd./- C&P Head, BHEP, Balimela

Bhubaneswar Municipal Corporation
SWACHH SURVEKSHAN 2025-26
Progress Through Partnership for Better Bhubaneswar
No.9070/Date : 13.02.2026/
xxxxx-II-SBAC 177/2025
Advertisement Notice
No.13001/271/2526 : Bhubaneswar Municipal Corporation (BMC), Bhubaneswar invites the Request for Proposal (RFP) for **Street Sweeping, Bush Cutting, Drain desilting and Collection & Transportation of Collected Waste under 6 work packages,** as reflected hereunder, in conformity with the Detailed Request for Proposal (RFP). The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded from e-procurement portal of Govt. of Odisha i.e. www.tendersodisha.gov.in and website of BMC i.e. https://www.bmc.gov.in/. The details are as follows:

| Sl. No. (1) | Name of the Work (2) | Bid Security (3) | Cost of Document (4) | Period of Contact (5) | NIT no. and date (6) |
|---|---|---|---|---|---|
| 1 | Street Sweeping, Bush Cutting, drain desilting and Collection & Transportation of Collected Waste under Package-1 (North Zone-1) ward no. 1,2,3,4,5,6,9,10,11,12,17 & 18 | 5,00,000/- | 10,000/- | 24 months (extendable to further 12 months) | 9026 and 13.02.2026 |
| 2 | Street Sweeping, Bush Cutting, drain desilting and Collection & Transportation of Collected Waste under Package-2 (North Zone-2) ward no. 7,8,13,14,15,16,20,21,22,25,26 and 27 | 5,00,000/- | 10,000/- | 24 months (extendable to further 12 months) | 9032 and 13.02.2026 |
| 3 | Street Sweeping, Bush Cutting, drain desilting and Collection & Transportation of Collected Waste under Package-3 (South West Zone-1) ward no. 44,45,53,54,55,56,57,58,59,60,61 and 67 | 5,00,000/- | 10,000/- | 24 months (extendable to further 12 months) | 9038 and 13.02.2026 |
| 4 | Street Sweeping, Bush Cutting, drain desilting and Collection & Transportation of Collected Waste under Package-4 (South West Zone-1) ward no. 23,24,48,49,50,51,52,62,63,64,65 and 66 | 5,00,000/- | 10,000/- | 24 months (extendable to further 12 months) | 9044 and 13.02.2026 |
| 5 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-5 (South East Zone-1) ward no. 19,30,31,32,33,34,41,42 and 43 | 5,00,000/- | 10,000/- | 24 months (extendable to further 12 months) | 9050 and 13.02.2026 |
| 6 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-6 (South East Zone-2) ward no. 28,29,35,36,37,38,39,40,46 and 47 | 5,00,000/- | 10,000/- | 24 months (extendable to further 12 months) | 9056 and 13.02.2026 |

The Request for Proposal (RFP) shall be available from 17.02.2026 at 11:00 A.M. till 4:00 P.M. on 11.03.2026 (last date and time of submission of proposal). The technical and financial bids must be submitted online in www.tendersodisha.gov.in and shall be opened online on the same date i.e. at 4:30 P.M. on 11.03.2026. A pre-bid meeting is scheduled to be held at 12:00 noon on 24.02.2026.
Sd./- Additional Commissioner
Bhubaneswar Municipal Corporation
OIPR-13001/13002/1/25-26/0030

No.13001/262/2526
CUTTACK MUNICIPAL CORPORATION
"e" PROCUREMENT NOTICE
Tender Call Notice No.2012 (PW) Date.13.02.2026
Tender ID: 2025_ORULB_123961
Bid Value: Rs.2.48 Lakhs to Rs.48.31 Lakhs
Date and Time Schedule: One Calendar Month to Three Calendar Months.

| Start | End | Opening |
|---|---|---|
| 11.00 AM on dt.17.02.2026 | 5.00 PM on dt.02.03.2026 | 11.00 AM on dt.07.03.2026 |

Tender Details: can be seen from the procurement portal: www.tendersorissa.gov.in
Sd./-
Executive Engineer
OIPR-13001/13031/1/25-26/0027 City Division-III, CMC

ODISHA BIGYAN ACADEMY
No.28001/1/2526:Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards for the **Award Year 2024 based on scientific contributions up to 31st December, 2023**.
**1. Odisha Young Scientists Award working within the State of Odisha Category - Life Sciences**
**2. Odisha Young Scientists Award working within the State of Odisha Category - Physical Sciences**
(Upper age of Young Scientists must not exceed 35 years on 31st December, 2023)
For detail guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**
The nomination proforma can be downloaded from the above website. Nominations in the duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, h index & i 10 index at the top of the publications list.
The last date for receipt of nominations is **05.03.2026 (upto 5.00 pm). Nominations received after due date and time shall not be taken into consideration.**
Secretary, Odisha Bigyan Academy,
B/2, Saheed Nagar, Bhubaneswar-751 007,
OIPR-28001/28002/1/25-26/0001 Odisha (INDIA)

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.4001/24/2526
OFFICE OF THE CHIEF GENERAL MANAGER (CIVIL)
IDCO, IDCO TOWER, BHUBANESWAR
Bid Identification No.Civil/EST/29/2025-26
TCN No.3143, Dt.03.02.2026
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
**1.Name of the Work:** Construction of Block level Stadium (with Indoor Hall) in Koida Block under Sundargarh District. 2. Value of the Work: Rs.1364.21 Lakhs. 3. Period of Completion: 9 (Nine) Calendar Months. 4. Availability of tender online for Bidding: i. Start Date: 18.00 Hours of dt.18.02.2026. ii. End Date: 17.00 Hours of dt.05.03.2026. iii. Opening Date: 11.30 Hours of dt.06.03.2026.
Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**
Sd./-Chief General Manager (Civil)
OIPR-4001/4075/1/25-26/0006 IDCO, Bhubaneswar

THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar-751 001
Ref.No.OSCB/HRDD/5929/ 2025-26 Date:16.02.2026
TENDER CALL NOTICE
No.39001/10/2526: Tenders invited from registered and reputed insurance companies/brokers for Group Health Insurance policy of Employees and their dependents of the Odisha State Cooperative Bank, Pandit Jawaharlal Nehru Marg, Bhubaneswar-751001 by quoting premium for a period of 1 (one) year from 07.03.2026 to 06.03.2027.
The detailed list can be obtained only from the official website www.odishascb.com from 17.02.2026 to 27.02.2026. For any queries, please consult the HRD Department of OSCB in the office hours or through No. 0674-2374194/155/156.
OIPR-39001/39012/1/25-26/0001 Sd./- Managing Director

OFFICE OF THE NOTIFIED AREA COUNCIL, CHANDBALI
Pin : 756133 (Odisha)
E-Mail : chandbalin-hud@gov.in/chandbali.nac@gmail.com
LETTER NO - 779 DT : 13.02.2026
Corrigendum
**No.13001/270/2526** : In reference to Tender Call Notice No. 297 dtd. 29.01.2026 (Bid Identification No. EO CHANDBALI & Tender ID 2026_ORULB_125196_1) for "Supplying of Cleaning & Sanitation Manpower and Execution of Road Sweeping, Cleaning & other Sanitation Works in all Chandbali NAC",the following changes shall apply to the Clauses as mentioned below:
**Clause 11. on Page 1** ("As per the Works Department Letter No 5984/Dtd. 27.04.2021, it is hereby decided that, no Provisions regarding Bid Security should be kept in the Bid Documents and only provision for "Bid Security Declaration" should be kept") of DTCN is replaced as mentioned below:
**"The Bid Security/EMD shall be paid at the time of submission of proposal by the bidder."**
Clause 14 "The bidder should not have any record of past blacklisting/ debarment/termination from any Central Govt./State Govt./Govt. organizations/ PSUs." of Page 2 under Eligibility criteria is replaced with the following
**"The bidder should not have any record of blacklisting/debarment/ termination from any Central Govt./State Govt./Govt. organizations/PSUs for a period of last 3 year."**
Under **Annexure III** at page no. 16 the term **"recent past"** shall mean **"for a period of last 3 years."** With the above corrigendum Last date for availability of online bid, receiving of bids & date of opening have been extended as detailed below.

| Sl. No. | Parameter | Date & Time as Notified earlier | Extended Date & time |
|---|---|---|---|
| 1 | Date and time for availability of bids "Online" | 10:00 A.M. of 30.01.2026 to 05:30 P.M. of 17.02.2026 | 10.00 A.M. of 30.01.2026 to 05:30 P.M. of 19.02.2026 |
| 2 | Last Date and Time for received of bids "Online" | 17.02.2026 of 05:30 P.M. | 19.02.2026 05:30 P.M. |
| 3 | Date and Time of Opening of bids | 18.02.2026 by 11:00 A.M. | 20.02.2026 by 11:00 A.M. |

All other terms and conditions remain unchanged.
Sd./- Executive Officer
Chandbali NAC
OIPR-13001/13129/1/25-26/0008

# ‘ପ୍ରଶାସନର ଅପାରଗତା ଯୋଗୁ ଗରିମା ହରାଉଛି କପିଳାସ ପୀଠ’

**ଢେଙ୍କାନାଳ,୧୭।୨**
**(ରତନ ନାୟାର)**

ରବିବାର ମହାଶିବରାତ୍ରି ଉପଲକ୍ଷେ ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ସେବାୟତମାନଙ୍କୁ ପୀଠକୁ ପୋଲିସ ନ ଛାଡ଼ିବାରୁ ପୀଠରେ ମହାପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉଙ୍କର ନିତିକାନ୍ତି ଚାରି ଘଣ୍ଟା ବନ୍ଦ ହେବା ସହ ଠାକୁର ଉପାସରେ ରହିଲେ। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସହ ଅସନ୍ତୋଷ ମଧ୍ୟ ବୃଦ୍ଧିପାଇଛି। କପିଳାସ ସୁରକ୍ଷା ପରିଷଦର ଆବାହକ ତଥା ପୂର୍ବତନ ବିଧାୟକ ନବୀନ ନନ୍ଦ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ମଙ୍ଗଳବାର ଜିଲାପାଳଙ୍କୁ ଇ-ମେଲ ଯୋଗେ ପତ୍ର ଲେଖିଛନ୍ତି। ଏହାମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ସମ୍ପର୍କରେ ସେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇଛନ୍ତି।

ଅଭିଯୋଗରେ ପୂର୍ବତନ ବିଧାୟକ ଜଣାଇଛନ୍ତି, ପ୍ରଶାସନର ଅପାରଗତା, ସମନ୍ୱୟର ଅଭାବ ଯୋଗୁ କପିଳାସ ପୀଠର ଗରିମା, ପବିତ୍ରତା ଓ ମର୍ଯ୍ୟାଦାକୁ କ୍ଷତି ପହଞ୍ଚାଇଛି। ଏଭଳି ଗୁରୁତର ଅବ୍ୟବସ୍ଥା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଦୋଷୀ ଅଧିକାରୀଙ୍କ ବିରୋଧରେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ଅଛି। ଏଥିସହିତ ପୀଠରେ ପର୍ଯ୍ୟାପ୍ତ ଆଲୋକ ଅଭାବରୁ ଅନେକ ସ୍ଥାନ ଅନ୍ଧାର ହୋଇ ରହିଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମ ସତ୍ତ୍ୱେ ଯାତାୟାତରେ ଅବ୍ୟବସ୍ଥା, ପ୍ରଶାସନ, ଦେବୋତ୍ତର ଓ ପୋଲିସ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଠାକୁରଙ୍କ ନୀତି ୫/୬ ଘଣ୍ଟା ବିଳମ୍ବ, ସେବାୟତଙ୍କୁ ପୋଲିସ କଡ଼ାକଡ଼ି ଯୋଗୁ ଧର୍ମଘଟ ଓ ଅପ୍ରୀତିକର ପରିସ୍ଥିତି, ଯେଉଁଥିପାଇଁ ଦେବୋତ୍ତର ଅଧିକାରୀଙ୍କୁ ଭୁଲ୍ ମାଗିବାକୁ ପଡ଼ିଲା। ଶୌଚାଳୟ ପରିଷ୍କାର ପରିଚ୍ଛନ୍ନତା ନ ଥିବାରୁ ମହିଳା ଭକ୍ତମାନେ ଅସୁବିଧାରେ ପଡିଲେ। ପାର୍କିଂ ସ୍ଥାନର ଦୁରୁପଯୋଗ, ୫୦୦ରୁ ଊର୍ଦ୍ଧ୍ୱ ମୋଟର ସାଇକେଲ ରଖି ଯାତାୟାତ ଜାମ, ପାହାଡ଼ ଉପରେ ରାସ୍ତାକଡ଼ ଦୋକାନ ଦ୍ୱାରା ଟ୍ରାଫିକ ଭିଡ଼, ଆବଶ୍ୟକ ସ୍ୱେଚ୍ଛାସେବୀ ରଖାଯାଇ ନ ଥିବା ବେଳେ ସହସ୍ରାଧିକ ପାସ୍ ଦେବୋତ୍ତର ବିଭାଗ ପକ୍ଷରୁ ନିଜ ପରିବାର ସଦସ୍ୟଙ୍କୁ ବାଣ୍ଟିବା ଅଭିଯୋଗ, ପୀଠରେ ଲାଗିଥିବା ଏଲ୍ଇଡି ଟିଭି ଓ ଜେନେରେଟର କାର୍ଯ୍ୟକ୍ଷମ ହେଉ ନ ଥିବା, ଯାତ୍ରୀ ନିବାସକୁ ହୋଟେଲ ଭାବେ ବ୍ୟବହାର କରିବା, ଭକ୍ତଙ୍କ ପାଇଁ ଧର୍ମଶାଳା ବନ୍ଦ, ଅନୁମୋଦିତ ଏଟିଏମ୍ ପାଇଁ କକ୍ଷ ନ ଥିବା, ଜବରଦଖଲରେ ପାଠାଗାର ଓ ରକ୍ଷଣାବେକ୍ଷଣର ଅଭାବ, ପାନୀୟଜଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ, ସ୍ଥାୟୀ ଜିମାଦାର ନିଯୁକ୍ତି କରା ନ ଯିବା ଆଦି ସମସ୍ୟା ପତ୍ରରେ ଉଲ୍ଲେଖ କରିଛନ୍ତି। ଦେବୋତ୍ତର ଉପଦେଷ୍ଟା କମିଟିକୁ ଦୀର୍ଘବର୍ଷ ଧରି ଜାଣିଶୁଣି ପୁନର୍ଗଠନ କରା ନ ଯିବା ଆଦି ଅବ୍ୟବସ୍ଥା କପିଳାସ ପୀଠର ଛବିକୁ ଖରାପ କରୁଛି।

ଦୋଷୀ ଅଧିକାରୀମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। କପିଳାସ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ଏହା ଲକ୍ଷାଧିକ ଭକ୍ତଙ୍କ ଆସ୍ଥାର ପୀଠ। ଏହାର ମର୍ଯ୍ୟାଦା ଓ ପବିତ୍ରତା ରକ୍ଷାକରିବା ଦିଗରେ ପ୍ରଶାସନ, ପୋଲିସ ଓ ଦେବୋତ୍ତର ବିଭାଗ ଯତ୍ନବାନ ହେବା ଉଚିତ ବୋଲି ପୂର୍ବତନ ବିଧାୟକ ନନ୍ଦ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ସେ ଦାବି କରିଛନ୍ତି।



କପିଳାସ ପୀଠ।

**କପିଳାସରେ ମହାଶିବରାତ୍ରିରେ ଗୁରୁତର ଅବ୍ୟବସ୍ଥା ଘଟଣା**

ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ

# ବାରିହାପୁର ଧାନମଣ୍ଡିରେ ଅନିୟମିତତା ଅଭିଯୋଗ

## ସମାଧାନ ପାଇଁ ଅଧିକାରୀଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ



ମଣ୍ଡିରେ ଚାଷୀମାନଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

**ପରଜଙ୍ଗ,୧୭।୨**
**(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସଭାଗୃହରେ ସୋମବାର ଜନ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ପରଜଙ୍ଗ ବ୍ଲକର ବାରିହାପୁର ଧାନମଣ୍ଡିରେ କଟ୍‌ନିଛଟ୍‌ନି, ଚାଷୀମାନଙ୍କୁ ବସ୍ତା ଅର୍ଥରେ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଅବଗତ କରାଇଥିଲେ। ଜନ ଅଭିଯୋଗ ଶୁଣାଣି ସରିବା ପରେ ଅଚାନକ ଜିଲାପାଳ ପାଟିଲ ବାରିହାପୁର ଧାନମଣ୍ଡିରେ ପହଞ୍ଚି ଚାଷୀମାନଙ୍କ ପାଖରୁ ଅଭିଯୋଗ ଶୁଣିଥିଲେ। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଚାଷ କରିଥିବା ଚାଷୀଙ୍କ ଧାନ ବିକ୍ରି ଟୋକନ ପରିମାଣ ହ୍ରାସ ପାଇବା ସହିତ ଯେଉଁମାନେ ଚାଷ କରିନାହାନ୍ତି ସେମାନଙ୍କର ଅଧିକ ପରିମାଣର ଟୋକନ ପ୍ରାପ୍ତି ହୋଇଛି, ଯାହାକି କେତେଜଣ ସମବାୟ କର୍ମଚାରୀମାନଙ୍କୁ ହାତବାରିସି କରି ଏଭଳି ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ସେହିପରି ପ୍ରତ୍ୟେକ ଚାଷୀଙ୍କ ଧାନ ବସ୍ତା ପ୍ରତି ପାଞ୍ଚ କିଲୋଗ୍ରାମ କଟନିଛଟନି, ବସ୍ତା ପ୍ରତି ସରକାର ଦେଉଥିବା ଅର୍ଥ ଚାଷୀଙ୍କୁ ମିଳୁ ନ ଥିବା ବେଳେ ମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା ନ ଥିବା ଅଭିଯୋଗ ପାଇଥିଲେ। ସମସ୍ତ ଅଭିଯୋଗକୁ ଜିଲାପାଳ ଶୁଣିବା ପରେ ଜିଲା ଯୋଗାଣ ଅଧିକାରୀଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ଚାଷୀମାନଙ୍କ ବସ୍ତା ବାବଦକୁ ଆସୁଥିବା ଟଙ୍କା ନିମନ୍ତେ ଚାଷୀମାନେ ମିଲର ସହିତ କଥାହୁଅନ୍ତୁ ଏବଂ ଆସିଥିବା ଅଭିଯୋଗ ଉପରେ ଆମେ ତଦନ୍ତ କରୁଛୁ। ଜିଲା ଯୋଗାଣ ଅଧିକାରୀଙ୍କ ମନ୍ତବ୍ୟକୁ ନେଇ ଜିଲା ପରିଷଦ ସଭ୍ୟ ପ୍ରଧାନ ତୀବ୍ର ବିରୋଧ କରିବା ସହ କହିଛନ୍ତି, ଚାଷୀମାନଙ୍କୁ ସରକାର ବସ୍ତା ପ୍ରତି ଅର୍ଥ ପ୍ରଦାନ କରୁଥିବା ବେଳେ ଚାଷୀ କାହିଁକି ମିଲର ସହ କଥା ହେବ ବୋଲି ପ୍ରଶ୍ନ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି। ଜିଲାପାଳଙ୍କ ପରିଦର୍ଶନ ସମୟରେ ଜିଲା ସମିତି ସମବାୟ ସମ୍ପାଦକ ଉମାଶଙ୍କର ଦାଶ, ବ୍ଲକ ଯୋଗାଣ ଅଧିକାରୀ ଉଦିତ କୁମାର ସେଠୀ, ବାରିହାପୁର ସମବାୟ ସମିତି ସମ୍ପାଦକ ଦୁର୍ଲ୍ଲଭାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚୁପଟି ଦେଇ ଗଦାଶିଳା ଓ ଝାରଗାଡ଼ିଆ ରାସ୍ତା ନିର୍ମାଣ ଦାବି

**ଢେଙ୍କାନାଳ,୧୭।୨**
**(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଓଡ଼ାପଡ଼ା ବ୍ଲକ ଗଦାଶିଳା ଓ ସିମିନଇ ଗ୍ରାମପଞ୍ଚାୟତ ମଧ୍ୟ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ପଞ୍ଚୁପଟିରୁ ଗଦାଶିଳା ଦେଇ ଝାରଗାଡ଼ିଆ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଗ୍ରାମବାସୀ ମଙ୍ଗଳବାର ଦାବି କରିଛନ୍ତି। ଏଥିସହ ଯାତ୍ରୀବାହୀ ଯାନବାହାନଗୁଡିକ ସମ୍ପୃକ୍ତ ବାଟଦେଇ ଚଳାଚଳ କରିବା ପାଇଁ ମଧ୍ୟ ଗ୍ରାମବାସୀ ନିବେଦନ କରିଛନ୍ତି। ୫୫ନଂ ଜାତୀୟ ରାଜପଥର ଉନ୍ନତିକରଣ ଓ ବାଇପାସ ନିର୍ମାଣ ହେବା ପରେ ଯାତ୍ରୀବାହୀ ଯାନବାହାନଗୁଡିକ ବାଇପାସ୍‌ରେ ପଳାଉଥିବାରୁ ବିଭିନ୍ନ ଗ୍ରାମଗୁଡିକରୁ ଆସୁଥିବା ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳର ୭ରୁ ୮ ଗ୍ରାମପଞ୍ଚାୟତର ୬୦ରୁ ୭୦ହଜାର ଜନସାଧାରଣ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାକୁ ମରାମତି ପାଇଁ ମଧ୍ୟ ବିଜ୍ଞାପନ ବାହାରିବା ପରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁଃଖ ଓ ପରିତାପର ବିଷୟ। ତେଣୁ ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳର ଗଙ୍ଗାଧର ରାଉତ, ତାପସ ନାୟକ ଓ ବିଭୁପ୍ରସାଦ ରଥଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

# ଅବକାରୀ ବିଭାଗ, ପୋଲିସର ମିଳିତ ଚଢ଼ାଉ, ୫ ଗିରଫ

**ପରଜଙ୍ଗ, ୧୭।୨**
**(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ୨୮୫ ଲିଟର ଦେଶୀ ମଦ ଜବତ କରିବା ସହ ୪ ହଜାର ୯୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି। ଏଥିସହିତ ୫ଜଣ ମଦ ମାଫିଆଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ କଙ୍କଡ଼ାହାଡ଼ ଥାନା ବଳଦିଆପାଳ ଗାଁର କାର୍ତ୍ତିକ ଚନ୍ଦ୍ର ମହାନ୍ତ, ଖରଖରି ଗାଁର ବିନୋଦ କିସ୍କୋ, ଝାଙ୍ଗିରୀବେରେଣା ଗାଁର ଦେବଲା ସୁର, ହଳଦୀକୁଣ୍ଡି ଗାଁର ମାଟି ମାରାଣ୍ଡି ଏବଂ ଆମ୍ବବୋଲ ଗାଁର ଫଗୁ ସୋରେନ। ବିଶେଷ ସୂତ୍ରରୁ ଖବର ପାଇ କାମାକ୍ଷାନଗର ଅବକାରୀ ଟିମ ଓ କଙ୍କଡ଼ାହାଡ଼ ପୋଲିସ ଖରଖରି, ବଳଦିଆପାଳ, ଗୁଡ଼ିସାହି, ହଳଦୀକୁଣ୍ଡି,ମରୁଆବିଲି ଓ ଝାଙ୍ଗିରିବେରେଣା ଗାଁରେ ଚଢ଼ାଉ କରିଥିଲେ।

# ସୋମନାଥେଶ୍ୱରଙ୍କ ପୀଠରେ ମହାଶିବରାତ୍ରୀ

**ଢେଙ୍କାନାଳ,୧୭।୨**
**(ରତନ ନାୟାର)**



ଢେଙ୍କାନାଳ ସହର ମୁକ୍ତାଦେଇପୁର ଶାସନସ୍ଥିତ ଶ୍ରୀଶ୍ରୀସୋମନାଥେଶ୍ୱରଙ୍କ ପୀଠରେ ରବିବାର ମହାଶିବରାତ୍ରୀ ପାଳିତ ହୋଇଯାଇଛି। ପୀଠରେ ରାତି ସାଢେ ୩ଟା ସମୟରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ମହାଶିବରାତ୍ରୀ ଉପଲକ୍ଷେ ପ୍ରାତଃକାଳରୁ ପୀଠରେ ସୂର୍ଯ୍ୟପୂଜା ଓ ଅନ୍ୟାନ୍ୟ ପୂଜା, ରାତିରେ ଷୋଡ଼ଶ ଉପଚାର, ମହାରୁଦ୍ରାଭିଷେକ, ନାଗାଭରଣ ବେଶ ଓ ପଞ୍ଚବକ୍ର ପୂଜା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବରେ ଶ୍ରୀଦୀପ ପାଣି, ପୁସ୍ତକାଚାର୍ଯ୍ୟ ଭାବେ ସନ୍ଦୀପ ରଥ, ସହଯୋଗୀ ଅଶିଷ ମିଶ୍ର, ବିରଞ୍ଚି ନାରାୟଣ ରଥ, ଦେବକାନ୍ତ ମିଶ୍ର, ଭବାନୀ ଶଙ୍କର ମିଶ୍ର, ସୁଶୀଲ ମିଶ୍ର, ଚନ୍ଦ୍ରଶେଖର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ମୁକ୍ତାଦେଇପୁର ଶାସନ ମହାଜନ ମହାସଭାର ସଭାପତି ଶଶିମୌଳି ରଥ, ସମ୍ପାଦକ ଶିବସାଇ ମହାପାତ୍ର, କୋଷାଧ୍ୟକ୍ଷ ମୁରଲୀଧର ପାଣି, ସୁଭ୍ରାଂଶୁ ଦାଶ ତଥା ଶାସନର ସମସ୍ତ କର୍ମକର୍ତ୍ତା ଠାକୁରଙ୍କ ନୀତିରେ ସହଯୋଗ କରିଥିଲେ। ପୂଜକ ବିଜୟ ଦାସ, ବିପିନ ହୋତା ଓ ରାଜେନ୍ଦ୍ର ଦାଶ ଠାକୁରଙ୍କ ନୀତିକାନ୍ତ ଓ ପୂଜାକାର୍ଯ୍ୟ କରିଥିଲେ।

# ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଛେଣ୍ଡିପଦା,୧୭।୨(ଅଜିତ୍ ଧଳ)**



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସ୍ଥିତ କୋଶଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶାରଦା ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ପଣ୍ଡିତ ମହେଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ବ୍ଲକ ପ୍ରତିନିଧି ବିଜୟ କୁମାର ମାଝୀ, ସଙ୍କୁଳ ପ୍ରମୁଖ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀ ସ୍ୱାଗତ ଭାଷଣ କରିଥିଲେ। ପରିଚାଳନା କମିଟି ସମ୍ପାଦକ ବିଦ୍ୟାଳୟ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଥିମାନେ ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ପରିଚାଳନା ସମିତିର ସମସ୍ତ ସଭ୍ୟାସଭ୍ୟ, ଅଭିଭାବକ, ଗୁରୁଜୀ ବିଜୟ କୁମାର ବେହେରା, ହିମାଂଶୁ ପ୍ରଧାନ ଓ ପଞ୍ଚାନନ ସାହୁ ଉପସ୍ଥିତ ଥିଲେ।

# ୨୦ରୁ ୪୯ତମ ନବାହ୍ନ ପାରାୟଣ ମହାଯଜ୍ଞ

**ଢେଙ୍କାନାଳ,୧୭।୨(ରତନ ନାୟାର):** ଢେଙ୍କାନାଳ ବହୁ ପ୍ରାଚୀନ ଐତିହ୍ୟସମ୍ପନ୍ନ ଯାଉଁଳି ପୋଖରୀ ମଠ ପରିସରରେ ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ୪୯ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିପୂର୍ବରୁ ୧୯ ତାରିଖରେ ଅପରାହ୍ନ ୩ଟାରେ ବ୍ରାହ୍ମଣୀ ନଦୀର କମଗରା ଘଟାରୁ ତୀର୍ଥାବାହାନ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟାରେ ଦୀପ ପ୍ରଜ୍ୱଳନ ହୋଇ ପାରାୟଣ ମଞ୍ଚ ସ୍ଥାପନ ହେବ। ଆଗନ୍ତୁକ ସାଧୁସନ୍ଥମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ ଓ ଶ୍ରୀହନୁମାନ ଚାଳିଶା ପାଠ ହେବ। ପ୍ରତିଦିନ ସନ୍ଧ୍ୟା ୭ଟାରୁ ପ୍ରବଚନ କାର୍ଯ୍ୟକ୍ରମ ହେବ ବୋଲି ମଠ ମହନ୍ତ ଶ୍ରୀବ୍ରହ୍ମାନନ୍ଦ ଦାସଜୀ ମହାରାଜ ଓ ପାରାୟଣ ସମିତିର ସୂଚନାରୁ ଜଣାପଡିଛି।


**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE: C/2, Nayapalli, Bhubaneswar - 751012
CIN: U51211OR1980SGC000894
Tel. No.: 0674-239539, Fax No.: 0674-2395291, Website: www.oscsc.in

Tender No. 2809/P-II/25/2025/PDS Dt.16.02.26

No. 7001/10/2526: Managing Director, Odisha State Civil Supplies Corporation Ltd., invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transportation of Custom Milled Rice (CMR) from source district Puri to recipient district Cuttack in the State of Odisha |
| 2 | Availability of bid document in the portal | From 17.02.2026 |
| 3 | Last date/time for receipt of bids in the portal | Dt.24.02.2026 upto 5.00 P.M. |
| 4 | Date/time of Opening of Technical Bid | Dt.25.02.2026 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in**. Amendments/Corrigendum/Cancellation/retenders etc. if any shall be published only in above websites.

By Order of Managing Director
Sd./- General Manager (Distribution)
OIPR-7001/7002/1/25-26/0004



**PARADIP PORT AUTHORITY**
HARBOUR WORKS DIVISION No.I,
**e-TENDER CALL NOTICE**
e-TCN No.CE/HWDI/ACCTS-12/25/54, dtd.13.02.2026

Name of the work : "Development of New Plot adjacent to the MCHP plot near BoT Railway bulb towards Gate No.1 inside Harbour area". Put to tender value: Rs.5,47,40,515.26 plus GST as applicable. Last date & time of submission of tender through online bidding is 09.03.2026 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Executive Engineer,
Harbour Works Division No.I, PPA.
PPA/PR/68/2025-2026, dt.16/02/2026



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Required **MARKETING STAFF** for Housing, Lap, Vehicle, Cash Credit, GST Loan from Nationalized Bank on Commission basis. Send resume at :
**rajugandhi009@gmail.com**

**ଡ୍ରାଇଭର/ଷ୍ଟାଫ୍ ଆବଶ୍ୟକ**
ଭୁବନେଶ୍ୱରରେ କନ୍‌ଷ୍ଟ୍ରକ୍ସନ ଅଫିସ୍‌ରେ କାର୍ଯ୍ୟ ପାଇଁ **Experience Manager, Accountant, Data Entry Operator, Driver, Cooker** ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ। ରହିବା, ଖାଇବା ପାଇଁ ସୁବିଧା ଅଛି।
ଯୋଗାଯୋଗ: **9937499625**

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

Admissions Open Nursery to Class VIII
**TEACHERS REQUIRED**
Walk-in with resume on 27th and 28th February 2026, 10 AM-2 PM
at Deb International School, Dehurda, Bhograi, Balasore
**Contact:**
**9938522033, 9938558877**

See Career Appointment on every **Wednesday & Saturday**

**WANTED**
Wanted male To male massage therapists for spa centre at Bhubaneswar. Age limit 20yrs to 25yrs. Contact: **9861550765**



**ପୂର୍ବ ତଟ ରେଳପଥ**
ନିଲାମ କ୍ୟାଟଲଗ୍ ନଂ. NFR-KUR-WC-PRDP
ଲଟ୍ ନଂ./ବର୍ଗ: MSS-KUR-PRDP-BOXNWC-108-26-4 (Misc-Static-Services-BOXN Wagon Cleaning)
**ବିବରଣୀ :** ପାରାଦୀପ ୟାର୍ଡ ଠାରେ ଅବଶିଷ୍ଟ ଅଳିଆ (Residual Waste) ସଫେଇ ଏବଂ ନିକାଶ କରିବା ନିମନ୍ତେ ୱାଗନ ସଫେଇ ଚୁକ୍ତି। କାର୍ଯ୍ୟର ପରିସର ହେଉଛି ଲାଇସେନ୍ସଧାରୀ ଦ୍ୱାରା ୱାଗନଗୁଡ଼ିକ ଭିତରେ ଥିବା ଅବଶିଷ୍ଟ ସାମଗ୍ରୀ / ଡର୍ବି (Derbies) ଗୁଡ଼ିକର ସଫେଇ/ଅପସାରଣ କରିବା, ଯେତେବେଳେ କି ଏହି ରେକ୍‌ଗୁଡ଼ିକ ପ୍ରସ୍ଥାନ ପୂର୍ବରୁ ଷ୍ଟେସନ ୟାର୍ଡ / ପରିକ୍ଷଣ ୟାର୍ଡ ଠାରେ ଉପଲବ୍ଧ ହେଉଥିବା। ଲାଇସେନ୍ସଧାରୀଙ୍କ ଦ୍ୱାରା ସଫେଇ କରିବା ସମୟରେ ମିଳୁଥିବା ଏହିପରି ଅବଶିଷ୍ଟ ସାମଗ୍ରୀକୁ ଲାଇସେନ୍ସଧାରୀଙ୍କ ସାମଗ୍ରୀ ଭାବେ ବିବେଚିତ କରାଯିବ।
ନିଲାମ ଆରମ୍ଭ ତାରିଖ ଓ ସମୟ : ତା.27.02.2026 ରିଖ 1100 ଘଟିକାରେ, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.27.02.2026ରିଖ 1130 ଘଟିକାରେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1126/Q/25-26



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NATIONAL HIGHWAY DIVISION, BERHAMPUR**
No. 24001/36/2526 Email Id: eenhbam@gmail.com
**INVITATIONS FOR BIDS (IFB) {e-Procurement}**
**Bid Identification No. SE-NH-BAM/12/2025-26**
No. 866 Dated: 12.02.2026

1. The Superintending Engineer, N.H. Division, Berhampur on behalf of Governor of Odisha invites percentage rate bid in Double Cover system in ONLINE MODE from eligible contractors for construction of Road work as detailed in the table below.
2. Nature of Work : Road (Drain)
3. No. of Work : 1 No.
4. Tender Cost : Rs.10,000/-
5. Class of Contractor : ‘B’ Class
6. Availability of Bid document in portal : 11.00 A.M. of 20.02.2026 to 05.30 P.M. of 07.03.2026
7. Date of Opening of Bid : 09.03.2026 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderssorissa.gov.in**.
9. Any Corrigendum/Addendum/Cancellation of will be displayed in the e-tender website only.

Sd./- Superintending Engineer
NH Division, Berhampur
OIPR-24001/24415/1/25-26/0009



**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ, ଚାନ୍ଦବାଲି**
**OFFICE OF THE DIVISIONAL FOREST OFFICER, BHADRAK WILDLIFE DIVISION**
At/P.O./P.S.: Chandbali, District: Bhadrak, PIN - 756133
Phone/Fax: 06786-220472, Mob.: +91-9437041541, Email: dfo.bhadrakwl@odisha.gov.in
**e-Procurement Notice**
No. 8001/82/2526 Bids Identification No. DFO-BDK-02/2025-26
Office Order No. 33-1F-431/2025, Dated: Chandbali the 16th Feburary, 2026

1. Name of Works : Construction of "Safe Bathing Ghat"
2. No. of Work : 03 (Three)
3. Approximate estimated cost : 10.41 lakh
4. Class of Contractor : "C" & "D" Class (As per Annexure)
5. Period of Completion : 15 (Fifteen) days
6. Tender Paper Cost : Rs.4,000/-, towards cost of bid as mentioned in Annexure
7. Date & time of availability of bid document in the portal : Dt.17.02.2026 at 11.00 A.M.
8. Last date/time for receipt of bid in the portal : Dt.23.02.2026 upto 11.00 A.M.
9. Date of Opening Bid : Dt.23.02.2026 at 03.00 P.M.
10. Name and address of the Office Inviting Bid : Divisional Forest Officer, Bhadrak Wildlife Division, Chandbali
11. The bidders have to participate in ONLINE bidding only.
12. All other details can be seen from the e-procurement portal **https:/www.tendersodisha.gov.in**.

Sd./- Divisional Forest Officer
Bhadrak (WL) Division
OIPR-8001/8079/1/25-26/0001



**ଦ.ପୂ. ରେଳପଥ – ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୬/୦୭, ତାରିଖ: ୧୬।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା ପୂର୍ବରୁ** ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା **୧୫.୩୦ ଘଟିକାରେ ଖୋଲାଯିବ** । **କ୍ର.ସଂ.-୧** । **ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ୍-୧୧-୨୦୨୬** । **କାର୍ଯ୍ୟର ବର୍ଣ୍ଣନା:** ବରିଷ୍ଠ ଡିଇଏନ୍ (ପୂର୍ବ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ମଣ୍ଡଳରେ ଟ୍ରାକ୍ ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂକ୍ରାନ୍ତରେ ଆଇଆର୍ ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଆର୍‌ଡିଏସ୍‌ଓ ଦ୍ୱାରା ଅନୁମୋଦିତ ହୋଇଥିବା ଅନୁସାରେ ୬୦ କିଗ୍ରା/୯୦ ୟୁଟିଏସ୍ (୧୦୦୦ ଗୋଟି), ୬୦ କିଗ୍ରା/୬୦ଇଆଇ–ଆର୍‌୨୬୦ ଗ୍ରେଡ୍ ରେଲ୍ (୮୪୫୩ ଗୋଟି)ର ଆଲୁମିନୋ ଥର୍ମିକ୍ ୱେଲ୍ଡିଂ ଅଂଶର ନିର୍ମାଣ ଏବଂ ଯୋଗାଣ ଏବଂ ସିଙ୍ଗଲ୍ ଶଟ୍ କ୍ରୁସିବଲ୍ ସହ ୱେଲ୍ଡିଂ ଇନ୍–ସିଟୁ । (ମୋଟ ୯୪୫୩ ଜଏଣ୍ଟ)। **ଟେଣ୍ଡର ମୂଲ୍ୟ:** ₹୨,୧୩,୭୧,୪୪୬.୩୮; **ଅମାନତ ରାଶି:** ₹୨,୫୬,୯୦୦। **କ୍ର.ସଂ.-୨** । **ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ୍-୦୫-୨୦୨୬** । **କାର୍ଯ୍ୟର ବର୍ଣ୍ଣନା:** ଗିରିମଇଦାନ, ଗୋକୁଳପୁର ଏବଂ ରାଖାମାଇନ୍ସ: ଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ, ଉତ୍ଥାନ, ରିସର୍‌ଫେସିଂ ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹୫,୯୫,୮୮,୫୭୮.୮୫; **ଅମାନତ ରାଶି:** ₹୪,୪୮,୦୦୦ । **କ୍ର.ସଂ.-୩** । **ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ୍-୦୬-୨୦୨୬** । **କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ କଲେଇକୁଣ୍ଡା, ଗୋକୁଳପୁର ଓ ଖଡ଼ଗପୁର ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୬୦, ୧୩୯ଏ ଏବଂ ୧୨୯ଏଠାରେ ବିଦ୍ୟମାନ ସବ୍‌ୱେକୁ ସୁଧାରିବା ଓ ଉନ୍ନତ କରିବା । **ଟେଣ୍ଡର ମୂଲ୍ୟ:** ₹୨,୩୨,୪୬,୬୭୧.୭୩; **ଅମାନତ ରାଶି:** ₹୨,୬୬,୨୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ)। **ଖୋଲାଯିବା ତାରିଖ:** ତା୦୬।୦୩।୨୦୨୬ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୦୯।୦୩।୨୦୨୬ରିଖ (କ୍ର.ସଂ. ୨ ଓ ୩ ପାଇଁ)। **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । **ବିଡିଂ ଆରମ୍ଭ ତାରିଖ:** ତା୨୦।୦୨।୨୦୨୬ରିଖରୁ ତା୦୬।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ପାଇଁ) ଏବଂ ତା୨୩।୦୨।୨୦୨୬ରିଖରୁ ତା୦୯।୦୩।୨୦୨୬ରିଖ ୧୫.୦୦ ଘଟିକା କ୍ର.ସଂ. ୨ରୁ ୩ ପାଇଁ)। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-1199)



**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
No.IITBBS/Advt. 25-26/01
**AUCTION NOTICE / नीलामी सूचना**
(IITBBS/Horticulture/Auction/2025-26/01, DATED: 17.02.2026)
Auction Notice for Collection of Cashew Nuts from IIT Bhubaneswar Argul Campus and IIT Bhubaneswar BoBCO Centre, Laudigaon, Konsi, Berhampur.
ଆଇଆଇଟି ଭୁବନେଶ୍ୱର ଅରଗୁଳ କ୍ୟାମ୍ପସ୍ ଏବଂ ଆଇଆଇଟି ଭୁବନେଶ୍ୱର ବବକୋ ସେଣ୍ଟର, ଲଉଡିଗାଁ, କନିସି, ବ୍ରହ୍ମପୁରରୁ କାଜୁ ବାଦାମ ସଂଗ୍ରହ ପାଇଁ ନିଲାମ ବିଜ୍ଞପ୍ତି।
Date and time of Auction : **03.03.2026 (Tuesday) @ 11.00 A.M.**
Auction Notice is available at **www.iitbbs.ac.in**.
Please keep visiting our website for any further corrigendum/amendments.
Sd./- Registrar



**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष,
उँचाई–4 फीट, 8 ईंच, रंग–साँवला,
पहनावा–सफेद रंग का सलवार सूट पहनी हुई है।

उपरोक्त लापता महिला सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष, पति–दिपक कुमार, पता–गाड़ीगाँव, जिला–राँची जो दिनांक–29.01.2026 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में खेलगाँव थाना सनहा संख्या–11/2026, दिनांक–02.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, सदर, राँची। – 9431102090
थाना प्रभारी, खेलगाँव, राँची। – 9431706157

वरीय पुलिस अधीक्षक, राँची
PR 373157 Police(25-26).D



**Government of Odisha** No.25001/132/2526
**Office of the Executive Engineer, Rural Works Division-II, Nabarangpur, Umerkote**
e-mail: eerwukt@gmail.com & eerwukt@ymail.com
Letter No.617, Date:09.02.2026
**GePNIC e-Procurement Notice**
1. Name of the Work: Road Works, 2. Total No.of works: 02 (Two) Nos., 3. Approx. Estimated Cost: Varies from 5.71 Lakhs to 14.61 Lakhs, 4. Class of Contractor: “C” & “D” Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote | Online Tender/20/ RWD-UKT/ 2025-26 | 16.02.2026 at 11.00 AM | 23.02.2026 upto 5.00 P.M. | 21.02.2026 at 01.00 PM | 24.02.2026 at 11.00 AM |

Further details can be seen from the Government website www.tendersodisha.gov.in
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25001/25103/1/25-26/0001

# ପ୍ରେମଜନିତ ମାମଲାରେ ଆସିଥିଲେ, ପ୍ରେମ ଦିବସରେ ଚମ୍ପଟ



ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହ।


ପର୍ଯ୍ୟବେକ୍ଷଣ ଗୃହ ପାଚେରି ତଳେ ଥିବା ଖୋଲା ଡ୍ରେନ୍ ଦେଇ ଖସିଯାଇଛନ୍ତି ୨ ନାବାଳକ ଅଭିଯୁକ୍ତ।

## ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହରୁ ୨ ନାବାଳକ ଅଭିଯୁକ୍ତ ଫେରାର ଘଟଣା

- ଖୋଲା ଡ୍ରେନ୍ ଦେଇ ଖସିଯାଇଥିବା ସନ୍ଦେହ
- ଗୃହ ଚାରି ପାଖରେ ଲାଗିଛି ୨୪ କ୍ୟାମେରା
- ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ

**ଅନୁଗୋଳ,୧୭।୨(ଜ୍ୟୋତିରଞ୍ଜନ ସାହୁ)**

ପ୍ରେମଜନିତ ଅଭିଯୋଗ ତଥା ପୋକ୍ସୋ ମାମଲାରେ ଅନୁଗୋଳ ଜୁଭେନାଇଲ ଜଷ୍ଟିସ ହୋମ୍ ବା ପର୍ଯ୍ୟବେକ୍ଷଣ ଗୃହକୁ ଆସିଥିବା ୨ ନାବାଳକ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଗତ ୧୪ ତାରିଖ ଭାଲେଣ୍ଟାଇନ ଡେ' ବା ପ୍ରେମ ଦିବସରେ ଫେରାର ହୋଇଯାଇଥିବାରୁ ଏଥିପାଇଁ ଦୁହେଁ ପୂର୍ବରୁ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ସେମାନେ ପର୍ଯ୍ୟବେକ୍ଷଣ ଗୃହ ପାଚେରି ତଳ ଖୋଲା ଡ୍ରେନ୍ ଦେଇ ବାହାରକୁ ଚାଲିଯାଇଥିବା କର୍ତ୍ତୃପକ୍ଷ ସନ୍ଦେହ କରୁଥିବାବେଳେ ଏଯାଏ ସେମାନଙ୍କୁ ଧରାଯାଇପାରି ନାହିଁ। ଉକ୍ତ ଗୃହ ଭିତର ଓ ବାହାର ପାର୍ଶ୍ୱରେ ୨୪ଟି କ୍ୟାମେରା ଲାଗିଥିବା ବେଳେ ପୋଲିସ କର୍ମଚାରୀ ମଧ୍ୟ ୨୪ ଘଣ୍ଟିଆ ସୁରକ୍ଷା ଦାୟିତ୍ୱରେ ଅଛନ୍ତି। ତଥାପି ଏତେ କଡ଼ା ସୁରକ୍ଷା ବଳୟକୁ ଭେଦକରି ୨ ନାବାଳକ ଅଭିଯୁକ୍ତ ସହଜରେ ଖସିଯିବା ପର୍ଯ୍ୟବେକ୍ଷଣ ଗୃହର ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁସାରେ, ୧୦୦ ଶଯ୍ୟା ବିଶିଷ୍ଟ ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହରେ ବର୍ତ୍ତମାନ ପ୍ରାୟ ୩୦ ଜଣ ନାବାଳକ ଅଭିଯୁକ୍ତ ରହୁଛନ୍ତି। ଏଠାରେ ପାଠପଢ଼ା, ବ୍ୟାୟାମ, ଧନ୍ଦାମୂଳକ ଶିକ୍ଷା ସହିତ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଉଛି। ଫେରାର ହୋଇଯାଇଥିବା ନାବାଳକ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କର ଘର ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅଞ୍ଚଳରେ ହୋଇଥିବା ବେଳେ ଆଉ ଜଣେ କଟକ ଜିଲ୍ଲା ଟାଙ୍ଗି ଥାନା ଅଞ୍ଚଳର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଉଭୟଙ୍କ ବିରୋଧରେ ପ୍ରେମଜନିତ ବା ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଥିଲା। ଗତ ୧୪ ତାରିଖ ଅପରାହ୍ନ ୫ଟା ୨୫ ପର୍ଯ୍ୟନ୍ତ ୨ ନାବାଳକ ପର୍ଯ୍ୟବେକ୍ଷଣ ଗୃହ ପରିସରରେ ଥିବା ଦେଖାଯାଇଥିଲା। ହେଲେ ଖେଳକୁଦ ସାରି ଦୁହେଁ ପ୍ରାର୍ଥନା କରିବାକୁ ନ ଆସିବାରୁ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି ବେଳେ ପାଚେରି ତଳେଥିବା ଖୋଲା ଡ୍ରେନ୍ ପାଖରେ ହାତ ଚିହ୍ନ ଦେଖି ଉକ୍ତ ବାଟ ଦେଇ ଦୁହେଁ ବାହାରକୁ ଖସିଯାଇଥିବା କର୍ତ୍ତୃପକ୍ଷ ସନ୍ଦେହ କରିଥିଲେ। ଏହାପରେ କର୍ତ୍ତୃପକ୍ଷ ତୁରନ୍ତ ପୋଲିସକୁ ସୂଚନା ନ ଦେଇ ନିଜସ୍ତରରେ ଖୋଜାଖୋଜି ଚାଲାଇଥିଲେ। ୩ ଦିନ ଧରି ଖୋଜିବା ସତ୍ତ୍ୱେ କୌଣସି ଖୋଜ ଖବର ନ ପାଇବାରୁ ୧୬ ତାରିଖ ରାତିରେ ଅନୁଗୋଳ ଟାଉନ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଫେରାର ନାବାଳକଦ୍ୱୟଙ୍କୁ ଧରିବା ପାଇଁ ବିଭିନ୍ନ ଥାନାକୁ ବାର୍ତ୍ତା ପ୍ରେରଣ କରିଛି। ଗତ ୫ ବର୍ଷ ତଳେ ଏହି ପର୍ଯ୍ୟବେକ୍ଷଣ ଗୃହରୁ ୪ ଜଣ ଅନ୍ତେବାସୀ ଖସିଯାଇଥିଲେ। ସେମାନଙ୍କୁ କାବୁ କରିବାକୁ ସେତେବେଳେ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଏଭଳି ଘଟଣା ପୂର୍ବରୁ ଘଟିଥିଲେ ମଧ୍ୟ ପର୍ଯ୍ୟବେକ୍ଷଣ ଗୃହର ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷଙ୍କ ଘୋର ଅବହେଳାରୁ ୨ ନାବାଳକ ଅଭିଯୁକ୍ତ ଖସିଯିବାରେ ସକ୍ଷମ ହେଲେ ବୋଲି ଅଭିଯୋଗ ହେଉଛି।

ଏ ସମ୍ପର୍କରେ ପର୍ଯ୍ୟବେକ୍ଷଣ ଗୃହର ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ ନାୟକ କହିଛନ୍ତି, ୧୪ ତାରିଖ ଅପରାହ୍ନ ୫ଟା ୨୫ ପର୍ଯ୍ୟନ୍ତ ୨ ଅଭିଯୁକ୍ତଙ୍କ ଉପସ୍ଥିତି ସିସି କ୍ୟାମେରାରେ ରହିଛି। ଏହାପରେ ସେମାନେ ଡ୍ରେନ୍ ଦେଇ ଫେରାର ହୋଇଥିବା ସନ୍ଦେହ କରାଯାଉଛି। ପ୍ରେମ ବ୍ୟାପାର ତଥା ପୋକ୍ସୋ ଆଇନରେ ଦୁହେଁ ଏଠାକୁ ଆସିଥିବାରୁ ଭାଲେଣ୍ଟାଇନ ଡେ'ରେ ଆବେଗତାର ସହିତ ପଳାଇଥିବା ଅନୁମାନ କରାଯାଉଛି। ଉକ୍ତ ଦିନ ପୋଲିସର ସହାୟତା ନିଆଯାଇଥିଲା। ପୋଲିସ ସହାୟତାରେ ଖୋଜାଖୋଜି କରାଯାଇଥିଲା। ଖସିଯାଇଥିବା ନାବାଳକଙ୍କ ଘର ଲୋକଙ୍କୁ ଖବର ଦିଆଯାଇଛି। ଘଟଣା ପାଇଁ ସେମାନଙ୍କ ବିରୋଧରେ ଅନ୍ୟ କୌଣସି ମାମଲା ରୁଜୁ ହେବ ନାହିଁ।

# ପର୍ଯ୍ୟବେକ୍ଷଣ ଗୃହ-ପୌର କର୍ତ୍ତୃପକ୍ଷ ଦୋଷ ଲଦାଲଦି

## ଆଇନର ଉଲ୍ଲଂଘନ ଅଭିଯୋଗ


ପର୍ଯ୍ୟବେକ୍ଷଣ ଗୃହ ପାଚେରିକୁ ଲଗାଇ ପୌରପାଳିକା ପକ୍ଷରୁ ସିମେଣ୍ଟ ପିଣ୍ଡି ସହ ମାଟି ପକାଯାଇଛି।

**ଅନୁଗୋଳ,୧୭।୨ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହର ସୁରକ୍ଷା ପାଇଁ ରହିଥିବା ଆଇନ କହୁଛି, ଜେଲ ପାଚେରିକୁ ଲାଗି କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ହେଲେ ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହ ପାଚେରି କଡ଼ରେ ପୌରପାଳିକା ପକ୍ଷରୁ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ସହ ଡ୍ରେନ୍ ନିର୍ମାଣରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ପର୍ଯ୍ୟବେକ୍ଷଣ ଗୃହ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ଏପରି କି ପାଚେରିକୁ ଲଗାଇ ଅଢ଼େଇ ଫୁଟ ଉଚ୍ଚର ପିଣ୍ଡି ନିର୍ମାଣ ସହ ବିଭିନ୍ନ କଳାକୃତି ସ୍ଥାପନ ପାଇଁ ଯୋଜନା କରାଯାଇଛି। ଏଥିପାଇଁ ପର୍ଯ୍ୟବେକ୍ଷଣ ଗୃହ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇ ନାହିଁ। ଅପରପକ୍ଷରେ ଏପରି ଅଭିଯୋଗକୁ ପୌରପାଳିକା ପକ୍ଷରୁ ଖଣ୍ଡନ କରାଯାଇଛି। ସବୁକିଛି ଆଇନର ପରିଧି ମଧ୍ୟରେ କରାଯାଉଥିବା କୁହାଯାଇଛି।

ସୂଚନା ମୁତାବକ, ପର୍ଯ୍ୟବେକ୍ଷଣ ଗୃହର ପାଚେରି କୌଣସି ସାଧାରଣ ପାଚେରି ନୁହେଁ। ଏଠାରେ ହତ୍ୟା, ବଳାତ୍କାର, ଚୋରି, ରାହାଜାନି ଭଳି ଆପରାଧିକ ମାମଲାରେ ଛନ୍ଦି ହେଉଥିବା ନାବାଳକମାନଙ୍କୁ ରଖାଯାଉଛି। ସେମାନେ କିପରି ଖସିଯାଇ ନ ପାରିବେ ତଥା ସୁରକ୍ଷା ଦୃଷ୍ଟିରୁ ଉକ୍ତ ପାଚେରି ସାଙ୍ଗକୁ ପୋଲିସ କର୍ମଚାରୀ ନିୟୋଜିତ କରାଯାଇଛି। ଜେଲ ମାନୁଆଲ ଅନୁସାରେ ପାଚେରିର ୨୦ ଫୁଟ୍ ଭିତରକୁ କିମ୍ବା ୨୦ ଫୁଟ୍ ବାହାରକୁ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। କିନ୍ତୁ ପୌରପାଳିକା ପକ୍ଷରୁ ସୌନ୍ଦର୍ଯ୍ୟକରଣ ନାମରେ ଏକ ସପ୍ତାହ ତଳୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାୟ ଅଢ଼େଇ ଫୁଟର ସିମେଣ୍ଟ କାନ୍ଥ ପରେ ଭିତରେ ମାଟି ପୋତାଯାଉଛି। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ରଥର କଳାକୃତି ନିର୍ମାଣ କରିବାର ଯୋଜନା ରହିଛି। ଏହାଦ୍ୱାରା ପର୍ଯ୍ୟବେକ୍ଷଣ ଗୃହର ପାଚେରି ଉଚ୍ଚତା କମିବା ସହିତ ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହିଛି। ପର୍ଯ୍ୟବେକ୍ଷଣ ଗୃହର ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ନାୟକ କହିଛନ୍ତି, ପାଚେରିକୁ ଲାଗି କୌଣସି ବି ନିର୍ମାଣ କାର୍ଯ୍ୟ ହେବା କଥା ନୁହେଁ। ପୌରପାଳିକା ଯେଉଁ ନିର୍ମାଣ କାର୍ଯ୍ୟ କରୁଛି ତାହା ସମ୍ପୂର୍ଣ୍ଣ ବେଆଇନ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି, ପର୍ଯ୍ୟବେକ୍ଷଣ ଗୃହ ପାଇଁ ଥିବା ନିୟମର ଉଲ୍ଲଂଘନ କରାଯାଇ ନାହିଁ। ଯାହା କିଛି କାର୍ଯ୍ୟ କରାଯାଉଛି, ସବୁକିଛି ପୌର ନିୟମ ଅନୁଯାୟୀ ହେଉଛି।

# ହାତୀ ଆକ୍ରମଣରେ ୧ ଗୁରୁତର, ୧ ଆହତ

**ଭୁବନ, ୧୭।୨ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲ୍ଲା ଭୁବନ ବନାଞ୍ଚଳ ଗଡ଼ନୃସିଂହପ୍ରସାଦ ଓ ଠେଙ୍ଗାବାହାଲି ଗ୍ରାମର ୨ ଜଣ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ସେମାନେ ହେଲେ ଗଡ଼ନୃସିଂହପ୍ରସାଦ ଗ୍ରାମର କାଳିଆ ବେହେରା (୩୦) ଓ ଢେଙ୍ଗାବାହାଲି ଗ୍ରାମର ଧନେଶ୍ୱର କାଣ୍ଡି। ଉଭୟେ ସକାଳୁ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ଆକ୍ରମଣ କରିଥିଲା। କାଳିଆ ପେଟରେ ଓ ଧନେଶ୍ୱରଙ୍କ ଗୋଡ଼ରେ ହାତୀଟି ଚଢ଼ି ଯାଇଥିଲା। ପାଖରେ ଥିବା ବନ ବିଭାଗ କର୍ମଚାରୀମାନେ ଆହତ ୨ଜଣଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ କାଳିଆ ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଧନେଶ୍ୱର ଭୁବନରେ ଚିକିତ୍ସିତ ଅଛନ୍ତି। ଦନ୍ତା ହାତୀଟି ସୋମବାର ରାତିରେ ବିରାଶାଳ ବନାଞ୍ଚଳରୁ ଭୁବନ ବନାଞ୍ଚଳକୁ ଆସିଥିଲା। ଖବର ପାଇ ଭୁବନ ରେଞ୍ଜର ରାକେଶ କୁମାର ଦଳେଇ ଓ ସମସ୍ତ ବନ ବିଭାଗ କର୍ମଚାରୀ ହାତୀ ଉପରେ ନଜର ରଖିଛନ୍ତି। ବନ ବିଭାଗ ପକ୍ଷରୁ ଚିକିତ୍ସା ପାଇଁ ନଗଦ ୫ ହଜାର ଟଙ୍କା ସହାୟତା ଦେଇ ଜଣେ କର୍ମଚାରୀଙ୍କ ସହିତ କାଳିଆଙ୍କୁ କଟକ ପଠାଇଛନ୍ତି। ବାରମ୍ବାର ଭୁବନ ଅଞ୍ଚଳକୁ ହାତୀ ଆସୁଥିବା ବେଳେ ବନ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଭୁବନ ରେଞ୍ଜର ରାକେଶ କୁମାର ଦଳେଇ କହିଛନ୍ତି, ସମସ୍ତ ବନ କର୍ମଚାରୀ ହାତୀ ପାଖାପାଖି ରହୁଛନ୍ତି। ହାତୀଟି କାମାକ୍ଷାନଗର ବନାଞ୍ଚଳ ବିରାଶାଳ ଅଞ୍ଚଳରୁ ଆସିଥିଲା। ବନ ବିଭାଗ ପକ୍ଷରୁ ସଚେତନ ସହିତ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ କରାଯାଉଥିଲେ ମଧ୍ୟ ଲୋକମାନେ ହାତୀ ପାଖକୁ ଯାଉଛନ୍ତି। ସେଥିପାଇଁ ଏହିଭଳି ଅଘଟଣ ଘଟୁଛି।

# ସାମାଜିକ କର୍ମୀଙ୍କ ପରଲୋକ

**ଢେଙ୍କାନାଳ,୧୭।୨(ରତନ ନାୟାର)**

ଢେଙ୍କାନାଳ ସହର ଦକ୍ଷିଣକାଳୀ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ରଘୁନାଥଙ୍କର ମଙ୍ଗଳବାର ସକାଳ ୯ଟା ୧୫ମିନିଟରେ ନିଜସ୍ୱ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ଆଶା ନାମକ ଏକ ସାମାଜିକ ଅନୁଷ୍ଠାନ ଗଠନ କରି ଦୀର୍ଘ ୪୫ବର୍ଷ ଧରି ଜନସେବାରେ ବ୍ରତୀ ଥିଲେ। ପ୍ରଫେସର ରାଧାମୋହନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ଦେଶ ଭ୍ରମଣ କରିଥିଲେ। ସେ ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରାର ବ୍ୟକ୍ତି ଥିଲେ। ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ନିଜ ଗ୍ରାମ ଗଁଦିଆ ବ୍ଲକ ମହୁଲଖୋଲିଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଜିଲ୍ଲା



ଲେଖକ ସଂସଦ ପକ୍ଷରୁ ପ୍ରହଲ୍ଲାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ଲେଖକ ସଂସଦର ସଭାପତି ବସନ୍ତ ପଟ୍ଟନାୟକ, ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ରଘୁନାଥଙ୍କ ଜୀବନୀ ଓ ମହନୀୟତା ସମ୍ପର୍କରେ ସ୍ମୃତିଚାରଣ କରି ତାଙ୍କର ନିଧନ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି କହିଥିଲେ। ବୈକୁଣ୍ଠ ନାଥ ବେହେରା, ଆତ୍ମଜ ଶତପଥୀ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ କୃଷ୍ଣମୋହନ ସାହୁ, ଉପେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳ ସହରରେ ଚଢ଼ାଉ

## ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ପଲିଥିନ ଜବତ

**ଢେଙ୍କାନାଳ,୧୭।୨(ରତନ ନାୟାର)**

ଢେଙ୍କାନାଳ ସହରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏନ୍‌ଫୋର୍ସମେଣ୍ଟ ଟିମ୍, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ଏନ୍‌ଭାଇରନମେଣ୍ଟାଲ ଇଞ୍ଜିନିୟରଙ୍କ ଦ୍ୱାରା ପୋଲିସ ଉପସ୍ଥିତିରେ ଓ ଢେଙ୍କାନାଳ ପୌର କର୍ମଚାରୀଙ୍କ ସହାୟତାରେ ସହରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରୁଥିବା ଦୋକାନଗୁଡ଼ିକରେ ମଙ୍ଗଳବାର ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ବହୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ପଲିଥିନ ଜବତ କରିବା ସହ ବ୍ୟବସାୟୀଙ୍କୁ ଜରିମାନା କରାଯାଇଛି। ଢେଙ୍କାନାଳ ମିନାବଜାର ଅଞ୍ଚଳରୁ ଏହି ଚଢ଼ାଉ ଆରମ୍ଭ ହୋଇଥିଲା। ମିନାବଜାରରେ ଥିବା ଏକ ପେପର ପ୍ରଡକ୍ଟ ଫ୍ୟାକ୍ଟ୍ରିରେ ଚଢ଼ାଉ କରାଯାଇ ବହୁ ସଂଖ୍ୟାରେ ପ୍ଲାଷ୍ଟିକ ଗ୍ଲାସ, ଚାମଚ ଓ କପ୍ ଆଦି ଜବତ କରାଯିବା ସହ ବ୍ୟବସାୟୀଙ୍କୁ ୨୦ହଜାର ଟଙ୍କା ଜରିମାନା କରାଯାଇଥିଲା। ଏଥିସହିତ ତାଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ପଲିଥିନ ତିଆରି ଓ ବିକ୍ରି ନ କରିବାକୁ ପରାମର୍ଶ ଦିଆଯାଇଥିଲା ବୋଲି ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟରେ ସହକାରୀ ଏନଭାଇରନମେଣ୍ଟାଲ ଇଞ୍ଜିନିୟର ବବି ବେହେରା ଗଣମାଧ୍ୟମକୁ କହିଛନ୍ତି। ଚଢ଼ାଉ ବେଳେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ୨୦୨୨ରେ ଏହି ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ କଟକଣା ଲଗାଇଥିଲା। ଏହାର ଆମଦାନି, ଉତ୍ପାଦନ, ବିକ୍ରୟ ଓ ବ୍ୟବହାରକୁ ନିଷେଧ କରାଯାଇଥିଲା। କିନ୍ତୁ ଆଇନକୁ ଉଲ୍ଲଂଘନ କରି ସହରର ବିଭିନ୍ନ ଅଞ୍ଚଳରେ ଏହାକୁ ବ୍ୟବହାର କରାଯାଉଛି। ଏହି ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ନ କରିବା ପାଇଁ ସଚେତନ କରିଥିଲେ।


ଏନ୍‌ଫୋର୍ସମେଣ୍ଟ ଟିମ୍‌ର ସଦସ୍ୟମାନେ ବିଭିନ୍ନ ଦୋକାନରେ ଚଢ଼ାଉ କରୁଛନ୍ତି।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




**ଢେଙ୍କାନାଳ,୧୭।୨(ରତନ ନାୟାର)**

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାରଦାସ୍ଥିତ ଲଛମନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ନିସ୍ୱାର୍ଡ ଏବଂ ମୋ ଭାରତ ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଦର, ଓଡ଼ାପଡ଼ା, ହିନ୍ଦୋଳ ଓ ଗଁଦିଆଠାରେ ହୋଇଥିବା କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ବିଜେତାମାନଙ୍କୁ ନେଇ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ବାରଦା ସରପଞ୍ଚ ଦୀପାଞ୍ଜଳି ନାୟକ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ବରାଳ, ଜଗବନ୍ଧୁ ସ୍ୱାଇଁ, ରସାନନ୍ଦ ସ୍ୱାଇଁ, ଦିଲୀପ କୁମାର ସ୍ୱାଇଁ, ଶିକ୍ଷକ ରାଧାମୋହନ ମାଝୀ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ, ସଞ୍ଜିନୀ ଲେଙ୍କା, ମମତା ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବାଳକମାନଙ୍କ ମଧ୍ୟରେ ଫୁଟ୍‌ବଲ୍, ବାସ୍କେଟ୍ ବଲ୍ ଓ ବାଳିକାମାନଙ୍କ ମଧ୍ୟରେ ସ୍ଲୋ ସାଇକେଲ୍ ରେସ୍, ବ୍ୟାଡମିଣ୍ଟନ ରିଲେ ରେସ୍ ଓ ଟାଏକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ ଓ ରାଜେନ୍ଦ୍ର ପ୍ରଧାନ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସଦସ୍ୟ ମମତା ରାଜ, ସୋମବାରି ସେଠୀ, ରାକେଶ କୁମାର ରାଉତ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ମୋ ଭାରତ-ଢେଙ୍କାନାଳ ଶାଖାର କାର୍ଯ୍ୟକ୍ରମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ

**ଓଡ଼ାପଡ଼ା,୧୭।୨(ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲ୍ଲାରେ ବାଲ୍ୟବିବାହ ନିରାକରଣ ଓ ଶିଶୁ ଅଧିକାର ଉଲ୍ଲଂଘନ ଉପରେ ସଚେତନତା ପାଇଁ ଓଡ଼ାପଡ଼ା ବ୍ଲକ କୁଣ୍ଡୁପଙ୍ଗାଠାରେ ମଙ୍ଗଳବାର ବିଶ୍ୱ ଯୁବକେନ୍ଦ୍ର ପରିଚାଳିତ 'ଆକ୍ସେସ ଟୁ ଜଷ୍ଟିସ ଫର ଚିଲଡ୍ରେନ୍ସ' ପକ୍ଷରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅଙ୍ଗନୱାଡ଼ି କର୍ମୀ, ଆଶା ଦିଦି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଓ କିଶୋରୀ ବାଳିକାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା, ବାଲ୍ୟବିବାହ ଯୋଗୁ ଝିଅଙ୍କ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ, ଦଣ୍ଡବିଧାନ, ନିରାକରଣ ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କୌଣସି ଶିଶୁ ଅଧିକାର ଉଲ୍ଲଂଘନ ଦେଖିଲେ ଚାଇଲ୍ଡ ହେଲ୍ପ ଲାଇନ୍‌ର ଦେୟମୁକ୍ତ ନମ୍ବର ୧୦୯୮କୁ ଫୋନ କରି ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା ପ୍ରକଳ୍ପ ସହଯୋଗୀ ବିଦ୍ୟୁଲତା ଭଞ୍ଜ ଯୋଗଦେଇଥିଲେ।




# ଢେଙ୍କାନାଳ ଜିଲ୍ଲାରେ ୧୦୮୧୩ ଯୁକ୍ତ ୨ ପରୀକ୍ଷାର୍ଥୀ

**ଢେଙ୍କାନାଳ,୧୭।୨(ରତନ ନାୟାର)**

ଯୁକ୍ତ୨ ପରୀକ୍ଷା ବୁଧବାରଠାରୁ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଚଳିତବର୍ଷ ଢେଙ୍କାନାଳ ଜିଲ୍ଲାରେ ଯୁକ୍ତ୨ର କଳା, ବାଣିଜ୍ୟ, ବିଜ୍ଞାନ ଓ ଭୋକେଶନାଲକୁ ମିଶାଇ ମୋଟ ୧୦୮୧୩ଜଣ ପରୀକ୍ଷା ଦେବେ। ଏଥିପାଇଁ ଢେଙ୍କାନାଳ ଜିଲ୍ଲାରେ ୪୩ଟି ପରୀକ୍ଷା କେନ୍ଦ୍ର ହୋଇଛି। ଜିଲ୍ଲାରେ ୫୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ମୋଟ ୧୦୮୧୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କଳାରେ ୭୧୪୨, ବାଣିଜ୍ୟରେ ୩୨୪, ବିଜ୍ଞାନରେ ୩୨୦୧୯ ଓ ଭୋକେଶନାଲରେ ୧୩୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ର ପଡ଼ିଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ୮୭ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**ପରଜଙ୍ଗ,୧୭।୨ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଆସି ୮୭ଟି ଅଭିଯୋଗ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨ଜଣଙ୍କୁ ୩୫ ହଜାର ଟଙ୍କା, ରେଡକ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ରାଶନ କାର୍ଡ, ଆବାସ ଗୃହ, ଗୁଣ୍ଠିକିଆ ପଟ୍ଟା, ଭତ୍ତା, ଶ୍ରମିକ ବଦଳରେ ମେଶିନ୍‌ରେ କାମ, ୫୩ ନଂ. ଜାତୀୟ ରାଜପଥ ଉପରୁ ମାଟି ହଟାଇ ରାସ୍ତା ଖୋଲିବା ପ୍ରମୁଖ ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ମହାପାତ୍ର, କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ତହସିଲଦାର ସୁଦେବ କୁମାର ପୃଷ୍ଟି, ବିଡିଓ ସୌଭାଗ୍ୟ କୁମାର ବେହେରା, ଥାନାଧିକାରୀ ଧୀରେନ କୁମାର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ମୃତିରଞ୍ଜନ ବିଶ୍ୱାଳ, ଜିଲ୍ଲା ଶିକ୍ଷାଧିକାରିଣୀ, ଡିପିଓ, ବ୍ଲକ ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ସୁମନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ଏସ୍‌ଆଇ ଦେବଗ୍ରାହି ମହାନ୍ତିଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ।

# ୨ ସପ୍ତାହ ହେଲା ଆଇଜିଆଇଟିରେ ନିର୍ଦ୍ଦେଶକ ପଦବୀ ଖାଲି

**ପରଜଙ୍ଗ,୧୭।୨ (ନିଗମାନନ୍ଦ ଦଳବେହେରା)**

ଶିକ୍ଷା ଅନୁଷ୍ଠାନ କ୍ଷେତ୍ରରେ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ନିଜର ଗରିମା ବଜାୟ ରଖିଆସୁଥିବା ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ (ଆଇଜିଆଇଟି) ଦୁଇ ସପ୍ତାହ ହେବ ମୁରବୀ ଶୂନ୍ୟ ହୋଇପଡ଼ିଛି। ଏଥିପ୍ରତି ଜିଲ୍ଲାପାଳ କିମ୍ବା ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ଗତ ମାସ ୩୧ ତାରିଖରେ ଅନୁଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବରିଷ୍ଠ ପ୍ରାଧ୍ୟାପକ ବିଦ୍ୟାଧର ସାହୁଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଇତିମଧ୍ୟରେ ୨ ସପ୍ତାହ ବିତିଯାଇଥିଲେ ବି ନିର୍ଦ୍ଦେଶକ ପଦବୀ ଖାଲି ପଡ଼ିଛି। ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଅନୁଷ୍ଠାନର ପରିଚାଳନା ନିୟମାବଳୀକୁ ଦେଖାଗଲେ ଅଧ୍ୟକ୍ଷ ଭାବରେ ରାଜ୍ୟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ପୂର୍ବରୁ ରହିଥିବା ବେଳେ ସ୍ଥାନୀୟ ବିଧାୟକ, ରାଜ୍ୟ ସରକାରଙ୍କ ଅର୍ଥ ସଚିବ, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ସଚିବ ସଭ୍ୟ ଭାବରେ ରହୁଥିଲେ। କିନ୍ତୁ ଗତ ସରକାର ସମୟରେ ୨୦୧୦ରେ ନିର୍ଦ୍ଦେଶକ ପଦବୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କାର୍ଯ୍ୟକାଳ ୩ ବର୍ଷ ଧାର୍ଯ୍ୟ ରହିଥିବା ବେଳେ ଆବେଦନକାରୀଙ୍କ ଅଭିଜ୍ଞତା ଅନୁସାରେ ନିଯୁକ୍ତି କରାଯାଇଥିଲା। ନିର୍ଦ୍ଦେଶକ



ପାଖାପାଖି ୭ ବର୍ଷରୁ ଅଧିକ ସମୟ ଧରି ଗାଦି ମାଡ଼ି ବସିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ରାଜ୍ୟରେ ନୂଆ ସରକାର ଆସିବା ପରେ ନିର୍ଦ୍ଦେଶକ ନିଯୁକ୍ତି ଏବଂ ଦୀର୍ଘକାଳୀନ ପଦବୀର ଅପବ୍ୟବହାର ହୋଇଥିବା ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ବିଧାନସଭାରେ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ପରେ ଅନୁଷ୍ଠାନରେ ନିର୍ଦ୍ଦେଶକ ଭାବରେ ପ୍ରାଧ୍ୟାପକ ସାହୁ ନିଯୁକ୍ତି ପାଇଥିଲେ। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ଅଧିନିୟମ ରହିଛି। କିନ୍ତୁ ପରିଚାଳନା କମିଟିରେ ଅଧ୍ୟକ୍ଷ, ସଦସ୍ୟ ସଂଗଠିତ ପୂର୍ବ ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯାଇ ନ ଥିବା ଯୋଗୁ ଏହିପରି ପରିସ୍ଥିତି ଉପୁଜିଛି ବୋଲି ଅଭିଯୋଗ ହୋଇଛି। ସେହିପରି ରାଜ୍ୟରେ ଏକସଙ୍ଗରେ ଦୁଇଟି ବୈଷୟିକ ଅନୁଷ୍ଠାନ ଗଢ଼ି ଉଠିଥିଲା। ଗୋଟିଏ ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲେ ବି ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନକୁ ସରକାର ଅଣଦେଖା କରିଛନ୍ତି ବୋଲି ପୂର୍ବତନ ଛାତ୍ର ସଂଗଠନ, ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନୁଷ୍ଠାନରେ କୁଳସଚିବ ଭାବେ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତି ନିୟମ ରହିଥିବା ବେଳେ ଏହାକୁ ଜଣେ ପ୍ରାଧ୍ୟାପକ ସମ୍ଭାଳୁଥିବା ଜଣାପଡ଼ିଛି। ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ଏହି ଅନୁଷ୍ଠାନଟି ଅବହେଳିତ ହୋଇ ପଡ଼ିରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପରିଚାଳନା କମିଟିର ନିୟମ ବଳବତ୍ତର କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫ ମିନିଟ୍ ବ୍ୟବଧାନ, ଗୋଟିଏ ଗାଡ଼ିରେ ୨ ମିଲକୁ ଯାଇଛି ଧାନ

■ପଦାରେ ପଡ଼ିଲା ଧାନ କିଣାବିକା ଫଲ୍ସ ଏଣ୍ଟ୍ରି


■ଗାଡ଼ି ଗୋଟିଏ, ସ୍ୱାକ୍ଷର କରିଛନ୍ତି ୨ଡ୍ରାଇଭର

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଧାନ କିଣାବିକା ସମସ୍ୟା ନୂଆ ନୁହେଁ। ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ଏହି ଜିଲାରେ ଏହା ସାଧାରଣରେ ପରିଣତ ହୋଇଛି। ମିଲର୍ସଙ୍କ ଇଚ୍ଛାରେ ଧାନକିଣା କଟନୀଛଟନୀଠାରୁ ଆରମ୍ଭ କରି ଅଭାବୀବିକ୍ରି, ବିଭାଗୀୟ କର୍ମଚାରୀଙ୍କୁ ବେପାରୀମାନେ ହାତଗୁଞ୍ଜା ଦେଇ ସ୍ଲିପ୍ କାଟି ଧାନ ସଂଗ୍ରହ ପ୍ରକ୍ରିୟାରେ ଫଲ୍ସ ଏଣ୍ଟ୍ରି କରୁଥିବା ଅଭିଯୋଗ ଦୀର୍ଘଦିନରୁ ହୋଇ ଆସୁଛି। ତେବେ ଧାନ କିଣାବିକାରେ ଚାଲିଥିବା ଏଭଳି ଫଲ୍ସଏଣ୍ଟ୍ରିର ଏକ ପ୍ରମାଣ ତଥା ଏଥିପାଇଁ ହୋଇଥିବା ସମ୍ପୃକ୍ତ କର୍ମଚାରୀଙ୍କ ନୂଆ କୌଶଳ ମଙ୍ଗଳବାର ପଦାକୁ ଆସିଛି। ମଣ୍ଡି(ଧାନକ୍ରୟ କେନ୍ଦ୍ର)ରୁ ଧାନ କିଣାଯିବା ପରେ କଷ୍ଟମ ମିଲିଂ ଭିତ୍ତିରେ ସମ୍ପୃକ୍ତ ଧାନକ୍ରୟ ସଂସ୍ଥା ସେହିଧାନ ଆଲଟମେଣ୍ଟ ପାଇଥିବା ସମ୍ପୃକ୍ତ ରାଇସ୍ ମିଲ୍‌କୁ ପଠାଇଥାଏ ଏବଂ ମଣ୍ଡିରୁ ଧାନ ଉଠାଣ ସମୟରେ ଧାନକ୍ରୟ ସଂସ୍ଥା ଧାନ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଧାନ ପରିବହନ କରୁଥିବା ଗାଡ଼ି ଡ୍ରାଇଭରଙ୍କୁ ଧାନ ପରିବହନ ଓ ଗ୍ରହଣ ନେଇ ଏକ ସ୍ୱୀକୃତି ପତ୍ର(ଟ୍ରାନଜିଟ୍ ପାସ୍ କମ ଏକସେପଟେନ୍ସ ନୋଟ୍) ପ୍ରଦାନ କରିଥାନ୍ତି। ଗତବର୍ଷ ଡିସେମ୍ବର ୨୭ତାରିଖ ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର(ଏମୱାଇ୦୩୭୧୨)ରେ ୫ମିନିଟ୍ ବ୍ୟବଧାନରେ ଏଭଳି ୨ଟି ଟ୍ରାନଜିଟ୍ ପାସ୍ ଇସ୍ୟୁ କରାଯାଇଛି, ତାହା ସମସ୍ତଙ୍କୁ ଚକିତ କରିଥିବାବେଳେ ଉକ୍ତ ଧାନକ୍ରୟ କେନ୍ଦ୍ରରେ ଧାନ କିଣାବିକାରେ ଚାଲିଥିବା ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏଠାରେ ରହିଥିବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୧୮ତାରିଖରୁ ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତବର୍ଷ ଡିସେମ୍ବର ୨୭ତାରିଖ ସନ୍ଧ୍ୟା ୫ଟାରେ ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର(ଏମୱାଇ୦୩୭୧୨)ରେ ଏକ ଟ୍ରାନଜିଟ୍ ପାସ୍(ନଂ-୪୩) ଇସ୍ୟୁ ହୋଇଛି। ଉକ୍ତ ଟ୍ରାନଜିଟ୍ ପାସ୍‌ରେ ଦର୍ଶାଯାଇଥିବା ସୂଚନାକ୍ରମେ ସେହିଦିନ ସନ୍ଧ୍ୟା ୫ଟାରେ ଖରମୁଣ୍ଡା ମଣ୍ଡିରୁ ଗାଡ଼ି (ନଂ-ଓଡ଼ି୧୭କେ ୪୪୯୭)ରେ ୧୮୫ ପ୍ୟାକେଟ୍(୮୩.୭୨ କୁଇଣ୍ଟାଲ) ଧାନ ଏକ ରାଇସ୍ ମିଲ୍ ସୀତାରାମ ଫୁଡ୍ସ(ଏମ୦୩୦୭୦୩)କୁ ଯାଇଛି। ଧାନ ପରିବହନ କରିଥିବା ଗାଡ଼ିର ଡ୍ରାଇଭର ଜୟନ୍ତ ସାହୁ ଥିଲେ ଏବଂ ତାଙ୍କ ନାମରେ ସେହି ଟ୍ରାନଜିଟ୍ ପାସ୍‌ରେ ଦସ୍ତଖତ(ସ୍ୱାକ୍ଷର) ମଧ ରହିଛି।

ଅନ୍ୟପଟେ ଉପରୋକ୍ତ ଟ୍ରାନଜିଟ୍ ପାସ୍ ଇସ୍ୟୁ ହେବାର ମାତ୍ର ୫ମିନିଟ୍ ପରେ ଅର୍ଥାତ୍ ୫ଟା ୫ମିନିଟ୍ ପରେ ଉକ୍ତ ମଣ୍ଡିରେ ଆଉ ଏକ ଟ୍ରାନଜିଟ୍ ପାସ୍ ଇସ୍ୟୁ ହୋଇଛି। ତେବେ ସେହି ଟ୍ରାନଜିଟ୍ ପାସ୍ ଅନ୍ୟ କୌଣସି ଗାଡ଼ିକୁ ନୁହେଁ, ଉପରୋକ୍ତ ଗାଡ଼ି(ନଂ-ଓଡ଼ି୧୭କେ ୪୪୯୭)କୁ ଇସ୍ୟୁ କରାଯାଇଛି। ଗାଡ଼ି ନମ୍ବର ତ ସମାନ ରହିଛି, ମାତ୍ର ଚତୁରତାର ସହିତ ସେଥିରେ ଟ୍ରାନଜିଟ୍ ପାସ୍ ନମ୍ବର, ଗାଡ଼ି ଡ୍ରାଇଭରଙ୍କ ନାମ, ରାଇସ୍ ମିଲ୍‌ର ନାମକୁ ବଦଳାଇ ଦିଆଯାଇ ଥିବାବେଳେ ବିକ୍ରିଧାନର ପରିମାଣ ମଧ ଅଲଗା ରହିଛି। ଗାଡ଼ି ନମ୍ବର ସମାନ ରହିଥିବାବେଳେ ଟ୍ରାନଜିଟ୍ ପାସ୍(ନଂ-୪୪) ରହିଛି। ସେହିପରି ଗାଡ଼ି ଡ୍ରାଇଭରଙ୍କ ନାମ ସୁମନ୍ତ ରଣା ଉଲ୍ଲେଖ କରାଯାଇ ଥିବାବେଳେ ସେହି ଗାଡ଼ିରେ ୧୬୦ପକେଟ୍(୬୫.୩୧ କୁଇଣ୍ଟାଲ) ଧାନ ଶ୍ରୀ ଜୀ ପେଡ୍ଡି ପ୍ରୋସେସର୍ସ(ଏମ୦୩୦୪୧୧)କୁ ଯାଇଥିବା ଉକ୍ତ ଟ୍ରାନଜିଟ୍ ପାସ୍‌ରେ ଦର୍ଶାଯାଇଛି। ତେବେ ଉପରୋକ୍ତ ତଥ୍ୟରୁ ଧାନ କିଣାବିକାରେ ଚାଲିଥିବା ଅନିୟମିତତାର ଅସଲି ଚିତ୍ର ପଦାକୁ ଆସି ଯାଇଛି। ସନ୍ଧ୍ୟା ୫ଟାରେ ସମ୍ପୃକ୍ତ ଗାଡ଼ି ମଣ୍ଡିରୁ ଧାନ ଉଠାଇଛି ଏବଂ ୧୮୫ ପ୍ୟାକେଟ୍ ଧାନ ପରିବହନ କରି ସୀତାରାମ ଫୁଡ୍ ରାଇସ୍ ମିଲକୁ ଯାଇଛି। ତେବେ ମଣ୍ଡିରୁ ସମ୍ପୃକ୍ତ ରାଇସ୍ ମିଲ୍‌ର ଦୂରତା ତ ଦୂରର କଥା, ୫ମିନିଟ୍‌ରେ ୧୮୫ ପ୍ୟାକେଟ୍ ଧାନ କୌଣସି ଗାଡ଼ିରେ ଲୋଡ୍ କରିବା ଏବଂ ସେହି ଧାନକୁ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌ରେ ଅନଲୋଡ୍ କରିବା ସମ୍ଭବ ନୁହେଁ। ଏହାସତ୍ତ୍ୱେ ଏଭଳି ସ୍ଥିତିରେ ସମାନ ରେଜିଷ୍ଟ୍ରେଶନ ନମ୍ବର ରହିଥିବା ସମ୍ପୃକ୍ତ ଗାଡ଼ିରେ ପୁଣି ୧୬୦ପକେଟ୍ ଧାନ ଲୋଡ୍ କରି କିଭଳି ଅନ୍ୟ ଏକ ରାଇସ୍ ମିଲ୍‌କୁ ପଠାଗଲା ଏବଂ ୫ମିନିଟ୍ ମଧ୍ୟରେ ଗାଡ଼ି ଡ୍ରାଇଭର ମଧ ବଦଳି ଗଲେ, ତାହା ତଦନ୍ତ ସାପେକ୍ଷ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। କେବଳ ଏହା ଏକ ଦୃଷ୍ଟାନ୍ତ ମାତ୍ର, ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରି କରାଯାଇ ଅନୁରୂପ ଅନେକ ଅନିୟମିତତା ହେଉଥିବା ସ୍ଥଳେ ଯୋଗାଣ ବିଭାଗ ହାତ ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାର ତଦନ୍ତ ହେଲେ ଏଭଳି ଅନିୟମିତତାର ରହସ୍ୟ ପଦାକୁ ଆସିବ ଏବଂ ଏଥିର ସମ୍ପୃକ୍ତ ସମସ୍ତ ବିଭାଗୀୟ କର୍ମଚାରୀ, ଅଧିକାରୀଙ୍କ ମୁଖା ଖୋଲିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।




୫ଟା ୫ମିନିଟ୍‌ରେ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ ।




୫ଟାରେ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ ।

# ୩୫୭ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

ଓଡ଼ିଶା ପୋଲିସର ଅପରେଶନ ସାଇବର କବଚ

## ୩୩ ନୂତନ ସାଇବର ମାମଲା ରୁଜୁ

କଟକ,୧୭।୨(କାର୍ତ୍ତିକ ସାହୁ)

ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଗତ ୧୪ ତାରିଖରୁ ଆରମ୍ଭ ହୋଇଛି 'ଅପରେଶନ ସାଇବର କବଚ' ଅଭିଯାନ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ମାତ୍ର ୩ ଦିନରେ ରାଜ୍ୟରେ ମୋଟ ୩୫୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏନେଇ ୩୩ଟି ନୂତନ ସାଇବର ମାମଲା ରୁଜୁ ହୋଇଛି। ଏହି ସମ୍ପର୍କିତ ମାମଲାରେ ୨୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଥିବା ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, 'ଅପରେଶନ ସାଇବର କବଚ' ଅଭିଯାନରେ କେନ୍ଦୁଝରେ ଜିଲା ପୋଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲା ପୋଲିସ ୬୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ ସହ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୌଦ୍ଧ ଜିଲା ପୋଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଥିବା ବେଳେ ୪ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ସେହିପରି ପୁରୀ ଜିଲା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ନବରଙ୍ଗପୁର ଜିଲା ପୋଲିସ ୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ ସହ ୭ଜଣଙ୍କୁ ନୋଟିସ ଜାରି କରିଛି। ସେହିପରି ବରଗଡ଼ ଜିଲା ପୋଲିସ ୮ଟି ଆକାଉଣ୍ଟ ଯାଞ୍ଚ ପରେ ୫ଟି ମାମଲା ରୁଜୁ ଓ ୩ଜଣ ଗିରଫ, ଗଜପତି ଜିଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୫ଜଣଙ୍କୁ ନୋଟିସ, କଳାହାଣ୍ଡି ଜିଲା ପୋଲିସ ୬ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୬ ଜଣଙ୍କୁ ନୋଟିସ କରିଛି। ସେହିପରି ରାୟଗଡ଼ା ଜିଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୩ଟି ମାମଲା ଓ ୩ଜଣଙ୍କୁ ନୋଟିସ ଜାରି କରିଛି। କୋରାପୁଟ ଜିଲା ପୋଲିସ ପକ୍ଷରୁ ୩ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ରୁଜୁ କରି ୩ଜଣଙ୍କୁ ନୋଟିସ ଜାରି କରାଯାଇଛି। ଏହି ଅଭିଯାନ ସମ୍ପୃକ୍ତ ଜିଲାର ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ସାଇବର ଟିମ୍‌ଗୁଡ଼ିକ ସକ୍ରିୟ ସହଯୋଗରେ ଚାଲିଥିଲା। ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା ହେଉଛି 'ଅପରେଶନ ସାଇବର କବଚ'ର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ଜନସାଧାରଣଙ୍କ ଡିଜିଟାଲ ସୁରକ୍ଷା ନିମନ୍ତେ ଓଡ଼ିଶା ପୋଲିସ ସର୍ବଦା ଦୃଢ଼ ସଂକଳ୍ପବଦ୍ଧ ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି।

# ୪ ଘଣ୍ଟା ଅଟକ ରହିଲେ ତହସିଲଦାର

ଇଟାଭାଟି ଭାଙ୍ଗିବାକୁ ଯାଇ ପ୍ରଶାସନ ହଟହଟା

ଚାନ୍ଦବାଲି,୧୭।୨(କିଷାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ନାଲୁଗୁଣ୍ଡା ପଞ୍ଚାୟତର କେତେକ ଜଳନ୍ତା ଇଟାଭାଟି ଭାଙ୍ଗିବାକୁ ଯାଇ ପ୍ରଶାସନକୁ ମଙ୍ଗଳବାର ହଟହଟା ହେବାକୁ ପଡ଼ିଛି। ତହସିଲଦାର ଭବତୋଷ ମଲ୍ଲିକ ଦମକଳ ବାହିନୀ ଓ ପୋଲିସ ଫୋର୍ସ ସାଥିରେ ନେଇ ଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ୪ ଘଣ୍ଟା ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ୨ଟି ଇଟାଭାଟି ଭଙ୍ଗାଯିବା ପରେ ଗ୍ରାମବାସୀ ତହସିଲଦାରଙ୍କୁ ଘେରାଉ କରିଥିଲେ। ବିନା ନୋଟିସ୍‌ରେ ଇଟାଭାଟି ଭାଙ୍ଗିବାକୁ ସେମାନେ ବିରୋଧ କରିଥିଲେ। ଅପରାହ୍ନ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୪ ଘଣ୍ଟା ଧରି ତହସିଲଦାରଙ୍କ ସମେତ ପୋଲିସ ଫୋର୍ସ ଓ ଦମକଳ ବାହିନୀଙ୍କୁ ଲୋକେ ଅଟକ ରଖିଥିଲେ। ଏହାସହ ଭଦ୍ରକ ଚାନ୍ଦବାଲି ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ବିନା ନୋଟିସ୍‌ରେ ଇଟାଭାଟି ଭଙ୍ଗାକୁ ସାଧାରଣ ଲୋକ ଓ ଇଟାଭାଟି ମାଲିକମାନେ ବିରୋଧ କରିବା ସହ ତହସିଲଦାରଙ୍କ ସହ ଯୁକ୍ତିତର୍କ କରିଥିଲେ। ତହସିଲଦାର ଭାଙ୍ଗିବାକୁ ଦୃଢ଼ୋକ୍ତି ପ୍ରକାଶ କରିବାରୁ ଶତାଧିକ ଲୋକ ତାଙ୍କୁ ଘେରିଯାଇଥିଲେ। ଏପରିକି ଫଟୋ ଉଠାଉଥିବା ଖବରଦାତାଙ୍କ ମୋବାଇଲକୁ ଉତ୍ତେଜିତ ଲୋକେ ଛଡ଼ାଇ ନେଇଥିଲେ। ସ୍ଥାନୀୟ ସମିତିସଭ୍ୟ ଅଭୟ କୁମାର ବଳ ଓ କେତେଜଣ ନେତୃତ୍ୱ ପହଞ୍ଚି ତହସିଲଦାରଙ୍କୁ ଯେତିକି ଇଟା ତିଆରି ହୋଇଛି, ସେତିକି ପୋଡ଼ିବା ପାଇଁ ଅନୁମତି ଦେବାକୁ କହିଥିଲେ। ତହସିଲଦାର ସେଥିରେ ସହମତି ପ୍ରକାଶ କରିବା ପରେ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇବା ସହ ଅଟକ ଗାଡ଼ି ଓ ଦମକଳ ବାହିନୀକୁ ଛାଡ଼ିଥିଲେ। ଏନେଇ ତହସିଲଦାର ମଲ୍ଲିକ କହିଛନ୍ତି, ୧୧ଟି ବେଆଇନ ଇଟାଭାଟି ଭାଙ୍ଗିବାକୁ ଯାଇଥିଲେ। ୨ଟି ଭାଟି ଭାଙ୍ଗିବା ପରେ କେତେଜଣ ଇଟାଭାଟି ମାଲିକ ଯୁକ୍ତିତର୍କ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ଇଟାଭାଟି ମାଲିକମାନେ ଆଉ ଇଟା ତିଆରି କରିବେ ନାହିଁ ବୋଲି ୧୦ ଦିନ ସମୟ ମାଗିଛନ୍ତି। ଏହାକୁ ଅବମାନନା କଲେ ଦଣ୍ଡିତ ହେବେ ବୋଲି କହିଛନ୍ତି।

# ଶାଶୁଙ୍କ ମୃତ୍ୟୁ ଖବର ଶୁଣି ଆଖି ବୁଜିଲେ ବୋହୂ

ନୀଳଗିରି,୧୭।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁଙ୍କ ମୃତ୍ୟୁ ଖବର ଶୁଣି ବୋହୂ ଆଖି ବୁଜିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ନୀଳଗିରି ଏନ୍‌ଏସି ୨ନଂ. ୱାର୍ଡ଼ ଅଧୀନ ଘାଟଘରସାହି ଅଞ୍ଚଳର ଉତ୍ତରା ଜେମାଦେବୀ (୮୮) ରକ୍ତହୀନତା ପାଇଁ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ରବିବାର ରାତି ୧୦ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍‌ପିଟାଲରେ ଶାଶୁଙ୍କ ନିକଟରେ ତାଙ୍କ ବୋହୂ ସୁସ୍ମିତା ଜେମାଦେବୀ(୫୪) ରହି ଦେଖାଶୁଣା କରୁଥିଲେ। ସୋମବାର ଶାଶୁଙ୍କ ମରଶରୀରକୁ ଘାଟଘରସାହି ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅନ୍ୟପକ୍ଷେ ଶାଶୁଙ୍କ ମୃତ୍ୟୁ ଖବରକୁ ସହଜରେ ଗ୍ରହଣ କରି ନ ପାରି ବୋହୂ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମରଶରୀରକୁ ମଧ ଘାଟଘରସାହି ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଚନ୍ଦ୍ରକାନ୍ତ ବୀରବରଙ୍କ ସହ ପୁଅ ରିତେଶ ବୀରବର, ଝିଅ ରିତା ଜେମାଦେବୀ, ଜ୍ୱାଇଁ, ନାତି, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରିର ବହୁ ବିଶିଷ୍ଟ ବ୍ୟକ୍ତି ଘାଟଘରସାହିସ୍ଥିତ ବାସଭବନରେ ଶେଷଦର୍ଶନ କରିବା ସହ ତାଙ୍କ ଶବାଧାରରେ ସାମିଲ ହୋଇଥିଲେ। ପୁଅ ରିତେଶ ମୁଖାଗ୍ନି ଦେଇଥିଲେ।


ସୁସ୍ମିତା ଜେମାଦେବୀ।


# Classified Everyday
0674-2580101, 9692975378




## BRIDE WANTED

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

51ବର୍ଷ, State Govt. Job, ଦରମା- 66,000/- ମହିଳାଙ୍କୁ, ବିଧବା, ଛାଡପତ୍ର, ଅବିବାହିତ ଘରଜ୍ୱାଇଁ, Retired, Business man, ସନ୍ତାନ ଥିବା ବର ଆବଶ୍ୟକ। 9893110656. D-3415

## GROOM WANTED

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/ Unmarried ପୁଅ ଦରକାର। 9776705242. D-3391

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389


Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392




## SALE

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack.Price- 1.35 Cr Mob- 9778194441.** D-3370

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348




2 Office space- 1. 2150 sqft. in 1st floor, 2. 780 sqft. in 2nd floor fully furnished office, at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845/ 7504050186. D-3413




All types of physiotherapy and massage contact 9556924059 / 7656969134. D-3416

## LOST

ମୁଁ, ଶ୍ରୀ ସରୋଜ କୁମାର ସାହୁ, ପିତା- ଭାସ୍କର ଚନ୍ଦ୍ର ସାହୁ, ବାସିନ୍ଦା- ସ୍ଥାନ/ପୋଷ୍ଟ- ଚୋରମରା, ଥାନା- ସିଙ୍ଗଲା, ଜିଲ୍ଲା- ବାଲେଶ୍ୱର, ପିନ୍-୭୫୬୦୮୬ ଘୋଷଣା କରୁଛି ଯେ ତା୧୨।୦୧।୨୦୨୬ରିଖରେ ମୋର ପିତା ନୂଆବଜାର, ଜଳେଶ୍ୱରକୁ ଯାତ୍ରା କରୁଥିବା ସମୟରେ ଶ୍ରୀଯୁକ୍ତ ଗୋଲକ ବିହାରୀ ଦାସମହାପାତ୍ର ଓ ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସଙ୍କ ମଧ୍ୟରେ ସ୍ୱାକ୍ଷରିତ ମୂଳ ଲିଙ୍କ୍ ପଞ୍ଜୀକୃତ ବିକ୍ରି କବଲା, ଦସ୍ତାବିଜ ନଂ. ୧୦୦୯୨୬୦୧୩୪୨, ତା.୨୯।୦୬।୨୦୧୬ କେଉଁଠାରେ ହଜିଯାଇଛି। ଯଦି କେହି ଉକ୍ତ ଦସ୍ତାବିଜର ସନ୍ଧାନ ପାଇଥାନ୍ତି, ଦୟାକରି ଆମ ଓକିଲଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଶ୍ରୀଯୁକ୍ତ ବିମଳ କୁମାର ସେନ୍, ମୋ. ୭୯୭୮୩୭୫୫୪୨। ଧ-୩୪୧୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Notary Public, Rayagada bearing No.- 110, Dtd.- 05.01.2026, I, RASMI REKHA PRADHAN, W/o.- Lt. Prabhat Pradhan residing At- R.K. Nagar, P.O./P.S./Dist.- Rayagada that I am solemnly affirm and state that my actual name is "Rasmi Rekha Pradhan'' as per Aadhaar No. xxxx xxxx 8565 and Pan Card No. xxxx 690B. But my name has been wrongly mentioned as "Rakha Pradhan" in my husband's UTI mutual fund, Rayagada vide folio No. xxxx 0613 as nominee. I do hereby declared that Rasmi Rekha Pradhan, W/o.-Lt. Prabhat Pradhan and Rakha Pradhan, W/o.- Lt. Prabhat Pradhan is one and same person i.e. myself.
Deponent
Rasmi Rekha Pradhan
D-3410

I, Jogamaya Jena, W/o.- Goutam Kumar Jena, At- Ria, P.O.- Simulia, P.S.- Simulia, Dist.- Balasore, PIN- 756126, Odisha. On 12.01.2026 Court of the Executive Magistrate, Soro, affidavit No.- 84, I declare that now onwards I shall be known as Jogamaya Jena for all future purpose. D-3411


By an affidavit No. 265, sworn before the Executive Magistrate, Simulia, Balasore, dated 19.01.2026, I, Arjun Lenka resident of Kusunkharji, Bari, Simulia, Balasore declare that in my postal RPLI policy bearing No. R-OR-EA-16393 my name is recorded as Ajay Kumar Lenka instead of Arjun Lenka. Henceforth, both Arjun Lenka and Ajay Kumar Lenka is one and same person for all purposes. D-3409

By virtue of an affidavit sworn before Executive Magistrate, Loisingha, Dated- 17.02.2026, I, Sri Radhakanta Naik, S/o.- Kamal Naik of Res./ Village- Thakurapali, P.O.- Sargad, P.S.- Balangir Sadar, PIN No.- 767020 declare that I have changed the name of my son from NIBASH NAIK to SHRINIBASH NAIK. Henceforth, He shall be known as SHRINIBASH NAIK for all purposes.
Radhakanta Naik
D-3412

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ପ୍ରଫେସର ଡଃ ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ, ପୁରୀ
(୩୧୬- ଏ, ସହିଦ୍ ନଗର)
ଆବିର୍ଭାବ- ୨୩।୧୧।୧୯୨୪
ତିରୋଧାନ- ୦୯।୦୩।୨୦୧୬

ଦଶଟି ବରଷ ବିତି ତ ଗଲାଣି
ମନ ବୁଝୁ ନାହିଁ ଏବେ,
ସ୍ନେହ ମମତାର ଅଦ୍ଭୁତ ବନ୍ଧନ
ଭୁଲି ପାରୁନାହୁଁ କେବେ।
ତୁମ ଆଶୀର୍ବାଦ ସଦା ରହି ଥାଉ
ଏ ଜୀବନ ଥିବା ଯାଏ,
ପ୍ରଭୁ ଶ୍ରୀଚରଣେ ଏତିକି ବିନତି
ତୁମ ପରିବାର ଚାହେଁ।

-:ଶୋକସନ୍ତପ୍ତ:-
ପୁତ୍ରକନ୍ୟା, ବଧୂ, ଜାମାତା ଓ ପରିବାର।
ଧ-୩୩୮୬

ଧରିତ୍ରୀ
DHARITRI
କୃଷି ଜୀବନ
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୮/୨୦୨୬ Bhubaneswar, Wednesday, February 18/ 2026

## ଫଳ ଚାଷ

ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା: ଆମ୍ବ, ନଡ଼ିଆ,କଦଳୀ,କାଜୁବାଦାମ,ପିଜୁଳି, ସପେଟା,ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ, ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।



## ପୋଟଳ ଚାଷ କରୁଥିଲେ...

ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



## ମିଶ୍ରିତ ଫସଲ ଚୟନ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ସୂର୍ଯ୍ୟମୁଖୀ ଚାଷ



ଡ. ପରେଶ କୁମାର ପଣ୍ଡା

ତୈଳବୀଜ ଉତ୍ପାଦନରେ ସୂର୍ଯ୍ୟମୁଖୀର ଭୂମିକା ଭାରି ଗୁରୁତ୍ୱପୂର୍ଣ୍ଣ। ଏଥିରେ ପ୍ରଚୁର ପରିମାଣର ଜୀବନଶକ୍ତି ବା ଖାଦ୍ୟପ୍ରାଣ ରହିଛି। ତାହାକୁ ନିତ୍ୟ ବ୍ୟବହାର କରି ମାନବ ସୁସ୍ଥ ଓ ଦୀର୍ଘାୟୁ ହୋଇଥାଏ। ଏଥିରେ ୨୦.୮ ପ୍ରତିଶତ ପୁଷ୍ଟିସାର ସହିତ ୫୦ ପ୍ରତିଶତ ସ୍ନେହସାର ଥିବାରୁ ଖାଇବା ତେଲ ଉତ୍ପାଦନରେ ଏବଂ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ଏହାର ପ୍ରମୁଖ ଭୂମିକା ରହିଛି। ଆହୁରି ମଧ୍ୟ ଏହାର ତେଲ ଖାଉଥିବା ବ୍ୟକ୍ତିଙ୍କର କୋଲେଷ୍ଟରଲ, ହୃଦ୍‌ରୋଗ ଓ ରକ୍ତନଳୀଜନିତ ରୋଗ ଆଶଙ୍କା କମ୍ ଥାଏ। ଏହି ତେଲରେ ଅଧିକ ପରିମାଣର ଭିଟାମିନ୍–'ଏ', 'ଡି' ଏବଂ 'ଇ'ରହିଥାଏ। ସୂର୍ଯ୍ୟମୁଖୀର ପିଡ଼ିଆରେ ପୁଷ୍ଟିସାରର ମାତ୍ରା ଅଧିକ ଥିବାରୁ ତାହାକୁ ଉତ୍ତମ ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏହାର ଚାଷ କ୍ରମେ ଲୋକପ୍ରିୟ ହୋଇ ଆମ ରାଜ୍ୟର ପ୍ରାୟ ସବୁ ଜିଲାରେ ଚାଷ କରାଗଲାଣି।

**ଜଳବାୟୁ, ମୃତ୍ତିକା ଓ କିସମ**

ସୂର୍ଯ୍ୟମୁଖୀ ୮ରୁ ୩୪ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ ଅନୁଭୂତ ହେଉଥିବା ଅଞ୍ଚଳରେ ଚାଷ ହୋଇଥାଏ। ଏପରି ସମୟରେ ବୁଣାହେବା ଆବଶ୍ୟକ, ଯଦ୍ୱାରା ଫୁଲ ଫୁଟିବା ଓ ଦାନା ପୂରଣ ଅବସ୍ଥାରେ ଲଗାତର ବର୍ଷା ହେଉ ନ ଥିବ କିମ୍ବା ବାୟୁମଣ୍ଡଳୀୟ ଉତ୍ତାପ ୩୮୦ ସେଲ୍‌ସିୟସରୁ ଅଧିକ ନ ଥିବା ଆବଶ୍ୟକ। ପ୍ରାଥମିକ ଅବସ୍ଥାରେ ଗଜା ଓ ଗଛର ବୃଦ୍ଧି ପାଇଁ ଥଣ୍ଡାପାଗ ଭଲ। ଗଛଗୁଡ଼ିକ ୪–୬ ପତ୍ର ହେବା ପର୍ଯ୍ୟନ୍ତ ଅଳ୍ପ ପରିମାଣର କୁହୁଡ଼ି ମଧ୍ୟ ସହ୍ୟ କରିପାରେ। ଏହାର ଫୁଲ ହେବା ସମୟରେ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି। ଶୀଘ୍ର ଜଳ ନିଷ୍କାସନ ହୋଇପାରୁଥିବା ନିଗିଡ଼ା,ଦୋରସା ଓ ପଟୁ ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ। ଏହାର ହାଲୁକା ଲୁଣା ସହଣୀ ଶକ୍ତି ମଧ୍ୟ ରହିଛି। ଅମ୍ଳ ମାଟିରେ ସୂର୍ଯ୍ୟମୁଖୀ ଫସଲ ଭଲ ହୋଇ ନ ଥାଏ। ବର୍ଷାଋତୁରେ ବାଲିଆ ଦୋରସା ମାଟିରେ ଏହାର ଚାଷ କରାଯାଇଥାଏ। ଶୀତ ଓ ଖରାଟିଆ ଫସଲ ପାଇଁ ମଟାଳିଆ ବା ଦୋରସା ମାଟିରେ ସୂର୍ଯ୍ୟମୁଖୀ ଚାଷକରିବା ଭଲ।

**ଉନ୍ନତ କିସମ**

ସୂର୍ଯ୍ୟମୁଖୀର ଉନ୍ନତ କିସମ ହେଲା– ସନ୍‌ରାଇଜ, ମରଡେନ୍, ଇ.ସି.–୬୮୪୧୪, ଇ.ସି.–୬୮୪୧୫, ଡି.ଆର୍.ଏଫ୍.ଏସ୍.–୧୦୮ ଓ ଡି.ଆର୍. ୟଏଫ୍.ଏସ୍.–୧୧୩। ସଙ୍କର କିସମ ହେଲା–ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୧, ଡି.ଆର୍. ଏସ୍. ଏଚ୍.–୧, ଏମ୍.ଏସ୍. ଏଫ୍.ଏଚ୍.–୧୭,ଏମ୍.ଏସ୍. ଏଫ୍.ଏଚ୍.–୮, ଜ୍ୱାଲା ମୁଖୀ, ପି.ଏ.ସି.–୩୦୮, ପି.ଏ.ସି.–୧୦୯୧,ଏମ୍.ଏଲ୍.ଏସ୍.ଏ୍‌ଫ.ଏଚ୍.–୪୭, କେ.ବି.ଏସ୍.ଏଚ୍.–୪୪, ସନ୍‌ଜିନି–୮୫ ଓ ପ୍ରୋ.ସନ.–୦୯ ଆଦି। ଅନ୍ୟପକ୍ଷରେ ମରଡେନ୍ ଓ ଏ.ବି.ଏସ୍.ଏଚ୍.–୧ (ଅମଳ–୯୦ ଦିନ), ପ୍ରୋ.ସନ–୦୯ (ଅମଳ–୯୫ଦିନ), କେ.ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୪୪, ଏମ୍.ଏସ୍. ଏଫ୍.ଏଚ୍.–୮ ଓ ଏମ୍.ଏଫ୍.ଏସ୍.ଏଚ୍.–୧୭ (ଅମଳ ୧୧୦ ଦିନ)ର କିସମରୁ ମଧ୍ୟ ଭଲ ଅମଳ ମିଳିଥାଏ। ବିଶେଷଭାବରେ ମରଡେନ୍, ପି.ଏ.ସି.–୩୬, କେ.ବି.ଏସ୍.ଏଚ୍.–୧ ଓ କେ.ବି.ଏସ୍.ଏଚ୍.–୪୪ ଓଡ଼ିଶା ମାଟି ପାଇଁ ବେଶି ଉପଯୋଗୀ।

> ''ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭୀରିଆ ୩ ଓଡ଼ ଚାଷ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଉଚିତ। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୩୦ସେ.ମି. ଦୂରତା ଓ ୨–୪ସେ.ମି. ଗଭୀର ରହିବା ଉଚିତ। କିନ୍ତୁ ସଙ୍କରଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନ ରଖାଯାଏ।''



**ବିହନ ବୁଣିବା ଓ ଖତସାର ପ୍ରୟୋଗ**

ଖରିଫ୍ ଋତୁରେ ଜୁଲାଇ ୧୫ ମଧ୍ୟରେ ରବି ଋତୁରେ ନଭେମ୍ବର ୧୫ ସୁଦ୍ଧା ଓ ଖରାଟିଆ ଚାଷ ପାଇଁ ଜାନୁଆରୀରୁ ଫେବୃଆରୀ ମଧ୍ୟରେ ବିହନ ବୁଣାଯାଇଥାଏ। ଉନ୍ନତ କିସମ ବିହନ ଏକର ପ୍ରତି ୪ କି.ଗ୍ରା .ଓ ସଙ୍କର କିସମ ବିହନ ଏକର ପ୍ରତି ୨ କି.ଗ୍ରା. ଦରକାର। ମେଟାଲାକ୍ସିଲ୍ ୬ ଗ୍ରାମରେ ୧କି.ଗ୍ରା. ବିହନ ବିଶୋଧନକଲେ ନିମ୍ନମୁଖୀ ପାଉଁଶିଆ ରୋଗ ଦାଉରୁ ଫସଲ ରକ୍ଷା ପାଇଥାଏ। ଶୁଷ୍କାଞ୍ଚଳରେ ଶୀଘ୍ର ଗଜା ଆସିବା ଓ ଗଛ ସଂଖ୍ୟା ଆବଶ୍ୟକ ରଖିବା ନିମନ୍ତେ ସଜ ପାଣିରେ ୧୦ ଘଣ୍ଟା ପର୍ଯ୍ୟନ୍ତ ମଞ୍ଜିକୁ ଭିଜାଇବାକୁ ପଡ଼ିଥାଏ। ବିହନଜନିତ ରୋଗରୁ ଫସଲକୁ ରକ୍ଷା କରିବା ପାଇଁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ ଥିରାମ ବା କ୍ୟାପ୍‌ଟେନ୍ କିମ୍ବା ୪ଗ୍ରାମ ଟ୍ରାଇକୋଡର୍ମାଭ ଭିରିଡେ ମିଶାଇ ବିହନ ବିଶୋଧନ କରିବା ଆବଶ୍ୟକ। ବିହନକୁ କି.ଗ୍ରା. ପ୍ରତି ୫–୭ ଗ୍ରାମ ଇମିଡାକ୍ଲୋପ୍ରିଡ୍‌ରେ ବିଶୋଧନ କଲେ ପତ୍ର ଉକୁଣି ପୋକ ଲାଗିବା କମିଯାଏ। ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭୀରିଆ ୩ ଓଡ଼ ଚାଷ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଉଚିତ। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୩୦ସେ.ମି. ଦୂରତା ଓ ୨–୪ସେ.ମି. ଗଭୀର ରହିବା ଉଚିତ। କିନ୍ତୁ ସଙ୍କରଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନ ରଖାଯାଏ। ସୂର୍ଯ୍ୟମୁଖୀ ମଞ୍ଜିର ଚୋପା ଟାଣ ହୋଇଥିବାରୁ ଗଜାହେବାରେ ଅସୁବିଧା ହୋଇଥାଏ। ଆଶାନୁରୂପ ଅମଳ ପାଇବା ନିମନ୍ତେ ଗଜା ଉଠିବାର ୧୦–୧୫ଦିନ ବେଳକୁ ବୁଦା ପ୍ରତି ୧ଟି କରି ସୁସ୍ଥ ଗଛ ରଖି ବାକି ସବୁ ଗଛ ଉପାଡ଼ି ଦିଆଯାଏ।

ଏକ କୁଇଣ୍ଟାଲ ସୂର୍ଯ୍ୟମୁଖୀ ମଞ୍ଜି ପାଇବାକୁ ମୃତ୍ତିକାରୁ ପ୍ରାୟ ୬.୩ କି.ଗ୍ରା. ଯବକ୍ଷାରଜାନ, ୧.୯ କି.ଗ୍ରା. ଫସ୍‌ଫରସ, ୧୨.୬ କି.ଗ୍ରା. ପଟାସ୍, ୧.୨ କି.ଗ୍ରା . ଗନ୍ଧକ ଓ ୬.୮ କି.ଗ୍ରା. କ୍ୟାଲ୍‌ସିୟମ ଇତ୍ୟାଦି ଗ୍ରହଣ କରିଥାଏ। ତେଣୁ ମୃତ୍ତିକା ପରୀକ୍ଷା ଭିତ୍ତିରେ ଖାଦ୍ୟସାର ପ୍ରୟୋଗ ଜରୁରୀ। ଏକର ପ୍ରତି ୭୦–୮୦ କୁଇଣ୍ଟାଲ ଶଢ଼ା ଖତ ବୁଣିବାର୨–୩ ସପ୍ତାହ ପୂର୍ବରୁ ପ୍ରୟୋଗକଲେ ଭଲ। ଏକର ପ୍ରତି ଖତ ସହ ଜୀବାଣୁସାର–ଆଜୋଟୋବ୍ୟାକ୍ଟର ସହ ପିଏସ୍‌ବିର ମିଶ୍ରିତ ଜୀବାଣୁ କଲ୍‌ଚର ଗୁଣ୍ଡ ୪.୮ କି.ଗ୍ରା. ଖତ ସହ ୧:୨୫ ଅନୁପାତରେ ଗୋଳାଇ ମଞ୍ଜି ବୁଣିବା ସମୟରେ ବିହନ ପାଖରେ ପ୍ରୟୋଗ କଲେ ରାସାୟନିକ ସାରର ଆବଶ୍ୟକତା କମ୍ ହୋଇ ଫସଲ ଭଲ ବଢ଼ିବା ସହ ଅଧିକ ଅମଳ ମିଳିଥାଏ। ଜଳସେଚିତ ଫସଲରେ ଉନ୍ନତ କିସମ ପାଇଁ ଏକର ପ୍ରତି ୨୪:୨୪:୧୬ ଏନ୍‌ପିକେ ଦରକାର ହୁଏ। ଏହି ୨୪:୨୪:୧୬ କି.ଗ୍ରା. ପୋଷକ ପାଇବାକୁ ହେଲେ ଡିଏପି ୫୨ କି.ଗ୍ରା.+ୟୁରିଆ ୩୨କି.ଗ୍ରା.+ ପଟାସ୍ ସାର ୨୭କି.ଗ୍ରା. ଦିଆଯାଏ। (କ୍ରମଶଃ...)

–କୃଷି ଜିଲା ଅଧିକାରୀ,
ସାକ୍ଷୀଗୋପାଳ,ପୁରୀ
ମୋ : ୯୪୩୭୧୧୨୭୦୪


## ଅଳ୍ପରେ...



- କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା: ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଢଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣା, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩–୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିକପାରନ୍ତି।

## ଡାଲି ଜାତୀୟ ଫସଲ

ଛୁଇଁ ୮୦–୮୫ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



# ପନିପରିବା ଚାଷ

ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁଜାତୀୟ ପନିପରିବା ଯଥା: କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨–୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ଦିନର ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ। ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।



# ଆନ୍ଥ୍ରାକ୍ସ ରୋଗ


(ଶେଷ ଭାଗ)

**ରୋଗ ଚିହ୍ନିବା ପ୍ରଣାଳୀ :** ଆନ୍ଥ୍ରାକ୍ସ ରୋଗର ଲକ୍ଷଣ ଓ ରୋଗର ଇତିବୃତ୍ତ ଅନୁଯାୟୀ ଡଅଁରମରା ବା କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମର ଅଭାବଜନିତ ରୋଗ, ଯକୃତ କୃମି, ବିଦ୍ୟୁତ୍ ଆଘାତ, ବିଷାକ୍ତ ପଦାର୍ଥ ଖାଇବା ପ୍ରଭୃତିରେ ଗୋରୁ ହଠାତ୍ ମରିଯାଆନ୍ତି । ତେଣୁ ପ୍ରଥମେ ଏହି ରୋଗର ଚିହ୍ନଟ ଲକ୍ଷଣ ଅନୁସାରେ ଅନ୍ୟ ରୋଗଠାରୁ ଅଲଗା କରିବା ଉଚିତ । ଏହି ରୋଗର ମୁଖ୍ୟ ଲକ୍ଷଣଗୁଡ଼ିକ ହେଲା – ପ୍ରାଣୀଙ୍କର ଜ୍ୱର ୧୦୬–୧୦୭ ଡିଗ୍ରୀ ଫାରେନ୍‌ହିଟ୍ ବୃଦ୍ଧିହେବା, ବେକର ତଳ ଅଂଶ ଫୁଲିବା, ଶରୀରର ବିଭିନ୍ନ ଦ୍ୱାରଦେଶ ଯଥା – ନାକ, ମଳଦ୍ୱାର, କାନ, ଆଖି ଆଦିରୁ ରକ୍ତ ବାହାରିବା। ଜ୍ୱର ସମୟରେ ରକ୍ତ ଗ୍ରାମସ୍ କିମ୍ବା ଜିମ୍‌ସା ଷ୍ଟେନ୍‌ରେ ଷ୍ଟେନିଂ କଲାପରେ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ଜୀବାଣୁ ଚିହ୍ନଟ କରାଯାଇଥାଏ।

**ଆସ୍‌କୋଲି ପ୍ରେସିପିଟେସନ୍ ପରୀକ୍ଷା**

ଆକ୍ରାନ୍ତ ପ୍ରାଣୀ କାନକୁ ନେଇ କ୍ଷୁଦ୍ର କରି ଗରମ କଲାପରେ ଗୋଟିଏ ଟେଷ୍ଟଟ୍ୟୁବ୍‌ରେ ଜଣା ଆଣ୍ଟିସରମ୍ ସହିତ ଏହି ମିଶ୍ରିତ ଅଂଶକୁ ତାହା ଉପରେ ରଖିଲେ ଏକ ବ୍ରାଣ୍ଡ ବା ଧଳାସ୍ତର ମଝିରେ ସୃଷ୍ଟି ହୁଏ ଏବଂ ପ୍ରାଣୀଟିକୁ ଆନ୍ଥ୍ରାକ୍ସ ହୋଇଛି ବୋଲି ଜଣାପଡ଼େ।

**ଲାସମାଇନା ପରୀକ୍ଷା :** ମୃତ ପ୍ରାଣୀର ପ୍ଲୀହା ବୃଦ୍ଧି ୨–୩ ଗୁଣରେ ହେବା ସହ ରକ୍ତ ଜମାଟ ବାନ୍ଧେ ନାହିଁ। ଅନ୍ତଃନଳୀରେ ରକ୍ତକ୍ଷରଣ ଓ ଲାଲ୍ ଦିଶେ ଏବଂ ରକ୍ତଯୁକ୍ତ ଲାଳ ଲାଗିକରି ଥାଏ । ଶରୀରର ଛାତି, ପେଟରେ ଜମାଟ ନ ବାନ୍ଧିଥିବା ରକ୍ତମିଶ୍ରିତ ପାଣି ଜମି ରୁହେ । ନାକ, ପାଟି, ମଳଦ୍ୱାର, ପ୍ରସବଦ୍ୱାରରୁ ରକ୍ତ ବାହାରେ। ମୃତଶରୀର ଲାଠି ନ ହୋଇ ଖୁବ୍ ଶୀଘ୍ର ପଚିଯାଏ । ଶରୀରର ବିଭିନ୍ନ ଅଂଶରେ ରକ୍ତଯୁକ୍ତ କ୍ଷତଚିହ୍ନ ସୃଷ୍ଟିହୁଏ ।



ଆନ୍ଥ୍ରାକ୍ସରେ ଗୋରୁ ଖୁବ୍ ଶୀଘ୍ର ମୃତ୍ୟୁବରଣ କରୁଥିବାରୁ ସେମାନଙ୍କ ଚିକିତ୍ସା ସମ୍ଭବ ହୁଏ ନାହିଁ । ଯଦି ପ୍ରାଣୀଟି ଆକ୍ରାନ୍ତ ହୋଇ ବଞ୍ଚିଥାଏ, ତା'ହେଲେ ଅକ୍ସିଟେଟ୍ରାସାଇକ୍ଲିନ୍ ଇଞ୍ଜେକସନ୍ ଦ୍ୱାରା ଅନ୍ୟୂନ ୫ଦିନ ପର୍ଯ୍ୟନ୍ତ ଚିକିତ୍ସା କରାଇଲେ ରୋଗ ଭଲ ହେବା ଆଶା ରହିଥାଏ । ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ଯଥା– ପେନ୍‌ସିଲିନ୍, ଷ୍ଟେପ୍‌ଟୋମାଇସିନ୍ ଦ୍ୱାରା ମଧ୍ୟ ଚିକିତ୍ସା କଲେ ସୁଫଳ ମିଳେ ।

**ରୋଗ ନିୟନ୍ତ୍ରଣ :** ଆନ୍ଥ୍ରାକ୍ସ ଗୃହପାଳିତ ପ୍ରାଣୀଙ୍କର କ୍ଷତି କରିବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ମଧ୍ୟ ଆକ୍ରମଣକରି ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହି ରୋଗର ନିୟନ୍ତ୍ରଣ ପାଇଁ ସବୁପ୍ରକାର ପଦକ୍ଷେପ ନେବା ଉଚିତ। ଆକାନ୍ତ ପ୍ରାଣୀକୁ ପ୍ଲୀହାଜ୍ୱର ନ ଥିବା ସ୍ଥାନମାନଙ୍କୁ ନେବା ଉଚିତ ନୁହେଁ। ଆନ୍ଥ୍ରାକ୍ସ ପ୍ରାଦୁର୍ଭାବ ଅଞ୍ଚଳରୁ ନଡ଼ା, ପାଣି ପ୍ରଭୃତି ଆଣି ସୁସ୍ଥ ପ୍ରାଣୀଙ୍କୁ ଖୁଆଇବା ପାଇଁ ବାରଣ କରିବା ଉଚିତ । ରୋଗ ଦେଖାଦେଉଥିବା ଅଞ୍ଚଳରେ ପ୍ରାଣୀମାନଙ୍କୁ ପ୍ରତିଷେଧକ ଟିକା ଦେଇ ରୋଗକୁ ଦମନ କରିବା ଉଚିତ ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରିବା ଉଚିତ । ମୃତ ପ୍ରାଣୀର ଶବକୁ ବ୍ୟବଚ୍ଛେଦ କରିବା ଉଚିତ ନୁହେଁ ଏବଂ ଏହାକୁ ମାଟିରେ ଗଭୀର ଗର୍ତ୍ତକରି ପୋତିଦେବା ଉଚତ। ପୋତିବା ସମୟରେ ଚୂନ ଓ ଲୁଣ ପ୍ରୟୋଗ କରିବା ଉଚିତ । ସଂକ୍ରମିତ ସ୍ଥାନ ବା ଗୁହାଳରେ ଫର୍‌ମାଲିନ୍, ଫିନାଇଲ୍ ଦ୍ୱାରା ବିଶୋଧନ କରାଯିବା ଉଚିତ। ଚମଡ଼ା କାରଖାନା, ସାର କାରଖାନା, ପଶମ ଓ ଲୋମ କାରଖାନାରେ ଅଲ୍‌ଟ୍ରା ଭାଓଲେଟ୍ ଲାଇଟ୍ ବା ଗାମା ବିକିରଣ ଦ୍ୱାରା ବିଶୋଧନ କରାଯିବା ଆବଶ୍ୟକ।

–ଡା. ବୀରକିଶୋର ପରିଡ଼ା,
ମୋ : ୯୪୩୭୬୦୭୩୧୨



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ